R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୨୧
ତିଥି : ଷଷ୍ଠୀ
୨୯ ଅଗଷ୍ଟ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 321
29 Aug 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ବୋଝ

# ୩୦% କ୍ଷତି ସହିବ ହୀରା ଶିଳ୍ପ

ନୂଆଦିଲ୍ଲୀ, ୨୮ ।୮ : ଭାରତରୁ ଆମେରିକା ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ସମୁଦାୟ ଲଗାଇଥିବା ୫୦% ଶୁଳ୍କର ପ୍ରଭାବ ବିଶେଷକରି ସାମୁଦ୍ରିକ ଖାଦ୍ୟ ଓ ହୀରା ପଲିସ ଶିଳ୍ପ ଉପରେ ପ୍ରଭାବ ପକାଇବ । ହୀରା ପଲିସ ଶିଳ୍ପର ବାର୍ଷିକ କ୍ଷତି ୨୮ ରୁ ୩୦% ହେବ ବୋଲି ସିଆରଆଇଏସଆଇଏଲ୍ ଆକଳନ କରିଛି ।



ସେହିଭଳି ସାମୁଦ୍ରିକ ଖାଦ୍ୟ ଓ ଫ୍ରୋଜନ ଫୁଡ୍ ରପ୍ତାନୀ କରୁଥିବା ସଂସ୍ଥାଗୁଡ଼ିକ ମଧ୍ୟ ବ୍ୟାପକ କ୍ଷତି ସହିବେ । ପ୍ରାୟ ୧୧%ରୁ ଅଧିକ କ୍ଷତି ହେବ ବୋଲି ଆକଳନ କରାଯାଇଛି । ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ ପ୍ରାୟ ୫୦%ରୁ ଅଧିକ ରପ୍ତାନୀ ଆମେରିକାକୁ ହୋଇଥାଏ । ଅତିରିକ୍ତ ଟିକସ ଯୋଗୁ ଏବେ ଆମେରିକାର କମ୍ପାନୀମାନେ ଦେଇଥିବା ଅର୍ଡରକୁ ବାତିଲ କରୁଛନ୍ତି । କାରଣ ଉପଭୋକ୍ତାଙ୍କ ଉପରେ ଅଧିକ ମୂଲ୍ୟ ପଡିବ । ଆମେରିକା ବଜାରରୁ ୫୦ ରୁ ୬୦% ରାଜସ୍ୱ କେବଳ ସିଫୁଡ୍ ସାମଗ୍ରୀ ଉପରୁ ଆସିଥାଏ । ଲକ୍ଷ୍ମୀଶ୍ରୀ ରିସର୍ଚ୍ଚର ଅଂଶୁଲ ଜେନ୍‌ଙ୍କ କହିବାନୁଯାୟୀ ଗତ କିଛିଦିନ ହେବ ଏବେ ଏହା ପ୍ରତିଫଳିତ ହେବାରେ ଲାଗିଛି । ଅବନ୍ତି କିଡ୍ସ୍‌ର ସେୟାର ବଜାର ମୂଲ୍ୟ ୪% ହ୍ରାସ ପାଇଛି । ଆମେରିକା କମ୍ପାନୀମାନେ ଏବେ ଅର୍ଡରକୁ ବାତିଲ କରୁଛନ୍ତି । ସେହିଭଳି ସିଆରଆଇଏସଆଇଏଲର ତଥ୍ୟ ଅନୁଯାୟୀ ୪୩ ହୀରା ପଲିସ

### ସାମୁଦ୍ରିକ ଖାଦ୍ୟର କ୍ଷତି ହେବ ୧୧%

କରୁଥିବା ସଂସ୍ଥାଗୁଡ଼ିକଙ୍କ ଏକ ଚତୁର୍ଥାଂଶ ରାଜସ୍ୱ କ୍ଷତି ସହିବ । ହୀରା ଶିଳ୍ପଗୁଡ଼ିକ ଆମେରିକାକୁ ରପ୍ତାନୀ ମାଧ୍ୟମରେ ୮୦% ରାଜସ୍ୱ ପାଇଥାନ୍ତି । ପ୍ରାୟ ୩୫% ରପ୍ତାନୀ ହୋଇଥାଏ । ଏହି ସପ୍ତାହରୁ ୫୦% ଶୁଳ୍କ ଲାଗୁ ହୋଇଛି । ଫଳରେ ବିକ୍ରି ଉପରେ (୯ ପୃଷ୍ଠାରେ)

# ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮ ।୮ (ସବ୍ୟୁ) : କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଦେଶବାସୀ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । କୃଷି ପ୍ରତି ସମ୍ମାନ ଓ କୃଷକଙ୍କ ପ୍ରତି କୃତଜ୍ଞତା ହେଉଛି ଏହି ପର୍ବର ବିଶେଷତ୍ୱ । ଏହା ଆମ ବନ୍ଧୁତ୍ୱ ଓ ଆତ୍ମୀୟତାର ପ୍ରତିକ ମଧ୍ୟ । ନୂଆଁଖାଇ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧ ଭରିଦେଉ ଏହା ମୋର କାମନା ।



ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି । ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଏହି ଲୋକପ୍ରିୟ ପର୍ବ କୃଷକମାନଙ୍କ ପ୍ରତି ଆମର ଗଭୀର କୃତଜ୍ଞତାକୁ ସ୍ମରଣ କରାଏ । ଯାହାଙ୍କ କଠିନ ପରିଶ୍ରମ ଆମ ସମସ୍ତଙ୍କୁ ଭରଣପୋଷଣ କରେ । ପ୍ରତିଟି ଘରେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଓ ଖୁସି ବିରାଜମାନ କରୁ ।

ସେହିଭଳି ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତାରେ କହିଛନ୍ତି ଯେ ନୂଆଁଖାଇ ହେଉଛି ଆମର ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ । ପରିବାର ସଦସ୍ୟ ଦେଶବିଦେଶରେ ଯେଉଁଠି ଥିଲେ ବି ଏହି ଅବସରରେ ନିଜ ଘରକୁ ଫେରିଥାନ୍ତି । ପରିବାରର ସମସ୍ତେ ମିଳିମିଶି ଏକାଠି ନୂଆଁ ଖାଇଥାନ୍ତି । ମଣିଷ ମଧ୍ୟରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ସମ୍ମାନର ଆଦାନପ୍ରଦାନ ଓ ଭାଇଚାରାକୁ ନେଇ ନୂଆଁଖାଇ ଆସିଥାଏ । ନୂଆଁଖାଇର ଯେତିକି ମହତ୍ୱ ନୂଆଁଖାଇ ଜୁହାର ଭେଟ୍‌ର ସେତିକି ମହତ୍ୱ ରହିଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ସମସ୍ତେ ନିଜେ ନିଜର ଦାୟିତ୍ୱ ଗ୍ରହଣ କରି କର୍ତ୍ତବ୍ୟ ପାଳନ କରନ୍ତୁ ବୋଲି ଆଜିର ଏହି ଶୁଭ ଦିନରେ ଛାତ୍ରଛାତ୍ରୀ, ଯୁବକ-ଯୁବତୀ, ଶ୍ରମିକ, କୃଷକ, ସୈନିକଙ୍କୁ ଅନୁରୋଧ କରୁଛି । ମା' ସମଲେଇ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କ ଜୀବନରେ ହସ, ଖୁସି, ସୁଖ, ଶାନ୍ତି, ଉନ୍ନତି, ପ୍ରଗତି, ସଫଳତା ଭରି ଦିଅନ୍ତୁ ବୋଲି ପ୍ରାର୍ଥନା କରୁଛି ।

# ଦୁଇ ଦିନିଆ ଜାପାନ ଗସ୍ତରେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮ ।୮ : ଜାପାନ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦୀ । ଦୁଇ ଦିନିଆ ଜାପାନ ଗସ୍ତ କରିବେ ମୋଦୀ । ଆଜି ମଧ୍ୟରାତ୍ରିରେ ସେ ଜାପାନ ଅଭିମୁଖେ ବାହାରିବେ ବୋଲି ସୂଚନା ରହିଛି । ମୋଦୀ ପ୍ରଧାନମନ୍ତ୍ରୀ ହେବା ଠାରୁ ଏହା ତାଙ୍କର ଅଷ୍ଟମ ଗସ୍ତ ହେବ ।

### ମୋଦୀଙ୍କ ଅପେକ୍ଷାରେ ପ୍ରବାସୀ ଭାରତୀୟ

### ୩୧ରେ ଯିବେ ଚୀନ୍

ସେପେଟ ଚୀନ୍ ଗସ୍ତ ବି କରିବେ ମୋଦୀ । ୪ ଦିନିଆ ଜାପାନ ଓ ଚୀନ୍ ଗସ୍ତରେ ଯିବେ ମୋଦୀ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ



ମୋଦୀ ପ୍ରଥମ ପର୍ଯ୍ୟାୟରେ ୨୯ ଓ ୩୦ ତାରିଖ ଦୁଇ ଦିନ ଜାପାନ ଗସ୍ତ କରିବେ । ଅଗଷ୍ଟ ୩୧ ଓ ସେପେଟମ୍ବର ୧ ତାରିଖରେ ଚୀନ୍ ଗସ୍ତ କରିବେ ।

ଜାପାନ ଗସ୍ତ କାଳରେ ମୋଦୀ ୧୫ତମ ଭାରତ-ଜାପାନ ବାର୍ଷିକ ଶିଖର ବୈଠକରେ ଯୋଗଦେବେ । ଏହା ପରେ ଚୀନ୍ ଗସ୍ତ କାଳରେ ମୋଦୀ ତିଆନଜିନରେ ସାଂଘାଇ ସମନ୍ୱୟ ସଂଗଠନ-ଏସସିଓ ବୈଠକରେ ଯୋଗଦେବେ । ବୈଠକକୁ ଯୋଗଦେଇଥିବା ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହିତ ମୋଦୀଙ୍କର ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ବୈଠକ ହେବ । ଏସସିଓ ବୈଠକକୁ ୨୦ଟି ରାଷ୍ଟ୍ରର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି । ଜାପାନ ଗସ୍ତ ଥିବାରୁ ଟୋକିଓରେ ମୋଦୀଙ୍କ ସ୍ୱାଗତ ପାଇଁ ଭବ୍ୟ ଆୟୋଜନ ସହ ପ୍ରବାସୀ ଭାରତୀୟମାନେ ଅପେକ୍ଷା କରି ରହିଛନ୍ତି । ମୋଦୀ ବିଶ୍ୱର ଏକ ବ୍ରାଣ୍ଡ କହି ତାଙ୍କ ପ୍ରଶଂସା କରିଛନ୍ତି ପ୍ରବାସୀ ଭାରତୀୟ । ମୋଦୀଙ୍କ ପାଇଁ ବିଶ୍ୱରେ ଭାରତୀୟଙ୍କ ପରିଚୟ ବଦଳିଯାଇଛି କହି ଜଣେ ପ୍ରବାସୀ ଭାରତୀୟ ମୋଦୀଙ୍କ ଭୁରି ଭୁରି ପ୍ରଶଂସା କରିଛନ୍ତି ।

# ଜମ୍ମୁ ବର୍ଷା, ଭୂସ୍ଖଳନରେ ଗଲାଣି ୪୧ ଜୀବନ

ନୂଆଦିଲ୍ଲୀ, ୨୮ ।୮ : ଜମ୍ମୁରେ ହୋଇଥିବା ପ୍ରବଳ ବର୍ଷା ଯୋଗୁ ୪୧ ଜଣଙ୍କର ଜୀବନ ଗଲାଣି । ବୈଷ୍ଣୋଦେବୀ ଯାତ୍ରା ମାର୍ଗରେ ଅର୍ଦ୍ଧକୁଆଁରୀ ନିକଟରେ ଭୂସ୍ଖଳନ ଯୋଗୁ ୩୪ ଲୋକଙ୍କର ପ୍ରାଣ ଯାଇଛି । ସେହିଭଳି ବାଦଲଫଟା ବର୍ଷା

### ମୃତକଙ୍କ ମଧ୍ୟରୁ ୩୪ ବୈଷ୍ଣୋଦେବୀ ଶ୍ରଦ୍ଧାଳୁ

ଯୋଗୁ ଡୋଡା ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସୂଚନା ଅନୁଯାୟୀ ଜମ୍ମୁର ରେସାଇ ଓ ଡୋଡା ଜିଲ୍ଲାରେ ପ୍ରାୟ ୪୧ ଜଣଙ୍କର ମୃତ୍ୟୁ ହେଲାଣି । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବୈଷ୍ଣୋ ଦେବୀଙ୍କୁ ଦର୍ଶନ କରିବାକୁ ଯାଉଥିବା ଶ୍ରଦ୍ଧାଳୁ ।



ମୃତ୍ୟୁବରଣ କରିଥିବା ୩୪ ଜଣଙ୍କ ମଧ୍ୟରୁ ୧୮ ଜଣଙ୍କ ମର ଶରୀରକୁ ଜମ୍ମୁର ମେଡିକାଲ କଲେଜ ଓ ହସ୍ପିଟାଲରେ ରଖାଯାଇଛି । କଟରା ଠାରେ ତାଙ୍କ ପରିବାର ଲୋକମାନେ ଚିହ୍ନଟ କରୁଛନ୍ତି । ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ ଓ ମଧ୍ୟପ୍ରଦେଶରୁ ଆସିଥିବା ଶ୍ରଦ୍ଧାଳୁ ରହିଥିବା ଜଣାପଡ଼ିଛି । ଜମ୍ମୁର ଏଲ୍‌ଜି ମନୋଜ ସିହ୍ନା କଟରା (୯ ପୃଷ୍ଠାରେ)

# ଏବେବି ଗାଁ ଦାଣ୍ଡରେ ବନ୍ୟାଜଳ



ଭଦ୍ରକ, ୨୮ ।୮ (ସବ୍ୟୁ) : କମୁଛି ବୈତରଣୀ ଜଳସ୍ତର । ସେପଟେ ଧାମନଗର ବ୍ଲକର ୧୨ଟି ପଞ୍ଚାୟତର ୩୫ ରୁ ଅଧିକ ଗାଁ ଜଳବନ୍ଦୀ ରହିଛି । ଗାଁ ଦାଣ୍ଡରେ ବନ୍ୟାପାଣି ଲହଡ଼ି ମାରୁଛି । ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତର ୦ଗାଁ ପ୍ରଭାବିତ ହୋଇଥିବା ବେଳେ ୧୪ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଏବେବି ଅନେକ ରାସ୍ତାରେ ବନ୍ୟାପାଣି ପ୍ରାହିତ ହେଉଥିବାରୁ ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକମାନେ ପାଣିରେ ପଶି ଯାତାୟତ କରୁଛନ୍ତି । ୬ଦିନ ହେଲା ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ବନ୍ୟାପାଣି ଯୋଗୁ ହଜାରହଜାର ଏକର ସାରଦା ଧାନତଳି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । (୯ ପୃଷ୍ଠାରେ)

## ଆଜିଠୁ ଅନୁସୂଚିତ ଜାତି-ଜନଜାତି କମିଟି ଅଧ୍ୟକ୍ଷ ସମ୍ମିଳନୀ

# ଆସିବେ ଲୋକସଭା ବାଚସ୍ପତି

ଭୁବନେଶ୍ୱର, ୨୮ ।୮ (ସବ୍ୟୁ) : ଭୁବନେଶ୍ୱରଠାରେ ୨୦୨୫ ଅଗଷ୍ଟ ୨୯ ଓ ୩୦ ତାରିଖରେ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଓଡ଼ିଶା ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟରଠାରେ ଅଗଷ୍ଟ ୨୯ ତାରିଖ ଦିନ ଆନୁଷ୍ଠାନିକ ଭାବେ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ ବୋଲି ବାଚସ୍ପତି ସୁରମା ପାଢ଼ୀ ଆଜି ବିଧାନସଭାଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି । ଏଥିରୁ ସ୍ପଷ୍ଟ ଜଣାପଡେ ଯେ ପାର୍ଲାମେଣ୍ଟ ଓଡ଼ିଶା ଭଳି ଏକ ଅନୁସୂଚିତ ଜାତି ଓ ଜନଜାତିବହୁଳ ରାଜ୍ୟକୁ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ ଏବଂ ତାଙ୍କର ସମସ୍ତ ସହଯୋଗୀଙ୍କୁ ବାଚସ୍ପତି କୃତଜ୍ଞତା ଜଣାଇ କହିଥିଲେ ଯେ ଏହି ସମ୍ମିଳନୀ ଅବସରରେ ଆଲୋଚନା ସହ ଅନ୍ୟ ସମସ୍ତ ରାଜ୍ୟକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, (୯ ପୃଷ୍ଠାରେ)

# ୩ରେ ଆଉ ଏକ ଲଘୁଚାପ


ଭୁବନେଶ୍ୱର, ୨୮ ।୮ (ସବ୍ୟୁ) : ଆସନ୍ତା ୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ଅଧିକ ଘନୀଭୂତ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ଆସନ୍ତାକାଲି କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶା, ୩୦ରେ ଉତ୍ତର ଓ ପଶ୍ଚିମ ଓଡ଼ିଶା ଏବଂ ୩୧ରେ ପ୍ରାୟତଃ ଅଧିକାଂଶ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ । ଅଳ୍ପ କେତେକ ସ୍ଥାନରେ ମଧ୍ୟମ (୩୫ ମିମି ପର୍ଯ୍ୟନ୍ତ) ବର୍ଷା ହେବା ସମ୍ଭାବନା ରହିଛି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଭାରୀ ବର୍ଷା ସମ୍ଭାବନା ନାହିଁ ।

ପାଣିପାଗ ବିଭାଗର କହିବା ଅନୁସାରେ ଆସନ୍ତା ୩୧ ତାରିଖରୁ ବର୍ଷାର ପରିମାଣ ବଢ଼ିବ । ୩୧ରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାନେଇ ୟେଲୋ ୱାର୍ଣ୍ଣିଂ କରାଯାଇଛି । ଏହି ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବହିପାରେ । ସେହିପରି ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କ କରାଇଛି ପାଣିପାଗ ବିଭାଗ । ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ତେବେ ଲଗାତର ଲଘୁଚାପ ଯୋଗୁ ରାଜ୍ୟବ୍ୟାପୀ ବର୍ଷା ଜାରି ରହିଛି । ଏହାର ପ୍ରଭାବ ଆଉ କିଛିଦିନ ରହିବ ବୋଲି ଆକଳନ କରାଯାଉଛି ।

# କେନ୍ଦ୍ର ସରକାରଙ୍କ ସହ ଝଗଡା ନାହିଁ, ସଂଘର୍ଷ ଥାଇପାରେ : ଭଗବତ

ନୂଆଦିଲ୍ଲୀ, ୨୮ ।୮ : ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସହ ଆମର କୌଣସି ଝଗଡା ନାହିଁ କିନ୍ତୁ ସଂଘର୍ଷ ଥାଇପାରେ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭଗବତ କହିଛନ୍ତି । ଆର୍‌ଏସ୍‌ଏସ୍ ହେଉଛି ବିଜେପିର ମେଣ୍ଟର ଭାବେ ଜଣାଶୁଣା । କିଛିଦିନ ହେବ ଆରଏସ୍‌ଏସ୍ ସହ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ବିବାଦ ଚାଲିଥିବା ନେଇ ଚର୍ଚ୍ଚା ହେଉଥିଲା । ତେବେ ଏହି ପରିପ୍ରେକ୍ଷୀରେ ଶ୍ରୀ ଭଗବତଙ୍କ ମନ୍ତବ୍ୟ ଏକ ପୂର୍ଣ୍ଣଛେଦ ଟାଣିଛି ବୋଲି କୁହାଯାଉଛି ।



ଏକ ସାମ୍ବାଦିକ ସମ୍ମିଳନୀରେ ଆରଏସ୍‌ଏସ୍ ମୁଖ୍ୟ କହିଛନ୍ତି ଯେ ବିଜେପିର ସମସ୍ତ ନିଷ୍ପତ୍ତି ଆରଏସ୍‌ଏସ୍ ନେବା ସତ୍ୟ ନୁହେଁ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆମର ଭଲ ସହଯୋଗ ରହିଛି । ଅନେକ ଆଭ୍ୟନ୍ତରୀଣ ବାଦବିବାଦ ମଧ୍ୟ ବ୍ୟବସ୍ଥାକୁ ନେଇ ଥାଇପାରେ । ଆରଏସ୍‌ଏସ୍ ଓ ବିଜେପି ସବୁବେଳେ ଗୋଟିଏ ମତରେ ସହମତି ହୁଅନ୍ତି ନାହିଁ । ଆମେ କେବଳ ପ୍ରସ୍ତାବ ଦେଇପାରୁ । ହେଲେ ବିଜେପିର ଆଭ୍ୟନ୍ତରୀଣ ନିଷ୍ପତ୍ତି ପ୍ରକ୍ରିୟାରେ ହସ୍ତକ୍ଷେପ କରୁନାହୁଁ । ୫୦ ବର୍ଷ ଧରି ମୁଁ ଶାଖା ଚଳାଉଛି । ଯଦି ମୋତେ କିଏ ପ୍ରସ୍ତାବ ଦେବ ମୁଁ ତାହାକୁ ଶୁଣିବି । କିନ୍ତୁ ଦଳ ଦେଶ ଚଳାଉଛି । ଏଥିରେ ସେମାନଙ୍କର ପାରଦର୍ଶିତା

### ୭୫ ବର୍ଷରେ ଅବସର କଥା କହିନାହିଁ

ରହିଛି । ତେଣୁ ଆମେ ସେଥିରେ ହସ୍ତକ୍ଷେପ କରିବାକୁ କିଏ । ବିଜେପିର ନିଷ୍ପତ୍ତି ପ୍ରକ୍ରିୟାରେ ଆମର ଭୂମିକା ଅତ୍ୟନ୍ତ ଗୌଣ । (୯ ପୃଷ୍ଠାରେ)

# ଦିନରେ ପ୍ରବଚକ, ରାତିରେ ଚୋରି

ଭୁବନେଶ୍ୱର, ୨୮ ।୮ (ସବ୍ୟୁ) : ଚୋରି ମାମଲାରେ ଜଣେ ଭଣ୍ଡ ପ୍ରବଚକକୁ ଗିରଫ କରିଛି କମିଶନରେଟ୍ ପୋଲିସ । ତା'ନିକଟରୁ ୨୦୦ ଗ୍ରାମ୍ ସୁନା ଅଳଙ୍କାର ୧ଲକ୍ଷ ନଗଦ ଟଙ୍କା ଜବତ ହୋଇଛି । ୟୁଟ୍ୟୁବ୍‌ରେ ଚ୍ୟାନେଲ ଖୋଲି ସେଥିରେ ଅପରାଧ ଓ ଅପରାଧୀଙ୍କ ଉପରେ ପ୍ରବଚନ ଦେଉଥିବା ପ୍ରବଚକ ୧୦ରୁ ଊର୍ଦ୍ଧ୍ୱର୍ ଚୋରି ମାମଲାରେ ସମ୍ପୃକ୍ତ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି । ଜବତ ହୋଇଥିବା ଗହଣା ଓ ଟଙ୍କା ଏତଲାକାରୀଙ୍କୁ ହସ୍ତାନ୍ତର କରିଛନ୍ତି ପୋଲିସ କମିଶନର ।

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିରେ ବାରିରେ ରୁହନ୍ତି ଶୁଭଶ୍ରୀ ନାୟକ । ସେ ନବବିବାହିତା



ହୋଇଥିବାରୁ ସ୍ୱାମୀ ଦେବବ୍ରତ ମହାନ୍ତିଙ୍କ ସହ ରହୁଥିଲେ ମଧ୍ୟ ଦୈନିକ କର୍ମ କ୍ଷେତ୍ରକୁ ଯାଇଥାନ୍ତି । ସେ ବ୍ୟାଙ୍କରେ କାମ କରୁଥିବା ବେଳେ ତାଙ୍କ ସ୍ୱାମୀ ଜଣେ ଔଷଧ ବ୍ୟବସାୟୀ । ସେ ୨ମାସ ହେବ ଖଣ୍ଡଗିରି ବାରିର ପ୍ଲଟ୍ ନଂ-୧୨୧୫/୧୫୪୬ରେ ଭଡାକୁ ରହୁଛନ୍ତି । ତାଙ୍କ ବିବାହ ମାତ୍ର ୩ ମାସ ହେବ ବୋଲି ଶୁଭଶ୍ରୀ କହିଛନ୍ତି । ଗତ ୧୪ ତାରିଖ ଦିନ ସ୍ୱାମୀ-ସ୍ତ୍ରୀ ଘରେ ନଥିବା ସୁଯୋଗ ଉଣ୍ଡି

### ୨୦୦ଗ୍ରାମ ସୁନା ଅଳଙ୍କାର, ଲକ୍ଷେ ଟଙ୍କା ଜବତ

କେହି ଅଜଣା ଦୁର୍ବୃତ୍ତ ତାଙ୍କ ଘର କବାଟ ତାଡି ଭିତରେ ପଶିବା ସହ ଆଲମାରୀରେ ଥିବା ୩୦୦ଗ୍ରାମ୍ ସୁନା ଅଳଙ୍କାର ଓ ୫ଲକ୍ଷ ଟଙ୍କା ଲୁଟି ନେଇଥିବା ସ୍ୱାମୀ ପ୍ରଥମେ ଜାଣିଥିଲେ । କାରଣ ସେହିଦିନ ଦୁଇଟା ୩୦ ବେଳକୁ (୯ ପୃଷ୍ଠାରେ)

## ଆଜି ଜନ୍ମଦିନ
# ଅଲମ୍ପିକ୍ ବିଜେତା ଧ୍ୟାନଚାନ୍ଦ



୧୯୦୫ ଆଜିର ଦିନରେ ଉତ୍ତର ପ୍ରଦେଶର ଆଲ୍ଲାହାବାଦରେ ଜନ୍ମ ଗ୍ରହଣ କରିଥିଲେ ଭାରତୀୟ ହକି ଖେଳାଳୀ ଓ ଅଧିନାୟକ ଧ୍ୟାନଚାନ୍ଦ । ହକି ଖେଳରେ ବିଶ୍ୱର ଜଣେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଭାବେ ତାଙ୍କର ମାନ୍ୟତା ରହିଛି । ତାଙ୍କର ଅସାଧାରଣ ହକିଷ୍ଟିକ୍ ଚାଳନା ବଳରେ ଭାରତ ଏକଦା ବିଶ୍ୱ ହକିରେ ଆଧିପତ୍ୟ ବିସ୍ତାର କରିଥିଲା । ତାଙ୍କର କ୍ରୀଡ଼ାନୈପୁଣ୍ୟ, ଏକାଗ୍ରତା ଓ ଖେଳରେ ଗୋଲସ୍କୋରକୁ ଦେଖି କ୍ରିକେଟ କିମ୍ବଦନ୍ତୀ ଡନ୍ ବ୍ରାଡ଼ମ୍ୟାନ ଥରେ ଟିପ୍ପଣୀ ଦେଇଥିଲେ ଯେ, କ୍ରିକେଟରେ ରନ ସଂଗ୍ରହ କରିବା ଭଳି ଧ୍ୟାନଚାନ୍ଦ ହକିରେ ଗୋଲସ୍କୋର କରନ୍ତି । ମାତ୍ର ୧୭ ବର୍ଷ ବୟସରେ ସେ ପଞ୍ଜାବ ରେଜିମେଣ୍ଟରେ ଯୋଗଦେଇ ହକି ତାଲିମ ନେଇଥିଲେ । ସୈନ୍ୟବାହିନୀରେ ଚାକିରି ଅବସରରେ ୧୯୨୬ରେ ନ୍ୟୁଜିଲାଣ୍ଡ ଗସ୍ତ କରି ଗୋଲରେ ଶତକ ପୂରଣ କରିଥିଲେ । ୧୯୨୮ ଆମଷ୍ଟରଡାମ ଅଲମ୍ପିକ୍‌ରେ ଭାରତ ମୋଟ ୨୯ ଗୋଲ କରିଥିବା ବେଳେ ଧ୍ୟାନଚାନ୍ଦ ଦେଇଥିଲେ ୧୫ ଗୋଲ । ୧୯୨୬ରୁ ଆରମ୍ଭ କରି ୧୯୪୮ରେ ଅବସର ନେବା ମଧ୍ୟରେ ଏକ ହଜାରରୁ ଅଧିକ ଗୋଲ ସେ ସ୍କୋର କରିଥିଲେ । ତିନୋଟି ଅଲିମ୍ପିକ୍‌ରେ ଭାରତର ୧୦୨ଟି ଗୋଲ ମଧ୍ୟରୁ ଧ୍ୟାନଚାନ୍ଦଙ୍କ ଥିଲା ୩୮ଟି ଗୋଲ । ତେଣୁ ତାଙ୍କୁ ଗୋଲ ମେସିନ ବୋଲି ମଧ୍ୟ କୁହାଯାଉଥିଲା । ୧୯୭୯ ଡିସେମ୍ବର ୩ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ଭାରତରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି ।

ଗୋପୀନାଥ ଦାଶ
ମୋ: ୮୮୯୫୨୯୬୧୬୭

## ସୋସିଆଲ କୋଟ୍ସ



"ମୁଁ କ୍ୟାରିୟରରେ ପ୍ରଥମରୁ ଅନେକ ଷ୍ଟ୍ରଗଲ କରିଛି । ଗୋଟିଏ ଅଡିସନ କରିବା ପାଇଁ ମୁଁ ୩ଘଣ୍ଟା ଲାଇନ୍‌ରେ ଠିଆ ହୋଇଛି । ହେଲେ ସେଥିରେ ରିଜେକ୍ଟ ହୋଇଥିଲି ।

ପ୍ରିୟାଂଶୁ, ଅଭିନେତା



"ଇଣ୍ଡଷ୍ଟ୍ରୀରେ ସଲମାନଙ୍କ ଭଳି କଳାକାର ଆଉ କେହି ନାହାନ୍ତି । କେବଳ ଅଭିନେତା ନୁହେଁ ସେ ଜଣେ ଭଲ ଲୋକ ମଧ୍ୟ । ସେ ନିଜର ପରିବାର ପାଇଁ ସବୁକିଛି ତ୍ୟାଗ କରିଛନ୍ତି ।

ପଙ୍କଜ ଧୀର, ଅଭିନେତା



"ମୁଁ ଯେତେବେଳେ ନିର୍ଦ୍ଦେଶକ ଭାବେ ଡେବ୍ୟୁ କରିବାକୁ ଚାହିଁଲି ସେତେବେଳେ ମୋହିତ ସୁରି ମୋ ଆଇଡିଆକୁ ଚୋରି କରି ମହେଶ ଭଟ୍ଟଙ୍କୁ ଶୁଣାଇଥିଲେ । ଏହି ଆଇଡିଆରେ ହିଁ 'ଜହର' ଫିଲ୍ମ ତିଆରି କରାଯାଇଛି ।

ଦୀପକ ତିଜୋରି, ଅଭିନେତା




# ହୃତପିଣ୍ଡ ଉପରେ ସ୍କ୍ରିନ ଟାଇମର ପ୍ରଭାବ

ବର୍ତ୍ତମାନର ଡିଜିଟାଲ ଏରାରେ ପିଲାଙ୍କ ଠାରୁ ମୋବାଇଲ କିମ୍ବା କମ୍ପ୍ୟୁଟର ଦୂରେଇ ରଖିବା ଖୁବ କଷ୍ଟକର କାମ । ବର୍ତ୍ତମାନର ପିଲା ନିଜର ପାଠ ପଢାପାଇଁ ଅନେକାଂଶରେ ମୋବାଇଲ ଉପରେ ନିର୍ଭରଶୀଳ । ହେଲେ ଏହାର କିଛି ସୁବିଧା ମିଳୁଥିବାବେଳେ ନକରାତ୍ମକ ପ୍ରଭାବ ମଧ୍ୟ ରହିଛି । ଯଦି ପିଲାମାନେ ଏହାକୁ ଅଧିକ ସମୟ ପାଇଁ ବ୍ୟବହାର କରୁଛନ୍ତି, ଅର୍ଥାତ ସେମାନଙ୍କର ସ୍କ୍ରିନ ଟାଇମ ବଢୁଛି ତେବେ ଏହାର ପ୍ରଭାବ ସିଧାସଳଖ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି । ପୂର୍ବରୁ ଅନେକ ଗବେଷଣାରେ ସ୍କ୍ରିନ ଟାଇମ୍‌ର ନକାରାତ୍ମକ ପ୍ରଭାବ ସମ୍ପର୍କରେ ଜଣା ପଡିଛି । ତେବେ ବର୍ତ୍ତମାନର ସଦ୍ୟତମ ସୂଚନା ଅନୁସାରେ ଅଧିକ ସ୍କ୍ରିନ ଟାଇମିଂ ଆମର ହାର୍ଟ ଉପରେ ଖରାପ ପ୍ରଭାବ ପକାଉଛି । ତେଣୁ ବର୍ତ୍ତମାନ ଅଭିଭାବକମାନଙ୍କୁ ଏଥିପ୍ରତି ସତର୍କ ହେବାର ଆବଶ୍ୟକତା ରହିଛି । ଏହି ପ୍ରଭାବକୁ ଜାଣିବା ପାଇଁ ଅନେକ ମାଆ ଓ ପିଲାଙ୍କୁ ନେଇ ଏହି ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ଅଧିକ ସମୟ ମୋବାଇଲ ଦେଖିବାଫଳରେ ସେମାନଙ୍କ ନିଦ ସହିତ ହୃତପୁଣ୍ଡ ଉଭୟ ଉପରେ ପ୍ରଭାବ ପଡୁଛି । ସେମାନଙ୍କର କାର୍ଡିଓମେଟାବଲିକ୍ ରିସ୍କ ବଢୁଥିବାନେଇ ଜଣା ପଡିଛି । ତେଣୁ ବର୍ତ୍ତମାନ କିଭଳି ପିଲାଙ୍କୁ ମୋବାଇଲ ଠାରୁ ଦୂରରେ ରଖିହେବ ସେନେଇ କାମ କରିବାକୁ ପଡିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏଥିପାଇଁ ସେ ଅଭିଭାବକଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇଛନ୍ତି ।

୧୮୮୭– ଗାନ୍ଧିଜୀଙ୍କ ଡାକ୍ତର କୁହାଯାଉଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୀବରାଜ୍ ମେହେଡ୍ତାଙ୍କ ଜନ୍ମ ।
୧୯୦୫– ପ୍ରସିଦ୍ଧ ଭାରତୀୟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ । ଏହି ଦିନକୁ ଜାତୀୟ ଖେଳ ଦିବସ ରୂପେ ପାଳନ କରାଯାଏ ।
୧୯୪୯– ଭାରତର ପ୍ରସିଦ୍ଧ ବୈଜ୍ଞାନିକ କେ. ରାଧାକୃଷ୍ଣନଙ୍କ ଜନ୍ମ । ତାଙ୍କ ପ୍ରୟାସରେ ଭାରତ ପ୍ରଥମକରି ମଙ୍ଗଳକୁ ମଙ୍ଗଳଯାନ ପଠାଇଥିଲା ।
୧୯୫୭– ନାଗରିକ ଅଧିକାର ଅଧିନିୟମ ୧୯୫୭ ପାରିତ ।
୧୯୬୯– କାରଗିଲ୍ ଯୁଦ୍ଧରେ ସହିଦ ହୋଇଥିବା ମେଜର ମନୋଜ ତଲଓ୍ୱାରଙ୍କ ଜନ୍ମ ।
୧୯୭୪– ଚୌଧୁରୀ ଚରଣ ସିଂହଙ୍କ ଦ୍ୱାରା ଲୋକଦଳ ପାର୍ଟି ସ୍ଥାପିତ ।
୧୯୯୮– ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ।
୨୦୦୦– ନ୍ୟୁୟର୍କରେ ଚାରିଦିନିଆ ବିଶ୍ୱ ଶାନ୍ତି ଶିଖର ସମ୍ମିଳନୀ ଆରମ୍ଭ ।
୨୦୧୪– ଫିଲ୍ମ ଗାନ୍ଧୀ ପାଇଁ ଓସ୍କାର ବିଜୟୀ ନିର୍ଦ୍ଦେଶକ ରିଚାର୍ଡ ଏଟନବରାଙ୍କ ଦେହାନ୍ତ ।

# ପିମ୍ପୁଡିକୁ ପ୍ରେରିତ ରୋବଟ



ପିମ୍ପୁଡିମାନେ ସବୁବେଳେ ମଣିଷଙ୍କ ପାଇଁ ଏକ ଆଶ୍ଚର୍ଯ୍ୟକର ଜୀବ ଭାବେ ଉଭା ହୋଇଥାଆନ୍ତି । ଏହି ଛୋଟଛୋଟ ଜୀବ ସେମାନଙ୍କ କାର୍ଯ୍ୟଶୈଳୀ ମାଧ୍ୟମରେ ମଣିଷମାନଙ୍କୁ ସବୁବେଳେ ଚକିତ କରିଥାଏ । ବୈଜ୍ଞାନିକ ତଥ୍ୟ ଅନୁସାରେ ଗୋଟିଏ ପିମ୍ପୁଡି ନିଜ ଓଜନ ଠାରୁ ପାଖାପାଖି ୬୦ ଗୁଣ ଅଧିକ ଓଜନର ସାମଗ୍ରୀକୁ ଟାଣି ନେଇ ପାରିବ । ସେହିଭଳି ଏହି ପିମ୍ପୁଡିମାନେ ଏକାଠି କାର୍ଯ୍ୟକଲେ ଖୁବ ଅଧିକ ଓଜନିଆ ସାମଗ୍ରୀକୁ ମଧ୍ୟ ଗୋଟିଏ ସ୍ଥାନରୁ ଟାଣି ନେଇପାରିବେ । ଏହାଉପରେ ବୈଜ୍ଞାନିକମାନେ ଅଧିକ ଗବେଷଣା କରି ଆହୁରି ତଥ୍ୟ ହାସଲ କରିଛନ୍ତି । ସେମାନେ ଏଥିରେ ପିମ୍ପୁଡିମାନଙ୍କର ବିଭିନ୍ନ ପୋଷ୍ଚରକୁ ନେଇ ଅଧିକ ଷ୍ଟଡି କରିଛନ୍ତି । ଯାହାକୁ ଆଗକୁ ବୈଜ୍ଞାନିକମାନେ ରୋବଟ ନିର୍ମାଣ ପାଇଁ ବ୍ୟବହାର କରିବେ ବୋଲି ଜଣା ପଡିଛି । ଯାହାକୁ ବ୍ୟବହାର କରି ବିଭିନ୍ନ କାର୍ଯ୍ୟ ସୁରୁଖୁରୁରେ କରିହେବ ।

### ହାହାଃ..ହାହାଃ..



ପିଣ୍ଟୁ– ସାର ମୋତେ ଲାଗୁଛି ମୋର କିଛି ଗମ୍ଭୀର ରୋଗ ହୋଇଛି ।
ଡାକ୍ତର– ଏପରି କ'ଣ ପାଇଁ ଲାଗୁଛି । କ'ଣ ଲକ୍ଷଣ ଦେଖିଲ ?
ପିଣ୍ଟୁ– ମୋତେ ଚାରିଆଡ ଅନ୍ଧାର ଅନ୍ଧାର ଦେଖାଯାଉଛି ।
ଡାକ୍ତର – କେତେବେଳେ ଏହିପରି ହେଉଛି ?
ପିଣ୍ଟୁ – ଯେତେବେଳେ ମୋ ଘରେ ବିଜୁଳି କଟିଯାଉଛି ।



# ଅଟା ପରିବା ଖେଚୁଡ଼ି

**ସାମଗ୍ରୀ–** ଏକ କପ୍ ଅଟା, ନିଜ ପସନ୍ଦ ମୁତାବକ ପରିବା, ଘିଅ, ଜିରା, ହଳଦୀ ଗୁଣ୍ଡ, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଅଟାରେ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କିଛି ସମୟ ରଖନ୍ତୁ । ଏହାପରେ ଏକ ପ୍ୟାନରେ ଘିଅ ପକାଇ ଏଥିରେ ଜିରା ପକାନ୍ତୁ । ଜିରା ଫୁଟିବା ପରେ କଟା ପରିବାକୁ ଅଳ୍ପ ସମୟ ପାଇଁ ଭାଜି ନିଅନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ କଷନ୍ତୁ । ପରେ ଏଥିରେ ଅଟା ପକାଇ ଗୋଳାନ୍ତୁ । ଏଥିରେ ଦରକାରୀ ମୁତାବକ ପାଣି ଦିଅନ୍ତୁ, ପାଣି ମରିବା ପର୍ଯ୍ୟନ୍ତ ଗୋଳାନ୍ତୁ । ପାଣି ମରିବା ପରେ ପ୍ରସ୍ତୁତ ହୋଇଯିବ ଅଟା ଖେଚୁଡି । ଶେଷରେ ଘିଅ ଓ ଧନିଆ ପତ୍ର ପକାଇ ପରଷନ୍ତୁ ଅଟା ଖେଚୁଡି ।

# ସୁସ୍ଥ ସକାଳ



ଆମ ଦୈନନ୍ଦିନର କାର୍ଯ୍ୟ କଳାପର ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ବେଶ୍ ଅଧିକା ରହିଛି । ଦିନର ସକାଳ ଖାଦ୍ୟ ଠାରୁ ରାତି ପର୍ଯ୍ୟନ୍ତ ସବୁ ଉପରେ ଆମ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ତେଣୁ ବିଶେଷଭାବେ ଆମକୁ ସକାଳୁ ଉଠିବା ପରେ କିଛି କଥାର ଧ୍ୟାନ ରଖିବାକୁ ହେବ, ଯାହାଦ୍ୱାରା ଆମେ ଏକ ସୁସ୍ଥ ଜୀବନ ବଞ୍ଚି ପାରିବା ।

**ହାଇଡ୍ରେଟ୍ କରନ୍ତୁ–** ସକାଳୁ ନିଦରୁ ଉଠିବା ପରେ ଆମ ଶରୀର ଥକି ଯାଇଥାଏ । ଯାହାଫଳରେ ଏହାକୁ ହାଇଡ୍ରେଟ କରିବାକୁ ପଡିଥାଏ । ତେଣୁ ସକାଳୁ ଉଠିବା ପରେ ପ୍ରଥମେ ପାଣି ଏକ ଗ୍ଲାସ ପିଅନ୍ତୁ । ଏହା କେବଳ ଶରୀରକୁ ହାଇଡ୍ରେଟ କରିଥାଏ ତାହା ନୁହେଁ ଏହା ଶରୀରର ରକ୍ତସଞ୍ଚାଳନକୁ ସୁରୁଖୁରୁରେ କରିଥାଏ । ଏହାସହ ହାର୍ଟକୁ ସୁସ୍ଥ ରଖିଥାଏ ।

**କାର୍ଡିଓ ଏକ୍ସରସାଇଜ୍–** ସକାଳୁ ସକାଳୁ ୨୦ରୁ ୩୦ ମିନିଟ୍ ପର୍ଯ୍ୟନ୍ତ କାର୍ଡିଓ କରିବା ଦ୍ୱାରା ଆମର ହାର୍ଟ ସୁସ୍ଥ ରହିଥାଏ । ତେଣୁ ମନେକରି ସକାଳୁ କିଛି ଛୋଟଛୋଟ ବ୍ୟାୟାମ କରନ୍ତୁ । ଏଥିରେ ଜଗିଂ, ସାଇକ୍ଲିଂ, ଚାଲିବା ଆଦିକୁ ସାମିଲ କରିପାରିବେ । ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି, ତେବେ ବ୍ୟାୟାମ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



**ଜଳଖିଆକୁ ଧ୍ୟାନ ଦିଅନ୍ତୁ–** ଦିନ ଯାକର ଆରମ୍ଭ ହୋଇଥାଏ ସକାଳ ଜଳଖିଆରୁ । ଦିନ ଯାକ ଯାହା ଖାଆନ୍ତୁ ପଛେ ସକାଳର ଜଳଖିଆକୁ ଭୁଲନ୍ତୁ ନାହିଁ । ପ୍ରତିଦିନ ପେଟ ଭରି ସକାଳର ଖାଦ୍ୟ ଖାଆନ୍ତୁ । ଏଥିରେ ବିଭିନ୍ନ ପ୍ରକାର ଫଳ, ପନିପରିବା ସିଝା, ଅଣ୍ଡା, ବ୍ରେଡ ଆଦି ସାମିଲ କରନ୍ତୁ । ଯେପରି ଜଳଖିଆଟିରେ ସବୁ ପ୍ରକାର ପୋଷଣ ଭରପୂର ହୋଇ ଥିବ ସେଥିଲାଗି ଧ୍ୟାନ ଦିଅନ୍ତୁ ।



# ଅଜବ ନିଷ୍ପତ୍ତି

ଫିଲ୍ମମେକର ପହଲାଜ ନିହଲାନି ନିକଟରେ ଏକ ପୁରୁଣା ଘଟଣା ବିଷୟରେ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି । ସୂଚନା ଅନୁସାରେ କ୍ୟାରିୟର ଆରମ୍ଭରୁ ଗୋବିନ୍ଦାଙ୍କ ସହିତ କାମ କରିବାକୁ ମାଧୁରୀ ମନା କରୁଥିଲେ । ଯେତେବେଳେ ମାଧୁରୀ ଗୋବିନ୍ଦାଙ୍କ ସହିତ ଫିଲ୍ମ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ତେବେ ଏହା ପଛରେ ମାଧୁରୀଙ୍କ ସେକ୍ରେଟାରୀ ରିକ୍କୁ ରାକେଶ ନାଥଙ୍କର ହାତ ଥିବା ମଧ୍ୟ ନିହଲାନୀ ପ୍ରକାଶ କରିଛନ୍ତି । ସେ ମାଧୁରୀଙ୍କୁ ଏହା ବୁଝାଇଥିଲେ କି ଗୋବନ୍ଦିଙ୍କ ସହିତ କାମ କରିବା ମାଧୁରୀଙ୍କ ପାଇଁ କ୍ଷତିକାରକ ହୋଇପାରେ, ତେଣୁ ମାଧୁରୀ ଏଭଳି ନିଷ୍ପତ୍ତିରୁ ଦୂରେଇ ରହିଥିଲେ ।

ତେବେ ମାଧୁରୀଙ୍କର ଏହି ନିଷ୍ପତ୍ତି ଅନେକ ହିରୋଇନଙ୍କୁ ଷ୍ଟାରଡମ୍ ଦେଇଛି, କାରଣ ମାଧୁରୀ ଗୋବିନ୍ଦାଙ୍କ ସହିତ ରିଜେକ୍ଟ କରିଥିବା କିଛି ଫିଲ୍ମ ଖୁବ ହିଟ୍ ହୋଇଥିଲା ଏବଂ ଏଥିରେ ଅଭିନୟ କରିଥିବା ହିରୋଇନ ଷ୍ଟାରଡମ୍ ପାଇଥିଲେ । ତେବେ ଖବରଟି ଜଣା ପଡିବା ପରେ ଫ୍ୟାନ୍‌ମାନେ ମାଧୁରୀଙ୍କ ଏଭଳି ଅଜବ ନିଷ୍ପତ୍ତିକୁ ଟ୍ରୋଲ କରୁଥିବାର ଦେଖିବାକୁ ମିଳୁଛି ।



ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି



ରାଜ୍ୟ ଅତିଥି ଭବନ ଠାରେ ଲୋକସଭା ଏସ୍ ସି ଏସ୍ ଟି କଲ୍ୟାଣ କମିଟି ର ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ଏବଂ କମିଟି ର ସଦସ୍ୟ ଗଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

### ଲୋକଙ୍କ ପାଇଁ କାମ କରିବାରେ ଦିନରାତି କର୍ମ ବ୍ୟସ୍ତ ମୁଖ୍ୟମନ୍ତ୍ରୀ

## ବିନା ଛୁଟିରେ ୧୪ ମାସ ନିରନ୍ତର କର୍ତ୍ତବ୍ୟରତ

ଭୁବନେଶ୍ୱର, (ସବ୍ୟୁ): ଆଜି ନୂଆଁଖାଇ, ସରକାରୀ ଛୁଟି ଦିବସ। ଗତ କାଲି ଥିଲା ଗଣେଶ ପୂଜା ଏବଂ ଆସନ୍ତା କାଲି ମଧ୍ୟ ସରକାରୀ ଛୁଟି । କିନ୍ତୁ ଲୋକଙ୍କ ପାଇଁ କାମ କରିବାକୁ ଜୀବନ ର ବ୍ରତ ଭାବେ ଗ୍ରହଣ କରିଥିବା ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ କ୍ୟାଲେଣ୍ଡର ରେ ଛୁଟି ନାହିଁ । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରଠାରୁ ସକାଳୁ ମଧରାତ୍ର ପର୍ଯ୍ୟନ୍ତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଫାଇଲ କାମ ରେ ବ୍ୟସ୍ତ ରହୁଛନ୍ତି ମୁଖ୍ୟମନ୍ତ୍ରୀ । ତାଙ୍କ ପାଇଁ ରବିବାର ଯାହା ସୋମବାର ମଧ ସେୟା। ଛୁଟି ଦିନ ହେଉ କିମ୍ବା ସରକାରୀ କର୍ଯ୍ୟଦିବସ ସବୁଦିନ ଲୋକଙ୍କ ପାଇଁ କାମ ଏବଂ ରାଜ୍ୟ ର ବିକାଶ ପାଇଁ କାମ କରିବାରେ ସେ ବ୍ୟସ୍ତ ରୁହନ୍ତି ।



ଗତ କାଲି ପ୍ରତିଶ୍ରୁତି ମୁତାବକ ରାଜ୍ୟ ର ୫୧ଲକ୍ଷ ରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀ ମାନଙ୍କ ପାଇଁ ସି ଏମ କିଷାନ ଯୋଜନା ର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ଫାଇଲ କାମ ମଧ କରିଛନ୍ତି । ଏହା ସହିତ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ଲୋକଙ୍କୁ ମଧ୍ଯ ଭେଟି ଛନ୍ତି । ଆଜି ନୂଆଁଖାଇ ସରକାରୀ ଛୁଟି, ତଥାପି ଆଜି ଅପରାହ୍ନ ପର୍ଯ୍ୟନ୍ତ ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମ ରହିଥିଲା । ଲୋକସେବା ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ କମିଟି ର ଅଧ୍ୟକ୍ଷ ଏବଂ ସଦସ୍ୟ ମାନଙ୍କ ସହ ମିଟିଂ, ତା ପରେ ସିକିମ ମୁଖ୍ୟମନ୍ତ୍ରୀ ଙ୍କ ସହ ମିଟିଂ ରଖିଥିଲେ । ସନ୍ଧ୍ୟା ରେ ଫାଇଲ କାମ ସହିତ ବିଭିନ୍ନ ଲୋକଙ୍କୁ ମଧ ଭେଟି ଛନ୍ତି । ଆସନ୍ତା କାଲି ମଧ୍ଯ ସେହିଭଳି ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମ ରହିଛି । ଛୁଟି ଦିନ ହୋଇଥିଲେ ମଧ, ଏଗୁଡ଼ିକ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିତିଦିନିଆ କାର୍ଯ୍ୟକ୍ରମର ଝଲକ୍।

୨୦୨୪ ଜୁନ ୧୨ ରୁ ଆଜି ୨୦୨୫ ଅଗଷ୍ଟ ୨୮ । ଏକ ବର୍ଷ, ଦୁଇ ମାସ ଅତିବାହିତ ହେଲାଣି, ତଥାପି ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ସେବାରେ କେବେ କ୍ଲାନ୍ତି ଅନୁଭବ କରି ନାହାନ୍ତି। ଏହା ହେଉଛି ରାଜ୍ୟର ବିକାଶ ଓ ଓଡିଶାବାସୀଙ୍କ ସେବା ପାଇଁ ତାଙ୍କର ସମର୍ପଣ ଭାବ ଓ ପ୍ରତିବଦ୍ଧତା ର ନିଦର୍ଶନ । ସରକାର ହେଉଛନ୍ତି ଲୋକଙ୍କ ସରକାର । ମୁଖ୍ୟମନ୍ତ୍ରୀ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ, ସେଥିପାଇଁ ରାଜ୍ୟ ତଥା ରାଜ୍ୟବାସୀଙ୍କ ବିକାଶକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଲୋକଙ୍କ ସେବା ହେଉଛି ଜଣେ ଜନପ୍ରତିନିଧିର ପ୍ରଥମ କର୍ତ୍ତବ୍ୟ, ତାହା ପ୍ରମାଣିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ।

### ସମ୍ବଲପୁରରେ ବିଭିନ୍ନ ଅନୁଷ୍ଠାନର "ନୂଆଁଖାଇ ଭେଟଘାଟ୍"

## ସମ୍ବଲପୁରର ପ୍ରତିଚ୍ଛବିକୁ ବିଶ୍ୱ ଦରବାରରେ ପହଞ୍ଚାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁରରେ ଅନେକ ସମ୍ଭାବନା ଥିବା ବେଳେ ଦକ୍ଷ ଯୁବଶକ୍ତି ଅଛନ୍ତି । ସମ୍ବଲପୁରର ପ୍ରତିଚ୍ଛବିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ଏକାଠି ହୋଇ ନିଜର ଦାୟିତ୍ୱ ନିର୍ବାହ କରିବାର ଆବଶ୍ୟକତା ରହିଛି ବୋଲି ଗୁରୁବାର ସମ୍ବଲପୁରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ "ନୂଆଁଖାଇ ଭେଟଘାଟ୍" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ 'ଓଡ଼ିଶା ସାଂସ୍କୃତିକ ସମାଜ', ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ଓ ଚିତ୍ରୋତ୍ପଳା ଯୁବକ ସଂଘ ଏବଂ 'ସମଲେଶ୍ୱରୀ ଯୁବକ ସଂଘ'ର ପୃଥକ ପୃଥକ "ନୂଆଁଖାଇ ଭେଟଘାଟ୍ - ୨୦୨୫" କାର୍ଯ୍ୟକ୍ରମରେ ଯୋଗଦେବା ସହ ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ "ନୂଆଁଖାଇ" ସମ୍ମାନରେ ସମ୍ମାନିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁରରେ ଅନେକ ସମ୍ଭାବନା ଅଛି । ବୁର୍ଲା ଇଞ୍ଜିନିୟରିଂର ଛାତ୍ରଛାତ୍ରୀମାନେ ନିଜ କୌଶଳ ଦ୍ୱାରା ବିଶ୍ୱରେ ପରିଚୟ ତିଆରି କରୁଛନ୍ତି । ସମ୍ବଲପୁରରେ ନ୍ୟୁ ଏଜ୍ ଇକୋନୋମୀ ତିଆରି କରିବା ପାଇଁ ଯୋଜନା କରିବାକୁ ହେବ । ଯୁବକମାନଙ୍କୁ ଅଧିକ ଦକ୍ଷ ସହ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାକୁ ହେବ । ସମ୍ବଲପୁରୀ କଳାର ଏକ ଅତ୍ୟାଧୁନିକ ସେଣ୍ଟର ତିଆରି କରିବା । ସରସତିଆ ଭଳି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗରେ ସାମିଲ କରିବା ପାଇଁ ଉଦ୍ୟମ କରିବା । କୁଦୋପାଲି ଭଳି ସମ୍ବଲପୁରର ଇତିହାସକୁ ଆଗେଇ ନେବାରେ ସହଯୋଗୀ ହେବା । ଶ୍ରୀ ପ୍ରଧାନ ଆହୁରି କହିଥିଲେ ଏକାଠି ହେବା ଓ ଏକଜୁଟ ହୋଇ ରହିବାର ପର୍ବ ହେଉଛି ନୂଆଁଖାଇ । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଢ଼ିବା ପାଇଁ ଆମେ ଯେଉଁ ସଂକଳ୍ପ ନେଇଛୁ, ସେଥିପାଇଁ ଆମର ଏକତା ଅତୁଟ ରହିବା ଆବଶ୍ୟକ ।

## ବଡ ମେଡିକାଲରେ ଯୋଜନା ଦିଗହରା : ହୋଇ ପାରିଲାନି ରୁଫ୍ ଟପ୍ ସୋଲାର ପ୍ଲାଣ୍ଟ

କଟକ,(ସବ୍ୟୁ): ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ ସୌରଶକ୍ତିରେ ପରିଚାଳିତ ହେବ । ଉଚ୍ଚକ୍ଷମତା ସମ୍ପନ୍ନ ସୋଲାର ପ୍ଲାଣ୍ଟ ମେଡ଼ିକାଲର ବିଭିନ୍ନ କୋଠା ଉପରେ ସଂସ୍ଥାପନ କରାଯିବ । ଟେଣ୍ଡର ଡକାଯାଇ ଏହି କାର୍ଯ୍ୟ ଆରମ୍ଭ କରିବାକୁ ଗତ ବର୍ଷ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ଏକ ଚିଠି ଏସସିବି କର୍ତ୍ତୃପକ୍ଷଙ୍କୁ ଆସିଥିଲା । ଏହି ପ୍ରକଳ୍ପର ସଫଳ ରୂପାୟନ ହେଲେ ବଡ ମେଡିକାଲରେ ବିଭିନ୍ନ ସମୟରେ ଦେଖା ଦେଉଥିବା ବିଦ୍ୟୁତ ବିଭ୍ରାଟ ସମସ୍ୟାର ସମାଧାନ ହୋଇ ପାରିବ । ତେବେ ଉକ୍ତ ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ । ଯୋଜନା କେଉଁଠାରେ ଅଟକି ରହିଛି ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ ।

ରାଜ୍ୟର ସର୍ବବୃହତ ସରକାରୀ ହସ୍ପିଟାଲ ଭାବେ ପରିଗଣିତ ଏସ୍‌ସିବି ମେଡ଼ିକାଲରେ ବିଦ୍ୟୁତ ଜନିତ ସମସ୍ୟା ଅନେକ ସମୟରେ ଦେଖିବାକୁ ମିଳିଥାଏ । ବିଦ୍ୟୁତ ବିଭ୍ରାଟ ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହୋଇଥାଏ । କିଛି ଦିନ ପୂର୍ବେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା । ବଡ ମେଡିକାଲର ଏକାଧିକ ବିଭାଗ ଘଣ୍ଟା ଘଣ୍ଟା ଧରି ଅନ୍ଧାର ରହିଥିଲା । ଟର୍ଚ୍ଚ ଆଲୁଅରେ ଚାଲିଥିଲା ରୋଗୀ ସେବା । ଯାହାକୁ ନେଇ ଏସ୍‌ସିବିରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା । ଏହାଛଡା ଭୋଲ୍ଟେଜ ଅପ୍-ଡାଉନ୍ ହେବା ଯୋଗୁଁ ସର୍ଟସର୍କିଟ ଘଟୁଥିବା ଅଭିଯୋଗ ହେଉଛି । ବିଗତ କିଛି ବର୍ଷ ଧରି ଦେଖା ଦେଉଥିବା ଏହି ସବୁ ସମସ୍ୟାକୁ ଉପଲବ୍ଧି କରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗତ ବର୍ଷ ଏକ ଚିଠି ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ପଠାଇଥିଲା । ବଡ ମେଡିକାଲରେ ବିଦ୍ୟୁତ ଜନିତ ଖର୍ଚ୍ଚ ସଂକ୍ରାନ୍ତରେ ଜାଣିବା ପାଇଁ ଏକ ବର୍ଷର ବିଦ୍ୟୁତ ବିଲ୍ ପଠାଇବାକୁ ଏଥିରେ ନିର୍ଦ୍ଦେଶ ରହିଥିଲା । ଏପରିକି ଟେଣ୍ଡର ଡକାଯାଇ କାର୍ଯ୍ୟାରମ୍ଭ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲା ସ୍ୱାସ୍ଥ୍ୟ ବିଭାଗ । କେଉଁ କୋଠାରେ ସୋଲାର ପ୍ଲାଣ୍ଟ ସଂସ୍ଥାପନ କରାଯିବା ସମ୍ଭବ ହେବ ତାହାର ଫଟୋ ପଠାଇବା ସହ ଛାତ ଉପର ହେଉ କି ଭୂଅଞ୍ଚଳ, ବିଶେଷକରି ଛାଇମୁକ୍ତ ଅଞ୍ଚଳର ଫଟୋ ତୁରନ୍ତ ପଠାଇବାକୁ ଚିଠିରେ ଦର୍ଶାଯାଇଥିଲା । ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଲୁସି ଅଧୀକ୍ଷକ ଥିବା ସମୟରେ ରୁଫ ଟପ୍ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆଉ ଏକ ଚିଠି କରାଯାଇଥିଲା । ଏ ସମ୍ପର୍କରେ ସେ କହିଛନ୍ତି, ରୁଫଟପ୍ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବିଗତ କିଛି ବର୍ଷ ହେବ ଯୋଜନା ହୋଇ ଆସୁଛି । ଏ ବାବଦରେ ସରକାରଙ୍କ ଚିଠି ମଧ୍ୟ ହସ୍ତଗତ ହୋଇଥିଲା । ହେଲେ କାର୍ଯ୍ୟର ଅଗ୍ରଗତି ଏବେ ସୁଦ୍ଧା କାହିଁକି ହୋଇନାହିଁ ସେ ସଂକ୍ରାନ୍ତରେ ଡାକ୍ତର ଦାସ କୌଣସି ମତ ଦେଇ ନଥିଲେ ।

ସୂଚନାଯୋଗ୍ୟ, ଓଡ଼ିଶା ନବୀକରଣ ଶକ୍ତି ଉନ୍ନୟନ ସଂସ୍ଥା(ଓରେଡା)ର ରିନ୍ୟୁଏବୁଲ ଏନର୍ଜି ସର୍ଭିସ କମ୍ପାନୀ(ରେସକୋ) କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ୭ଟି ସରକାରୀ ମେଡ଼ିକାଲ କଲେଜ ଓ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୁଫଟପ୍ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ରହିଛି । ସନ୍‌ସ ବ୍ଲେସିଂ ଆଣ୍ଡ ହେଲ୍ଥ(ସୁବହା) ଯୋଜନା ଦ୍ୱାରା ଏହା କାର୍ଯ୍ୟକାରୀ କରାଇବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉଦ୍ୟମ ଆରମ୍ଭ ହୋଇଛି । ଓରେଡା ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି । ଖୁବଶୀଘ୍ର କିଛି ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରାଯିବ । ଅନ୍ୟପକ୍ଷରେ ଏସ୍‌ସିବି ମେଡ଼ିକାଲର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରୁଫ ଟପ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ଯୋଜନା ଅଛି । ହେଲେ ପୁରୁଣା କୋଠାରେ ଏହା କାର୍ଯ୍ୟକାରୀ ହେବା ଅନୁଚିତ ।

## ଓଷ୍ଟା ତରଫରୁ ଯାଜପୁର ଜିଲ୍ଲାର ବନ୍ୟା ବିପନ୍ନମାନଙ୍କୁ ରିଲିଫ୍ ପ୍ରଦାନ

କଟକ, (ସବ୍ୟୁ) ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଯାଜପୁର ଜିଲ୍ଲାର ବନ୍ୟାରେ କ୍ଷତିଗ୍ରସ୍ତ ଜନସାଧାରଣମାନଙ୍କୁ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଙ୍କ ନେତୃତ୍ୱରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ସମଗ୍ର ଓଡ଼ିଶାରେ ବନ୍ୟା ପ୍ରାୟ ୪ଟି ଜିଲ୍ଲାକୁ ଅସ୍ତବ୍ୟସ୍ତ କରିଛି । ଯାଜପୁର ଜିଲ୍ଲାର ବୈତରଣୀ ନଦୀର ଶାଖା କାଣୀନଈ ଦ୍ୱାରା ଦଶରଥପୁର ବ୍ଲକ୍‌ର ଅହିଆସ ଓ କସ୍ପା ସଂଗମ ସ୍ଥଳଠାରେ ଏକ ଘାଇ ସୃଷ୍ଟି ହେବା ଫଳରେ ସେଠାକାର ଅନେକ ଲୋକ ଓ ସେମାନଙ୍କର ଘରଦ୍ୱାରା ପାଣିଘେରରେ ରହିଥିଲା ଓ ଘରର ଆସବାବ ପତ୍ର ନଷ୍ଟ ହୋଇଯାଇଥିଲା । ଅନେକ ଘର ମଧ୍ୟ ଭୁଷୁଡ଼ିବା ସହିତ ଲୋକମାନଙ୍କର ଧନ ଜୀବନ ନଷ୍ଟ ହୋଇଥିଲା । ଏବେ ମଧ୍ୟ ଲୋକମାନେ ଛାତ



ଉପରେ ଏବଂ ରାସ୍ତାରେ ଖୋଲା ଆକାଶ ତଳେରହିଛନ୍ତି । ସେମାନଙ୍କ ପାଖରେ ପ୍ରଶାସନ ଏବଂ ଅନେକ ଅନୁଷ୍ଠାନ ପହଞ୍ଚି ରିଲଫ୍ ବାଣ୍ଟୁଛନ୍ତି । ଆଜି ବନ୍ୟାଞ୍ଚଳରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବନ୍ୟାବିପନ୍ନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ ସହିତ ମହମବତୀ, ଦିଆସିଲି ଏବଂ ଅଷ୍ଟମ, ନବମ ଓ ଦଶମଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଓଷ୍ଟା ଟେଷ୍ଟପେପର୍ ଆଦି ରାଜ୍ୟ, ଯାଜପୁର ଜିଲ୍ଲା ଓ ବ୍ଲକ୍‌ମାନଙ୍କର ନେତୃତ୍ୱମାନେ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀମାନଙ୍କ ସାହାଯ୍ୟରେ ରିଲିଫ୍ ବଣ୍ଟନ କରାଯାଇଛି । କପାସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କିଛି ଟେଷ୍ଟପେପର୍ ପ୍ରଦାନ କରାଯାଇଛି ପ୍ରଭାବିତ ଛାତ୍ରଛାତ୍ରୀମାନଙ୍କ ପାଇଁ । ପ୍ରଭାବିତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ଓ ପାଠ୍ୟ ଉପକରଣ ବଣ୍ଟନ ପାଇଁ ଓଷ୍ଟା ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି । ଶ୍ରୀ ଦାଶଙ୍କ ସହ ଜିଲ୍ଲା ସଭାପତି ସୁନନ୍ଦ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଜ୍ଞାନ ରଂଜନ ତ୍ରିପାଠୀ, ଜିଲ୍ଲା ସଂପାଦକ ପବିତ୍ର କୁମାର ପଣ୍ଡା, ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସଂପାଦକ ପ୍ରମୁଖ ସାମଗ୍ରୀ ବଣ୍ଟନ କରିଥିଲେ ।

### ପରିବେଶ ଅନୁକୂଳ ଗମନାଗମନକୁ ତ୍ୱରାନ୍ୱିତ କରୁଛି ଇବସ୍

## ଇ-ବସ୍ ସେବା : ଦେଶରେ ଓଡ଼ିଶା ପଞ୍ଚମ

ଭୁବନେଶ୍ୱର(ସବ୍ୟୁ): ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶର ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି । ବର୍ତ୍ତମାନ ୪୫୦ ଟି ଇ-ବସ୍ ଚଳାଚଳ କରୁଥିବା ବେଳେ ଆଗାମୀ ଦିନରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା ରହିଛି । ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ସହିତ ଦ୍ରୁତ ଗତିରେ ଆଗକୁ ବଢୁଛି ।

ସମଗ୍ର ଦେଶରେ ବର୍ତ୍ତମାନ ୧୪୩୨୯ ଟି ଇ-ବସ୍ ଚଳାଚଳ କରୁଛି । ଯେଉଁଥିରେ ଦିଲ୍ଲୀରେ ୩୫୬୪, ମହାରାଷ୍ଟ୍ରରେ ୩୨୯୬, କର୍ଣ୍ଣାଟକରେ ୨୨୩୬ ଏବଂ ଉତ୍ତରପ୍ରଦେଶରେ ୮୫୦ ଅଗ୍ରଣୀ ରହିଛି । ଏହି ବଡ଼ ରାଜ୍ୟଗୁଡ଼ିକ ଠାରୁ ଠିକ୍ ପଛରେ ଥିବା ଓଡ଼ିଶା ସହରାଞ୍ଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛି । ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ୩୯୧ଟି ଇବସ୍ ଚଳାଚଳ କରୁଥିବା ବେଳେ ଆନ୍ଧ୍ରପ୍ରଦେଶରେ ୨୩୮, ଛତିଶଗଡ଼ରେ ୨୧୫ ଏବଂ ଝାଡ଼ଖଣ୍ଡରେ ୪୬କୁ ଏ କ୍ଷେତ୍ରରେ ଢେର ପଛରେ ପକାଇଛି ।

କେନ୍ଦ୍ର ସରକାର ପିଏମ-ଇ ବସ୍ ସେବା ଏବଂ ପିଏମ-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଓଡ଼ିଶାର ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି । ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର

### ଆଉ ପାଞ୍ଚ ଜିଲ୍ଲାରେ ଗଡ଼ିବ ଆମ ବସ୍

ଏବଂ ଅନୁଗୁଳକୁ ଆମ ବସ ସେବାର ସମ୍ପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଛି ।

ଆମ ବସ ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ୍ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେସନ ସ୍ଥାପନ କରାଯାଉଛି । ଯେତେବେଳେ କି କ୍ୟୁଆର ଆଧାରିତ ପେମେଣ୍ଟ, ଏନସିଏମସି କାର୍ଡ ଏବଂ ଆପ୍ ସକ୍ଷମ ବୁକିଂ ସମେତ ସ୍ମାର୍ଟ ଟିକେଟ୍ ସିଷ୍ଟମ୍ ପ୍ରବର୍ତ୍ତନ କରାଯାଉଛି ।

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି । ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମନ୍ୱିତ ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଇ-ବସ୍ ସେବା ଓଡ଼ିଶାରେ ଆଧୁନିକ ସହରାଞ୍ଚଳ ପରିବହନର ମେରୁଦଣ୍ଡ ପାଲଟିଛି । ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟ ଟିକେଟିଂ ଏବଂ ସବୁଜ ଭିତ୍ତିଭୂମିର ମିଶ୍ରଣ ଦ୍ୱାରା ଆମେ ଗତିଶୀଳତାକୁ ଉଭୟ ସୁବିଧାଜନକ ଏବଂ ସ୍ଥାୟୀ କରୁଛୁ ବୋଲି ସେ କହିଛନ୍ତି ।

## ୪୪ ପେଟି ମଦ ଜବତ ୨ ଗିରଫ

କଟକ,(ସବ୍ୟୁ): ମଧୁପାଟଣା ଥାନା ପୁଲିସ ଆଜି ଘାଟକୂଳ ଅଞ୍ଚଳରୁ ୪୪ପେଟି ବେଆଇନ୍ ମଦ ଜବତ କରିଛି । ଏହି ଚୋରା ମଦ କାରବାରରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଦ୍ୱୟ ହେଲେ ସଞ୍ଜିତ୍ ସାହୁ(୩୦) ଏବଂ ବିଶ୍ୱଜିତ୍ ସାହୁ(୨୭) । ଏମାନଙ୍କ ନିକଟରୁ ୪୪ପେଟି ବେଆଇନ ବିଦେଶୀ ମଦ ଏବଂ ୨୫ବୋତଲ ଆସ୍କା ଫର୍ଟି ଜବତ କରାଯାଇଛି ।

ଏକ ବିଶେଷ ସୂତ୍ରରୁ ମଧୁପାଟଣା ଥାନା ପୁଲିସକୁ ଖବର ମିଳିଲା ଯେ, ଆଜି ଏକ ଅଟୋରେ ବିପୁଳ ପରିମାଣର ଚୋରା ମଦ ଘାଟକୂଳ ଅଞ୍ଚଳରେ ରହିଛି । ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରି ଚୋରା ମଦ ଜବତ କରିବା ସହିତ ସଞ୍ଜିତ୍ ଓ ବିଶ୍ୱଜିତ୍‌କୁ କାବୁ କରିଥିଲା ।



## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ
# ଦୁଇ ଯୁବତୀଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ବଡ଼ଗଡ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତଦେହ ନିକଟରୁ ସ୍କୁଟରରେ ଯାଉଥିବା ଦୁଇଜଣ ଯୁବତୀ ତାଙ୍କ ମୋବାଇଲ ଓ ଟାପ୍‌ଟପ୍ ନେଇ ଖସିଯାଇଥିବା ପୋଲିସ ଜାଣିବା ପରେ ସେହି ଦୁଇଜଣଙ୍କୁ ଖୋଜୁଛି ।

ଯାଜପୁରର ଶୁଭମ୍ ପଣ୍ଡା ଭୁବନେଶ୍ୱରରେ ବ୍ୟବସାୟ କରନ୍ତି । କେଉଁ ପରିସ୍ଥିତିରେ କାହିଁକି ସେ ଆତ୍ମହତ୍ୟା କଲେ ନା ତାଙ୍କୁ କେହି ମାରି ଝୁଲାଇ ଦେଇଛନ୍ତି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଯେଉଁ ଦୁଇଜଣ ଯୁବତୀ ତାଙ୍କ ମୋବାଇଲ ଓ ଲାପ୍‌ଟପ୍ ପ୍ରଭୃତି ନେଇଯାଇଛନ୍ତି, ସେ ଧରାପଡିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଉଛି ।

ଶୁଭମ୍‌ଙ୍କ ପଡୋଶୀ ରଞ୍ଜନ କୁମାର ଦାସଙ୍କ କହିବାନୁଯାୟୀ ସେ ଆତ୍ମହତ୍ୟା କଲାପରି ଲାଗୁନାହିଁ । ତାଙ୍କରି ସିସିଟିଭି ଫୁଟେଜରୁ ଜଣାପଡିଛି ଯେ, ଦୁଇଜଣ ଯୁବତୀ ସ୍କୁଟରରେ ଆସି ମୋବାଇଲ ପ୍ରଭୃତି ନେଇଯାଇଛନ୍ତି । ଶୁଭମ୍‌ଙ୍କ ମୃତ୍ୟୁକୁ ନେଇ ବଡ଼ଗଡ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଯେଉଁ ଯୁବତୀ ମୋବାଇଲ ଓ ଲାପ୍‌ଟପ୍ ନେଲେ ସେ କ'ଣ ଶୁଭମ୍‌କୁ ଜାଣିଛନ୍ତି, ନା ତାଙ୍କ ମୃତ୍ୟୁରେ ସେହି ଦୁଇଜଣଙ୍କ ଭୂମିକା ରହିଛି, ସେଥିନେଇ ଚର୍ଚ୍ଚା ମଧ୍ୟ ହେଉଛି । ମୃତଦେହ ନିକଟରୁ ମୋବାଇଲ ଓ ଲାପ୍‌ଟପ୍ ଦୁଇ ଯୁବତୀ ଲୁଟ୍ କରି ଖସିଯାଇଛନ୍ତି, ତାହା ମଧ୍ୟ ଜଣାପଡିନାହିଁ । ସେହି ଦୁଇଜଣ ଧରାହେଲେ ଆପାତତଃ ଶୁଭମ୍‌ଙ୍କ ମୃତ୍ୟୁ ରହସ୍ୟ ଜଣାପଡିବ ବୋଲି ଆଲୋଚନା ହେଉଛି । ପୋଲିସ କହିବାନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ ରହସ୍ୟ ଜଣାପଡିବ ।

# ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା



ଜଟଣୀ,(ସବ୍ୟୁ): ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ଏଠାରେ ସହର ଗାଁ ସବୁଠି ଆନନ୍ଦ ଉତ୍ସାହର ମାହୋଲ ସୃଷ୍ଟି ହୋଇଛି। ପବିତ୍ର ଗଣେଶ ଚତୁର୍ଥୀରୁ ଆରମ୍ଭ ହୋଇଥିବା ଏହି ପୂଜା ପ୍ରାୟ ୧୨ ଦିନ ଧରି ଚାଲିଥାଏ। ପ୍ରଭୁ ଗଜାନନ, ମାତା ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ ବିଭିନ୍ନ ପୂଜା ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସେପ୍ଟେମ୍ବର ୭ ତାରିଖ ଇନ୍ଦୁ ପୂର୍ଣ୍ଣମୀ ତିଥିରେ ପ୍ରଭୁ ଗଜାନନଙ୍କ ବିସର୍ଜନ ହେବ। ଜଟଣୀ ସହରର ବିଭିନ୍ନ ସାହି ବସ୍ତି, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନରେ ରୀତି ନୀତିରେ ସକାଳୁ ବିଘ୍ନରାଜଙ୍କୁ ବେଦମନ୍ତ୍ର ପାଠରେ ଆବାହନ କରାଯାଇଥିଲା। ସହରର ବଡ଼ ବଡ଼ ବ୍ୟବସାୟୀ ସଂସ୍ଥାରେ ପୂଜା କରାଯାଇଥିଲା। ବିଶେଷକରି ହାଟବଜାର ପୂଜା ମଣ୍ଡପ, ଗୋଲେଇ ମାର୍କେଟ, ସୀତାରାମ ଛକ, କୁଦିଆରୀ ବଜାର, ପରିବା ଓ ମାଛ ମାର୍କେଟ, ରାଜାବଜାର, ନୀଳଚକ୍ର ମାର୍କେଟ, ଜଗନ୍ନାଥ ମାର୍କେଟ, ଥାନା ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ଗୋପବନ୍ଧୁ ବଜାର, ମେଡିକାଲ ଛକ, ରେଡଙ୍ଗକଲୋନୀ ଫ୍ରେଣ୍ଡସ୍ କ୍ଲବ, ହନୁମାନ ବାଟିକା ଛକ, ବ୍ଲକ ଛକ ଏବଂ ଖୁଦୁପୁର ଛକ ଆଦିରେ ବେଶ ଧୁମ୍‌ଧାମରେ ପଣ୍ଡିତଙ୍କ ବେଦମନ୍ତ୍ର ଧ୍ୱନୀମନ୍ତ୍ରରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ରୂପା ମୁକୁଟ ପିନ୍ଧି ପୂଜା ପାଉଥିବା ବଡ଼ବଜାର ପ୍ରଭୁ ଗଣେଶଙ୍କ ଦର୍ଶନ ପାଇଁ ବେଶ୍ ଭିଡ଼ ହୋଇଥିଲା। ବିଭିନ୍ନ ସ୍କୁଲ କଲେଜ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ପୂଜା ଆୟୋଜନ ହୋଇଥିବାବେଳେ ପ୍ରଭୁଙ୍କ ଆଶୀର୍ବାଦ ପାଇଁ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଜଟଣୀ ସହର ଏବଂ ଏହାର ପାଖ ଆଖ ଅଞ୍ଚଳର ୪୦୦ରୁ ଅଧିକ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ଆରମ୍ଭରୁ ବିଭିନ୍ନ ମେଢ଼ ଦେଖିବା ପାଇଁ ଜଟଣୀ ସହର ଲୋକାରଣ୍ୟ ହୋଇ ଉଠିଛି। ଚଳିତ ପୂଜାରେ ଦର୍ଶକଙ୍କ ଗହଳିକୁ ଲକ୍ଷ୍ୟ କରି ପୋଲିସ ପ୍ରଶାସନ ପକ୍ଷରୁ ୧୨ ପ୍ଲାଟୁନ ପୋଲିସ ଫୋର୍ସଙ୍କ ସହିତ ୪୦ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଦର୍ଶକ ଏବଂ ଯାତ୍ରୀଙ୍କ ସୁବିଧା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଜଟଣୀ ଥାନା ପରିସରରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ କରାଯାଇଛି। ଏଥିସହିତ ଖୁଦୁପୁର ଛକ ନବଜ୍ୟୋତି ଖେଳ ପଡିଆଠାରେ ମୀନାବଜାର, ଥାନା ଛକ ନିକଟରେ ଯାତ୍ରା ପାର୍ଟି, ଶରତ ପାଇକରାୟ ଷ୍ଟାଡିୟମ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ୧୩ଶ ଜଟଣୀ ଗଣେଶ ମହୋତ୍ସବ ଆୟୋଜନ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁ ଦର୍ଶକଙ୍କ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ଆଇନ୍‌ଶୃଙ୍ଖଳା ଠାରୁ ଠାରୁ ଆରମ୍ଭ କରି ଭିଡ଼ ପରିଚାଳନା ପାଇଁ ବିଭିନ୍ନ ପେଣ୍ଡାଲ ଛକ,ପ୍ରବେଶ ପ୍ରସ୍ଥାନ ସ୍ଥାନମାନଙ୍କରେ ପୁଲିସ ଉପସ୍ଥିତ ରହି ସତର୍କଦୃଷ୍ଟି ରଖିବେ। ଅଗ୍ନିଶମ ବିଭାଗ, ମ୍ୟୁନିସିପାଲିଟି, ବିଦ୍ୟୁତ୍ ବିଭାଗ, ମେଡ଼ିକାଲ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶରତ ପାଇକରାୟ ଷ୍ଟାଡିୟମରେ ଚାଲିଥିବା ମୀନା ବଜାର ପରିସରରୁ ଲୋକେ ବେଶ୍ ମନୋରଂଜନ ଉଠାଉଥିଲେ। ରାମଦୋଳି, ଚାନ୍ଦ କି ତାରା, ଟୋରାଟୋରା,ଡ୍ରାଗନ, ମ୍ୟାଜିକ ଶୋ ଏହିପରି ଅନେକ ମନୋରଂଜନ ଖେଳରୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ମଜା ନେଉଥାନ୍ତି।



ମୀନା ବଜାର ମଂଚରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ନାନା ଚଟପଟି ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଷ୍ଟଲରେ ବେଶ୍ ଗହଳି ପରିଲକ୍ଷିତ ହୋଇଥିଲା ।

## ଆଜିଠାରୁ ଆରଏସ୍‌ଏସ୍‌ଡିଆଇ ଓଡ଼ିଶା ଚାପ୍ଟର ବାର୍ଷିକ ସମ୍ମିଳନୀ

କଟକ(ସବ୍ୟୁ): ଆରଏସ୍‌ଏସ୍‌ଡିଆଇର ଓଡିଶା ଚାପ୍ଟର ପକ୍ଷରୁ ୧୩ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏସ୍‌ସିବିର ସେଣ୍ଟ୍ରାଲ ଅଡିଟୋରିୟମ ଠାରେ ୨୯ ଓ ୩୦ ତାରିଖ କର୍ମଶାଳା କରାଯିବ ଏବଂ ୩୧ ତାରିଖ ରବିବାର ପୂର୍ବାହ୍ନ ସମୟରେ ଏହାର ଉଦଘାଟନୀ କାର୍ଯ୍ୟକ୍ରମ ହେବ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପତି ଯୋଗ ଦେବେ ବୋଲି କଟକ ଆଇଏମ୍‌ଏ ହାଉସ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କମିଟିର ଅଧ୍ୟକ୍ଷ ଡା. ଜୟନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏହାସହ କାର୍ଯ୍ୟକ୍ରମରେ ପ୍ରଫେସର ଡା. ସିଦ୍ଧାର୍ଥ ଦାସଙ୍କୁ ଜୀବନବ୍ୟାପୀ ସମ୍ମାନ ପ୍ରଦାନ କରାଯିବ । ଦୁଇଦିନିଆ କର୍ମଶାଳାରେ ରାଜ୍ୟ ତଥା ବାହାରୁ ପ୍ରାୟ ୧୩ଶହରୁ ଅଧିକ ଡାକ୍ତର ଯୋଗ ଦେଇ ମଧୁମେହ ରୋଗ ଓ ତାର ନିରାକରଣ ସମ୍ପର୍କରେ ଆଲୋଚନା କରିବେ ବୋଲି ଡା. ପଣ୍ଡା କହିଛନ୍ତି । ସମ୍ମିନଳୀରେ ଆୟୋଜନ କମିଟିର ସମ୍ପାଦକ ଡା. ଦେବାର୍ଚ୍ଚନ ଜେନା, ସମ୍ପାଦକ ଡା. ରମେଶ କୁମାର ଗୋଏଙ୍କା, ସଭାପତି ସୁରେଶ କୁମାର ବଂଶଲ, ସାଇଣ୍ଟିଫିକ୍ ଚେୟାରମ୍ୟାନ ଡା. ସଞ୍ଜୟ ଦାଶ, ଇସି ସଦସ୍ୟ ପ୍ରଫେସର ଡା. ଜୟଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଏସି ତାର କାଟୁଥିବା ବେଳେ ଅଭିଯୁକ୍ତଙ୍କୁ ମାଡ଼ି ବସିଲେ ଘରଲୋକ

ଜଟଣୀ,(ସବ୍ୟୁ): ଅଭିଯୋଗକାରୀ ରବିନ୍ଦ୍ର ସାହୁ ଥାନାରେ ଦେଇଥିବା ଏତଲା ଆଧାରରେ ଅଭିଯୁକ୍ତ କାର୍ତ୍ତିକ ମହାରଣାଙ୍କୁ ଗିରଫ କରି ପୁଲିସ ଗୁରୁବାର କୋର୍ଟଚାଲାଣ କରିଛି। ଜଟଣୀ ଥାନା ଅନ୍ତର୍ଗତ ବିଡ଼ିଏ କଲୋନୀରେ ରୁହନ୍ତି ରବୀନ୍ଦ୍ର ସାହୁ। ବୁଧବାର ରାତିରେ ପଶି ଚୋରି କରୁଥିବା ସମୟରେ ପରିବାର ଲୋକ ଉଠିପଡ଼ି ଅଭିଯୁକ୍ତ କାର୍ତ୍ତିକ ମହାରଣାକୁ କାବୁ କରିଥିଲେ। ସ୍ଥାନୀୟ ଗୋପବନ୍ଧୁ ନଗର ଅଂଚଳରେ ଅଭିଯୁକ୍ତର ଘର । ରାତିରେ ରବିନ୍ଦ୍ରଙ୍କ ଘର ତଳମହଲାର ଗେଟ୍ ତାଲା ଭାଙ୍ଗି ଭିତରକୁ ଯିବା ପରେ ଅଭିଯୁକ୍ତ ଷ୍ଟୋରରୁମ୍‌ରୁ ଠାକୁର ବାସନ, ପିତଳ ମୂର୍ତ୍ତି, ରୁପା ମୁଦ୍ରା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ବ୍ୟାଗରେ ରଖିଥିଲା । ପରେ ଛାତଉପରେ ଚଢ଼ି ଏସିର ତାର କାଟୁଥିବା ବେଳେ ଅଭିଯୋଗକାରୀ ରବିନ୍ଦ୍ର ଓ ପରିବାର ଲୋକେ ଶବ୍ଦ ଶୁଣିଥିଲେ। ଛାତ ଉପରକୁ ଯିବା ପରେ ତାର କାଟିବା ଅବସ୍ଥାରେ ଅଭିଯୁକ୍ତ କାର୍ତ୍ତିକକୁ ଧରି ପକାଇଥିଲେ । ପରେ ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଯାଂଚ କଲା ପରେ ସମସ୍ତ ଚୋରି ଜିନିଷ ଜବତ କରିବା ସହ ଅଭିଯୁକ୍ତ କାର୍ତ୍ତିକକୁ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବହୁ ଅପରାଧିକ ମାମଲାରେ ଜଡ଼ିତ ଅଛି ବୋଲି ପୋଲିସ କହିଛି। ସେ ଅଭ୍ୟାସଗତ ଚୋର ଏବଂ ୮ଟି ମାମଲାରେ ସେ ଜଡ଼ିତ ରହିଛି ।

## ନାଲକୋ ପକ୍ଷରୁ ନୂଆଦିଲ୍ଲୀରେ "ମିଡିଆ କନେକ୍ଟ ୨୦୨୫"




ଭୁବନେଶ୍ୱର/ନୂଆଦିଲ୍ଲୀ (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଆଜି ନୂଆଦିଲ୍ଲୀରେ "ମିଡିଆ କନେକ୍ଟ-୨୦୨୫" ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ଏବଂ ନିର୍ଦ୍ଦେଶକ ମଣ୍ଡଳୀ, କମ୍ପାନୀର ସଫଳତା, ସମ୍ପ୍ରସାରଣ ଯୋଜନା, ଅଭିବୃଦ୍ଧି ପଥ ଏବଂ ଭବିଷ୍ୟତ ପାଇଁ ରଣନୈତିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଗଣପର୍ବ 'ନୂଆଁଖାଇ – ୨୦୨୫'ର ଶୁଭେଚ୍ଛା ବାର୍ତ୍ତା
# ଚାଷର ଉନ୍ନତି ଏବଂ ଗୁରୁଜନଙ୍କୁ ସମ୍ମାନ ଦେବାର ବିଶେଷ ପର୍ବ 'ନୂଆଁଖାଇ' : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଚାଷୀ ଓ ଚାଷୀର ଉନ୍ନତି, ସମସ୍ତଙ୍କର ଖାଦ୍ୟ ସୁରକ୍ଷା, ବନ୍ଧୁମିଳନ ତଥା ଗୁରୁଜନଙ୍କୁ ସମ୍ମାନ ଜଣାଇବା ନୂଆଁଖାଇ ପର୍ବର ଅନନ୍ୟ ବିଶେଷତ୍ୱ ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ନୂଆଁଖାଇ ପାଇଁ ସବୁଆଡେ ଏବେ ଖୁସି ଓ ଆନନ୍ଦର ବାତାବରଣ ତିଆରି ହୋଇଛି । ଏହି ସମୟରେ ଚାଷ ଖେତରେ ଧାନ ହୁଏ, ଯାହା ସମସ୍ତଙ୍କ ମନରେ ଖୁସି ଭରିଦିଏ । ନୂଆଁଖାଇ ଚାଷୀ ଏବଂ ଚାଷର ଉନ୍ନତି ଏବଂ ସମୃଦ୍ଧିର କଥା କୁହେ । ତା' ସହ ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷାକୁ ଉଜାଗର କରେ । ନୂଆଁଖାଇ କେବଳ ନବାନ୍ନ ସେବନର ପର୍ବ ନୁହେଁ, ଏହା ମଧ୍ୟ ବନ୍ଧୁମିଳନ ଓ ଗୁରୁଜନଙ୍କ ପ୍ରତି ସମ୍ମାନର ପର୍ବ । ସେଥିପାଇଁ ଆମର ନୂଆଁଖାଇ ହେଉଛି ମହାନ ଓ ଅନନ୍ୟ । ମା' ସମଲେଇଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଖୁସି ଓ ସମୃଦ୍ଧି ଆଣିଥାଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି । ଆସନ୍ତାକାଲି ନୂଆଁଖାଇ ଉପଲକ୍ଷେ ଶ୍ରୀ ପ୍ରଧାନ ପ୍ରଥମେ ସମ୍ବଲପୁର ମାନେଶ୍ୱର ବ୍ଲକ ସିନ୍ଧୁରପଙ୍କରେ ନୂଆଁଖାଇ ପାଳନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ମା'ସମଲେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ସେଠାରେ ପ୍ରସାଦ ସେବନ କରିବେ । ପରବର୍ତ୍ତୀ ସମୟରେ ସମ୍ବଲପୁରରେ ଓଡ଼ିଶା ସାଂସ୍କୃତିକ ସମାଜ, ନନ୍ଦପଡାରେ ଚିତ୍ରୋତ୍ପଳା ଯୁବକ ସଂଘ ଏବଂ ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମଲେଶ୍ୱରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ପୃଥକ ପୃଥକ ନୂଆଁଖାଇ ଭେଟଘାଟ -୨୦୨୫ରେ ଯୋଗଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।



# କାର୍ କାଚ ଭାଙ୍ଗି ନେଇଗଲେ ଡାକ୍ତରଙ୍କ ଗହଣା ଓ ସ୍ମାର୍ଟଘଣ୍ଟା

ଭୁବନେଶ୍ୱର, (ସବ୍ୟୁ) : ଖାରବେଳନଗର ଥାନା ଅଞ୍ଚଳରେ ପାର୍କିଂରେ ଥିବା ଓଆର୍୦୨ଏପି-୬୧୫୫ ନମ୍ବର କାର୍ କାଚକୁ ଭାଙ୍ଗି କେହି ଅଜଣା ଦୁର୍ବୃତ୍ତ ସୁନା- ରୂପା ଗହଣା ଓ ସ୍ମାର୍ଟ ଘଣ୍ଟା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଜଗତସିଂହପୁର ନାଉଗାଁ ଡାକ୍ତରଖାନାର ଡାକ୍ତର ଓ ତାଙ୍କ ପନି ଭୁବନେଶ୍ୱର ଆସିଥିଲେ । ଖାରବେଳନଗର ଥାନା ଅଞ୍ଚଳ ପାର୍କିଂରେ କାର୍ ରଖି ହୋଟେଲକୁ ଖାଇବାକୁ ଯାଇଥିଲେ । ଏହି ସୁଯୋଗରେ ଲୁଟେରା ତାଙ୍କ କାର୍ କାଚ ଭାଙ୍ଗି ସୁନା-ରୂପା ଗହଣା, ସ୍ମାର୍ଟ ଘଣ୍ଟା ଓ ଅନ୍ୟାନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଲୁଟିନେଇଥିବା ସେମାନେ ହୋଟେଲରୁ ଆସି ଦେଖିଥିଲେ । ଏହା ଦେଖିବା ପରେ ସେମାନେ ପିସିଆର୍‌କୁ ଫୋନ୍ କରିଥିଲେ । ପିସିଆର୍ କର୍ମଚାରୀ ପହଞ୍ଚି ଜିନିଷ କାହିଁ ସାଙ୍ଗରେ ନେଲନାହିଁ ଓ ହୋଟେଲ ସାମ୍ନାରେ କାହିଁକି ପାର୍କିଂ କଲନାହିଁ ବୋଲି କହିଥିଲେ । ସ୍ୱାମୀ-ସ୍ତ୍ରୀ ଏହା ଶୁଣିବା ପରେ ପାର୍କିଂ ସ୍ଥାନରେ ଆମେ ପାର୍କିଂ କରିଛୁ, ତାହା ମଧ୍ୟ ସିସି କ୍ୟାମେରାରେ ଅଛି । ପୋଲିସ ଏପରି କହିବାର କାରଣ କ'ଣ ବୋଲି ଦୁହେଁ ଗଣମାଧ୍ୟମକୁ କହିଛନ୍ତି । ଖାରବେଳନଗର ଥାନାରେ ଡାକ୍ତର ଦମ୍ପତି ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ କ'ଣ ପଦକ୍ଷେପ ନେବ ତାହା ଦେଖିବାର ଅଛି ବୋଲି ଡାକ୍ତର କହିଛନ୍ତି ।

## ଧର୍ମପ୍ରାଣା ମହିଳା ସଂଯୁକ୍ତା ରାଉତଙ୍କ ଶ୍ରାଦ୍ଧବାର୍ଷିକୀ

କଟକ,(ସ.ବ୍ୟୁ): ବରିଷ୍ଠ ସମାଜସେବୀ ବଲ୍ଲଭ ଚରଣ ରାଉତଙ୍କ ଧର୍ମପତ୍ନୀ ମହାନ୍ ଆଦର୍ଶ ନାରୀ ପ୍ରତିଭା ତଥା ସାଲେପୁର ବ୍ଲକ ୪୬ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଦିବଂଗତ ସଂଯୁକ୍ତା ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ତାଙ୍କ ନାମରେ ଗଠିତ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି। ଟ୍ରଷ୍ଟ ରାଜ୍ୟ ସଂଯୋଜକ ଇଂ.ସେବକ ଶ୍ରୀକାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସଂଯୁକ୍ତାଙ୍କ କନିଷ୍ଠ ପୁତ୍ର ଯୁବ ସମାଜସେବୀ ସନ୍ତୋଷ ରାଉତ ସ୍ୱାଗତ ଭାଷଣ ସହ ଟ୍ରଷ୍ଟ ଆଭିମୁଖ୍ୟ ସଂପର୍କରେ ଅଭିଭାଷଣ ବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଂଜଳି ସଭାରେ କଟକ ସଦର ବ୍ଲକ ମାନ୍ୟବର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ,ଭାଜପା କଟକ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି, ବରିଷ୍ଠ ସାମ୍ବାଦିକ ଅକ୍ଷୟ ଦାଶ,ସରସ୍ୱତୀ କଳା ପରିଷଦ କନ୍ଦରପୁର ସମ୍ପାଦକ ନାଟ୍ୟକାର ଆଶୋକ ପଟ୍ଟନାୟକ, ଶିଶୁ ପତ୍ରିକା କୁନି ପ୍ରତିଭାର ଉପଦେଷ୍ଟା ସୀତାରାମ ପଣ୍ଡା,ଲୋକଭାଷା ପାକ୍ଷିକ ଖବର କାଗଜର ସମ୍ପାଦକ ଶୁକଦେବ ପରିଡ଼ା,ଆୟତପୁର ପଂଚାୟତ ସରପଂଚ ରାକେଶ ବେହେରା,ଶୁକଦେବ ରାଉତ, ପ୍ରକାଶ ଚନ୍ଦ୍ର ରାଉତ,ପୂର୍ଣ୍ଣଚନ୍ଦ୍ର ରାଉତ,ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରକାନ୍ତ ରାଉତ,ଅସିତ୍ ମହାନ୍ତି,ତାପସ ରଂଜନ,ରମେଶ ରାଉତ, ତ୍ରିଲୋଚନ ପାତ୍ର,କିଶୋର ମହାନ୍ତି,ସ୍ମୃତି ରଞ୍ଜନ ମହାନ୍ତି,ପ୍ରଦୀପ୍ତ ବସ୍ତିଆ,ବଟକୃଷ୍ଣ ମହାନ୍ତି,ବୋହୂ ସୋନାଲି ପୁହାଣ,ପଦ୍ମିନୀ ରାଉତ, ନାତି ସୌଭାଗ୍ୟ,ନାତୁଣୀ ସଂପୂର୍ଣ୍ଣା, ଆତ୍ମୀୟ ସ୍ୱଜନ,ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ମୃତି ଚାରଣ କରିଥିଲେ । ଟ୍ରଷ୍ଟ ପକ୍ଷରୁ ଉଲ୍ଲେଖନୀୟ ସଫଳତା ନେଇ ବହୁ ପ୍ରତିଭାଧରଙ୍କୁ ସଂଯୁକ୍ତା ଦେବୀ ସ୍ମୃତି ସମ୍ମାନ - ୨୦୨୫ ପ୍ରଦାନ ସହ ଚାରା ବଣ୍ଟନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ଇଂ.ବସନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି : ଡେଙ୍ଗୁ ଚିହ୍ନଟ
# ଗୁରୁତର ଅବସ୍ଥାରେ ଦ୍ୱାଦଶ ଶ୍ରେଣୀର ଛାତ୍ର

ଖୋର୍ଦ୍ଧା, (ସବ୍ୟୁ): କେନ୍ଦ୍ର ଓ ରାଜ୍ୟ ସରକାର ଡେଙ୍ଗୁ, ମ୍ୟାଲେରିଆ ଭୂତାଣୁ ଜନିତ ରୋଗ ନିରାକରଣ ଓ ସଚେତନତା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ପଲ୍ଲୀ ଠାରୁ ଦିଲୀ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ମାତ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜବାହର ନବୋଦୟ ବିଦ୍ୟାଳୟରେ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଚିକିତ୍ସା ହେଉଛନ୍ତି। ଏଭଳି ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ର ଖୋର୍ଦ୍ଧା ପୌରପରିଷଦ ଅଧିନ ଗୁରୁଜଙ୍ଗସ୍ଥିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବିଦ୍ୟାଳୟରେ।

ଖୋର୍ଦ୍ଧା ପୌରପରିଷଦ ଅଧିନ ଗୁରୁଜଙ୍ଗ ଅଂଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜବାହର ନବୋଦୟ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟ ହଷ୍ଟେଲ ରେ ରହି ପିଲାମାନେ ପଢୁଥିବାବେଳେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରଛାତ୍ରୀମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହେଉଛନ୍ତି। ଏବେ ବର୍ଷା ଋତୁ ରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଏନେଇ ସରକାରଙ୍କ ପକ୍ଷରୁ ସଚେତନ ବାର୍ତା ଦେବା ସହିତ ସଫାସୁତୁରା, ପରିଷ୍କାର ପରିଚ୍ଛନ ଓ ପାଣି ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଉକ୍ତ ବିଦ୍ୟାଳୟରେ ଏହାର ଘୋର ବ୍ୟତିକ୍ରମ ଦେଖାଦେଇଛି। ଯାହା ପାଇଁ ହଷ୍ଟେଲ ରହୁଥିବା ଛାତ୍ରଛାତ୍ରୀ ଏକ ପ୍ରକାର ଆତଙ୍କିତ ଓ ଭୟଭୀତ ଅବସ୍ଥାରେ ରହୁଥିବାବେଳେ କିଛିଦିନ ହେବ ଉକ୍ତ ବିଦ୍ୟାଳୟର କେତେକ ଛାତ୍ରଛାତ୍ରୀଙ୍କ ଜ୍ୱର ହେଉଥିବା ଜଣାଯାଇଛି। ତେବେ ଦ୍ୱାଦଶ ଶ୍ରେଣୀ ରେ ପଢୁଥିବା ବାଲୁଗାଁ ଅଂଚଳର ଜନୈକ ଛାତ୍ର ଏବେ ଏଠାରୁ ଡେଙ୍ଗୁ ଚିହ୍ନଟ ହୋଇଛନ୍ତି। ସେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁ ରେ ଚିକିତ୍ସା ହେଉଛନ୍ତି। ସ୍କୁଲ ର ୧୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଜ୍ୱର ହେବା ଏବଂ ଜଣେ ଡେଙ୍ଗୁରୋଗୀ ଚିହ୍ନଟ ହେବା ଘଟଣା ଏବେ ସମସ୍ତଙ୍କୁ ଭୟଭୀତ କରାଇଛି ।ଏହି ସମୟରେ ସ୍କୁଲ ଅଧ୍ୟକ୍ଷ ରାଜ୍ୟ ବାହାରେ ଥିବାବେଳେ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନିତୀ ଛାତ୍ରଛାତ୍ରୀଙ୍କୁ ବିପଦକୁ ଠେଲି ଦେଉଥିବା ଆଶଙ୍କା କରିଛନ୍ତି ଅଭିଭାବକ।

ଏନେଇ ଛାତ୍ରଙ୍କ ଅଭିଭାବକ କୁହନ୍ତି, ପୁଅର ଜୋର ଜ୍ୱର ଖବର ପାଇ ଗତ ରବିବାର ଦିନ ଆମେ ସ୍କୁଲ ରୁ ତାଙ୍କୁ ଘରକୁ ଆଣି ବାଣପୁର ସିଏଚସି କୁ ଚିକିତ୍ସା ପାଇଁ ନେଇଥିଲୁ। ସେଠାରୁ ମେଡିସିନ ଆଣି ଖାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ହୋଇଥିଲା। ପରଦିନ ତାଙ୍କୁ ଭୁବନେଶ୍ୱର ଘରୋଇ ମେଡିକାଲ କୁ ନେଇଥିଲୁ। ଗୁରୁତର ଥିବାରୁ ଡାକ୍ତର ତାକୁ ଆଇସିୟୁ ରେ ଭର୍ତି କରିଥିଲେ। ସେଠାରେ ୩ଦିନ ଧରି ଚିକିତ୍ସା ପରେ ଆଜି ୱାର୍ଡ କୁ ଫେରିଛି। ସ୍କୁଲ ଅଧ୍ୟକ୍ଷାଙ୍କ ଯୋଗାଯୋଗ କରିବାରେ ସେ ଅଫିସ କାମରେ ରାଜ୍ୟ ବାହାରକୁ ଆସିଥିବା କହିଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟଜଣେ କର୍ମଚାରୀଙ୍କ କହିବା ଅନୁସାରେ, ଉକ୍ତ ଛାତ୍ର ଜଣକ ୧୪ରେ ଘରକୁ ଯାଇ ୧୭ରେ ଫେରିଥିଲେ। ୨୩ରେ ଦେହ ଖରାପ ହୋଇଥିବାବେଳେ ତାକୁ ପ୍ରାଥମିକ ପର୍ଯ୍ୟାୟରେ ଔଷଧ ଦିଆଯାଇଥିଲା। ପରେ ପରିବାର ଲୋକ ତାଙ୍କୁ ଘରକୁ ନେଇଥିଲେ। ସ୍କୁଲ ହଷ୍ଟଲ ରେ ଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ଜ୍ୱର ହୋଇଥିବାବେଳେ ସେମାନଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଛି। ଅନ୍ୟପକ୍ଷରେ ଗୋଟେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଏବେ ଚେତିଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ଆଜି ସ୍କୁଲ ପରିସରରେ ପରିସ୍କାର ପରିଛନ୍ନତା କରାଯାଇଥିବାବେଳେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।



ଗୁରୁବାର ରାତ୍ରିରେ ପୁରୀ ଏସପି ପ୍ରତୀକ ସିଂ ପୋଲିସ ଅଧିକାରୀଙ୍କ ସହ ବଡ ଦାଣ୍ଡରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ବିଭିନ୍ନ ଛକ, ସାହି, ଗଳି କନ୍ଦି ସମ୍ପର୍କରେ ପଚାରି ଅବଗତ ହେଉଛନ୍ତି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏନଡିଆରଏଫ କର୍ମୀଙ୍କୁ ମହୁଚାଷ ପ୍ରଶିକ୍ଷଣ



କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନଡିଆରଏଫ) କର୍ମୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଦିନିକିଆ ମହୁଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନଡିଆରଏଫ କର୍ମୀଙ୍କ ଆୟ ବୃଦ୍ଧି ଓ ଜୀବନଧାରଣ ମାନ ଉନ୍ନତିରେ ଏହା ସହାୟକ ହେବ। ପ୍ରଶିକ୍ଷଣରେ ମହୁଛତାର ଯତ୍ନ, କଲୋନୀ ପରିଚାଳନା ଏବଂ ଫୁଲର ପରାଗସଙ୍ଗମରେ ମହୁମାଛିଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। କୃଷି ବିଭାଗ ଅନ୍ତର୍ଗତ କୀଟବିଜ୍ଞାନର ସହାୟିକା ଅଧାପିକା ଡ. ସୀମା ତ୍ରିପାଠୀ, ଡ. ସୌମ୍ୟଭାରତୀ ବାବୁ, ଏବଂ ଡ. ରୀତେଶ ମିଶ୍ର ପ୍ରମୁଖ ମହୁଚାଷର ଗୁରୁତ୍ୱ ଓ ତତ୍ ସମ୍ବନ୍ଧୀୟ ବ୍ୟାବହାରିକ ପଦ୍ଧତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହୁ ଚାଷୀ ଦିଲ୍ଲୀପ ସାହୁ କିଭଳି ମହୁଚାଷ କରାଯାଉଛି, ତାହାର ବାସ୍ତବ ପ୍ରଦର୍ଶନ କରି ଦେଖାଇଥିଲେ। ପ୍ରୟୋଗଶାଳା ସହାୟିକା ନମ୍ରତା ଗଜେନ୍ଦ୍ର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ସହାୟତା କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଡିନ୍ ପ୍ରାଧ୍ୟାପକ ଡ. ଏସ୍. କୁମାର ସ୍ୱାମୀ ଏନଡିଆରଏଫ୍ କର୍ମୀମାନଙ୍କ ଜୀବିକାକୁ ସମୃଦ୍ଧ କରିବା ଦିଗରେ ଉର୍ଦ୍ଦିଷ୍ଟ । ଏହି ପଦକ୍ଷେପ ପ୍ରକୃତରେ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେସିଡେଣ୍ଟ ପ୍ରୋ. ରଜିତା କୁଲକର୍ଣ୍ଣୀ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳପତି ପ୍ରୋ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅନିଲ ଶର୍ମା, ଉପନିର୍ଦ୍ଦେଶକ (ମାନବ ସମ୍ବଳ) ଜ୍ୟୋତିରଞ୍ଜନ ଗଡ଼ନାୟକ ଏବଂ ଉପନିର୍ଦ୍ଦେଶକ (ଆଡମିଶନ୍) ଡ. ମଳୟ ମଲ୍ଲ ପ୍ରମୁଖ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମ ଉତ୍ସବରେ ଡିଜେ ସାଉଣ୍ଡ ନିଷେଧ

ଭଦ୍ରକ,(ସବ୍ୟୁ): ଭଦ୍ରକ ପୁରୁଣାବଜାର ମଦିନା ମଇଦାନରେ ସନ୍ଧ୍ୟା ୭ଘଟିକା ସମୟରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନ-ଏ-ଇଦ ମିଲାଦୁନ ନବୀ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ଏକ ପ୍ରସ୍ତୁତି ବୈଠକ ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଓ ସାଧାରଣ ସଂପାଦକ ହାଜୀ ଶେଖ ଏନାମ ମହମ୍ମଦଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ଅସ୍ଥାୟୀ କମିଟି ତଥା ସିରତ କମିଟି ଗଠନ କରାଗଲା। ଏହି ସିରତ କମିଟିରେ ସଭାପତି ଭାବେ ହାଜୀ ଅବଦୁଲ ମୁକିତ ଖାନ,ସଂପାଦକ ଭାବେ ଇଂ. ହବିବୁଲ୍ଲା ଖାନ,କୋଷାଧ୍ୟକ୍ଷ ଭାବେ ମିର୍ଜା ଏକ୍ରାମ ବେଗ ଓ ଶେଖ ଅବୁକଲାମ ପ୍ରମୁଖ ଏହି ପରି ଭାବେ ୩୩ ଜଣ ସିରତ କମିଟିରେ କର୍ମକର୍ତ୍ତା ଭାବେ ରହିଛନ୍ତି ଏବଂ ପ୍ରତ୍ୟେକ ବସ୍ତିର ଜୁଲୁସ/କାଫେଲାର ସରଦାରମାନେ ଉକ୍ତ କମିଟିରେ ସଭ୍ୟଭାବେ ରହିଛନ୍ତି। ଅଗଷ୍ଟ ୨୪ତାରିଖ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲାପରେ ଅଗଷ୍ଟ ୨୫ ତାରିଖ ସୋମବାର ଚନ୍ଦ୍ରର ପ୍ରଥମ ଦିନଠୁ ୧୨ଦିନ ପର୍ଯ୍ୟନ୍ତ ପର୍ବ ପାଳନ ହେବ। ଭଦ୍ରକ ଭାଇଚାରା ସହରକୁ ଶାନ୍ତିଶୃଙ୍ଖଳା ସହ ବଜାୟ ରଖି ହଜରତ ମହମ୍ମଦଙ୍କ ପର୍ବ ପାଳନ ପାଇଁ ଉପସ୍ଥିତ ସମସ୍ତ ସଭ୍ୟ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଚଳିତ ବର୍ଷ ପ୍ରଫେଟ ମହମ୍ମଦଙ୍କ ୧୫୦୦ ତମ ବର୍ଷ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯିବ। ସେପ୍ଟେମ୍ବର ୫ତାରିଖ ଶୁକ୍ରବାରରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମ ଉତ୍ସବ ତଥା ଜସ୍ନ-ଏ-ଇଦ ମିଲାଦୁନ ନବୀ ପର୍ବ ଇସଲାମ ଧର୍ମର ସରିୟତ ରୀତିନୀତି ଅନୁଯାୟୀ ପାଳନ କରାଯିବ। ଏହି ପର୍ବରେ ଅପରାହ୍ନ ୪ଟାରେ ଭଦ୍ରକର ସମସ୍ତ ବସ୍ତିରୁ ଜୁଲୁସ(ମେଢ଼)ଓ କାଫେଲା ପୁରୁଣାବଜାର ସ୍ଥିତ ଚୌଖଣ୍ଡିରୁ ଆରମ୍ଭ ହୋଇ ବାଙ୍କା ଛକ,ପୁରୁଣାବଜାର ଛକ,ରାଜ୍ୟ ଓ ରାଜ୍ୟ ବାହାରୁ ପଣ୍ଡିତ (ମୌଲାନା) ଓ କବି (ସାଏର)ମାନେ ଯୋଗଦାନ କରି ଏକ ଧର୍ମସଭାର ଆୟୋଜନ ହେବ ବୋଲି ଭଦ୍ରକ ମୁସଲିମ ଜମାତର ମିଡିଆ ସେଲ ଶେଖ ଅନଓ୍ୱର (ବାବୁ) ଜଣାଇଛନ୍ତି ।

### ବିଦ୍ୟୁତ୍ ସଟ ସର୍କିଟରେ ଲାଗିଲା ନିଆଁ

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ



ଛତ୍ରପୁର,(ସବ୍ୟୁ): ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ସ୍ଥିତ (ମଠ)ଉପର ସାହିର ୟୁ ନାଗେଶ୍ୱର ଆଚାରୀଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ସଟ୍‌ସର୍କିଟ ଯୋଗୁଁ ନିଆଁ ଲାଗିଲା ଥିବା ଜଣାପଡିଛି । ଏହି ଅଗ୍ନିକାଣ୍ଡରେ ଘରେ ଥିବା ଅନେକ ଫର୍ନୀଚର ସାମଗ୍ରୀ, ମେସିନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗୁଡିକ ପୋଡ଼ି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି । ଖବର ଅନୁଯାୟୀ, ଘର ଭିତରୁ ଧୂଆଁ ବାହାରୁଥିବାର ଦେଖିଥିଲେ। ଅଳ୍ପ କିଛି ସମୟ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ହୁତୁ ହୁତୁ ହୋଇ ସବୁ ଜଳିବାରେ ଲାଗିଥିଲା। ପରିବାର ଓ ସ୍ଥାନୀୟ ଲୋକ ପ୍ରଥମେ ନିଆଁ ଲିଭାଉଥିବା ସହ ଛତ୍ରପୁର ଅଗ୍ନିଶମ କାର୍ଯ୍ୟାଳୟଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଛତ୍ରପୁର ଅଗ୍ନିଶମ ବାହିନୀର ଟିମ୍ ଆସି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ପୋଡି ହୋଇ ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନଥିବା ବେଳେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ସେ ଜଣେ ଗରିବ ଶ୍ରେଣୀ ବ୍ୟକ୍ତି ଅଟନ୍ତି । ବିଭିନ୍ନ ଫର୍ନିଚର କାମ କରିବାକୁ କାଠ ସାମଗ୍ରୀ ଘରକୁ ଆଣିଥିବା ବେଳେ ଏପରି ଦୁଃଖଦ ଘଟଣା ଘଟିଛି। ଏବେ ତାଙ୍କ ପରିବାର ଚିନ୍ତା ପଡିଛନ୍ତି। ଅନ୍ୟପଟେ ସୁନ୍ଦରପୁର ସରପଞ୍ଚ ଗଗନ ବେହେରାଙ୍କ ଉପସ୍ଥିତରେ ଆରଆଇ ସୁଶାନ୍ତ ଶବର ଗ୍ରାମରେ ପହଁଚି କ୍ଷତିଗ୍ରସ୍ତ ୟୁ ନାଗେଶ୍ୱର ଆଚାରୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏନେଇ ସରପଞ୍ଚ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

### ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଓଡିଶା ପରିବେଶ ସମିତି ପକ୍ଷରୁ

# ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଚାରା ରୋପଣ




ବ୍ରହ୍ମପୁର, (ସବ୍ୟୁ): ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ସହାୟତାରେ ଓଡିଶା ପରିବେଶ ସମିତି ତରଫରୁ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସର ଭିତରେ ଗଛ ଚାରାରୋପଣ କାର୍ଯ୍ୟକ୍ରମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଗୋଳନ୍ଥରା ଶାଖାର ପରିଚାଳିକା ବୈଶାଳୀ ସର୍ମା ଯୋଗ ଦେଇଥିଲେ। ଏହି ପରିସର ଭିତରେ ୧୫୦୦ ଟି ବିଭିନ୍ନ କିସମର (ବଉଳ, ଅଶୋକ, ଅର୍ଜ୍ଜୁନ, ନିମ, କରଞ୍ଜ, ମହୁଲ, ଅଁଳା, କୃଷ୍ଣ ଚୁଡା, ରାଧାଚୁଡା, କଦମ୍ବ, ସୀତାଫଳ, ଜାମକୋଳି, ଡାଳିମ୍ବ ମୁଚୁକୁନ୍ଦ, ବେଲ, ଶିରିଶା ଇତ୍ୟାଦି) ଗଛ ଚାରା ରୋପଣ କରିବାରେ ଲକ୍ଷ ରଖାଯାଇଛି । ନିଷ୍ଟ ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୫୦ଟି ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଛାତ୍ର ଓ ଛାତ୍ରୀଙ୍କୁ ପରିବେଶର ସ୍ୱଛତା ଓ ସବୁଜତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ଏକ ମାତ୍ର ଉପାୟ ବୃକ୍ଷ ରୋପଣ ବୋଲି ମତ ପ୍ରକାଶ କରିଥିଲେ। ଗ୍ଲୋବାଲ ୱାର୍ମିଙ୍ଗର ନିରାକରଣ ଓ ପ୍ଲାଷ୍ଟିକକୁ ବର୍ଜନ କରିବାକୁ ଉପସ୍ଥିତ ଛାତ୍ର ଓ ଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଚାରାରୋପଣ କରିବାକୁ ଓଡିଶା ପରିବେଶ ସମିତି କୁ ଅନୁରୋଧ କରାଯାଇଛି। ଓଡ଼ିଶା ପରିବେଶ ସମିତିର ସଭାପତି ଡଃ. ସୁନ୍ଦର ନାରାୟଣ ପାତ୍ର, କାର୍ଯ୍ୟକାରୀ ସଭାପତି ଡଃ ଜୟ କୃଷ୍ଣ ପାଣିଗ୍ରହୀ ଓ ସଂପାଦକ ମନୋରଂଜନ ମିଶ୍ରଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏହି ପ୍ରକଳ୍ପ କାର୍ଯ୍ୟକାରି କରାଯାଇଅଛି। ପରିବେଶ ସମିତିର ଆଜୀବନ ସଭ୍ୟ ସୁକାନ୍ତ ପଟ୍ଟନାୟକଙ୍କ ସକ୍ରିୟ ସହଯୋଗ ଓ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ଼. ମଳୟ କୁମାର ମିଶ୍ର, ଡ଼. ସତୀଶ ପ୍ରସାଦ ନାୟକ ଓ ଶିବ ପ୍ରସାଦ ଦାସ, ଭି.ଭି. ରାମାରାଓ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ ଓ ଡ଼. ସବ୍ୟସାଚୀ ରଥ ପ୍ରୋତ୍ସାହନ ଦେଇଥିଲେ। ସୁରେଶ ମହାପାତ୍ର ଏହି କାର୍ଯକ୍ରମକୁ ନେତୃତ୍ୱ ନେଇଥିଲେ। ଅନୁଷ୍ଠାନର କର୍ତୃପକ୍ଷ ଗଛ ଗୁଡ଼ିକର ଯତ୍ନ ନେବା ପାଇଁ ପ୍ରତିଶ୍ରୁତି ବଦ୍ଧ ରହିବେ ବୋଲି ସୁଚନା ଦେଇଥିଲେ। ସମ୍ପ୍ରତି ବିଶ୍ୱ ପରିବେଶର ଉତ୍ତାପନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବ୍ୟାପକ ବୃକ୍ଷ ରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା । ନିଷ୍ଟ ବିଶ୍ୱବିଦ୍ୟାଳୟ ର ଏନଏସଏସ ଏବଂ ଏନସିସି କ୍ଲବ ଏଥିରେ ସହାୟତା କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ମହିଳା ଗୁରୁତର

ବୁଗୁଡା, (ସବ୍ୟୁ): ବୁଗୁଡ଼ା-ମୋଟାବାଡି ରାସ୍ତାରେ କାଞ୍ଚିଆପଲ୍ଲୀ ରାଇସ୍ ମିଲ୍ ନିକଟସ୍ଥ ବୁଲାଣି ରାସ୍ତାରେ ଦୁଇଟି ବାଇକର ମୁହାଁମୁହିଁ ଧକ୍କାରେ ଜନୈକା ମହିଳା ଗୁରୁତର ହୋଇଥିବା ଜଣାଯାଇଛି। ଗୁରୁତର ମହିଳା ଜଣକ ହେଲେ ପୋଲସରା ବ୍ଲକ ଅନ୍ତର୍ଗତ ସାବିତ୍ରୀଭଗଡା ଗ୍ରାମର ପୁଷ୍ପା ପ୍ରଧାନ (୪୫)। ପ୍ରକାଶ ଯେ, ଆଜି ଅପରାହ୍ନରେ ନାଗିରି ଗ୍ରାମର ଧ୍ରୁବଚରଣ ପ୍ରଧାନ ତାଙ୍କର ମାଉସୀ ପୁଅ ଭାଇ ଓ ମାଉସୀ ପୁଷ୍ପାଙ୍କୁ ବାଇକରେ ବସାଇ ସାବିତ୍ରୀ ଭଗଡା ଗ୍ରାମରେ ଛାଡିବାକୁ ଯାଉଥିଲେ। ଏହି ସମୟରେ ସାମନା ପଟୁ ବାଲିସାହି ଗ୍ରାମର ସମ୍ବିଦ୍ ପ୍ରଧାନ(୨୨) ଓ ତାଙ୍କର ଜଣେ ସାଥୀ ପଲସର୍ ବାଇକରେ ଦ୍ରୁତ ଗତିରେ ଆସି କାଞ୍ଚିଆପଲ୍ଲୀ ରାଇସ୍ ମିଲ୍ ନିକଟସ୍ଥ ବୁଲାଣି ରାସ୍ତାରେ ସାମନା ପଟୁ ତାଙ୍କ ବାଇକକୁ ଧକ୍କା ଦେଇଥିଲେ। ଫଳରେ ସମ୍ବିତ ଓ ତାଙ୍କର ସାଥୀ ଗାଡି ସହ ରାସ୍ତାକଡ ଲଟାବୁଦା ମଧ୍ୟକୁ ଫୋପାଡି ହୋଇପଡିଥିଲେ ଏବଂ ପୁଷ୍ପାଙ୍କ ଉପରେ ସେ ବସିଥିବା ବାଇକଟି ଲଦି ହୋଇଯାଇଥିଲା। ଦୁର୍ଘଟଣାରେ ସମ୍ବିଦଙ୍କ ଥୋଡି ଫାଟି ଯାଇଥିବା ବେଳେ ପୁଷ୍ପାଙ୍କ ଡାହାଣ ହାତ ଭାଙ୍ଗିଯିବା ସହ ମୁଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଥିଲା। ଆହତ ଦ୍ୱୟଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଉଭୟଙ୍କ ପ୍ରାଥମିକ ଚିକିତ୍ସା ପରେ ପୁଷ୍ପାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

### ସେପ୍ଟେମ୍ବର ମାସ ପାଇଁ ଯୁଗ୍ମ ଜନ ଶୁଣାଣୀ ଶିବିର କାର୍ଯ୍ୟସୂଚୀ

# ୬ ରେ ହେବ ବଡ଼ସାହି ବ୍ଲକରେ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲାପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ମାସର ପ୍ରଥମ ସୋମବାର ୧ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ, ସେହିପରି ଦ୍ୱିତୀୟ ସୋମବାର ୮ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ, ସେହିପରି ତୃତୀୟ ସୋମବାର ୧୫ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ଚତୁର୍ଥ ସୋମବାର ୨୨ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏତଦ୍‌ବ୍ୟତୀତ ୬ତାରିଖ ବଡ଼ସାହି ବ୍ଲକରେ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଜିଲ୍ଲାପାଳ ଅଭିଯୋଗ ଗୁଡିକର ଶୁଣାଣି କରିବେ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ଉପସ୍ଥିତ ରହି ଜଣାଇ ପାରିବେ ।

## ପୋଲିସ ନିକଟରେ ୩୦ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, (ସବ୍ୟୁ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୋଲିସକୁ ବଡ ସଫଳତା ମିଳିଛି । ୮୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ୩୦ ଜଣ ମାଓବାଦୀ ବିଜାପୁର ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ କିଛି ଡିଭିସିଏମ,ଏସିଏମ ଓ ପାଏଲଜିଏ ସଦସ୍ୟ ରହିଛନ୍ତି । ଆଦିବାସୀ ଅଧ୍ୟୁଷିତ ବିଜାପୁର ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସରକାରଙ୍କ ଦ୍ୱାରା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଚାଲିଛି । ଦୁର୍ଗମ ଅଞ୍ଚଳକୁ ଗମନାଗମନ ପାଇଁ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସଂଯୋଗ ଓ ଅନ୍ୟାନ୍ୟ ଜନହିତକର ଯୋଜନା ଗୁଡିକ ଆଦିବାସୀ ଲୋକଙ୍କ ପାଖରେ ପହଞ୍ଚିବା ଆରମ୍ଭ କରିଛି। ଏଣୁ ମାଓବାଦୀମାନେ ଏଥିରେ ପ୍ରଭାବିତ ହୋଇ ମାଓ ସଂଗଠନ ତ୍ୟାଗ କରି ଥିଲେ। ସୁରକ୍ଷା ବାହିନୀର ଗ୍ରାମବାସୀଙ୍କ ସହିତ ସକାରାତ୍ମକ ଆଲୋଚନା, କମ୍ୟୁନିଟି ପୋଲିସିଂ ଅଧୀନରେ ଦିଆଯାଉଥିବା ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ଏବଂ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିର ବ୍ୟାପକ ପ୍ରଚାର ଯୋଗୁଁ ସଂଗଠନରୁ ମାଓବାଦୀଙ୍କ ମନରେ ହିଂସାତ୍ମକ ଭାବ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ସମସ୍ତ ମାଓବାଦୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ପରେ ସେମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବା ବୋଲି ବୋଲି ବିଜାପୁର ଏସପି କହିଛନ୍ତି ।

### ପ୍ରଶାନ୍ତିନିଳୟମ୍‌ରେ ଓଡ଼ିଶା ପର୍ତ୍ତିଯାତ୍ରା କାର୍ଯ୍ୟକ୍ରମ

# ରଥୋତ୍ସବମ୍ ଓ ହୃଦୟବୀଣାରେ ସ୍ପନ୍ଦିତ ହେଲା ସାଇ କୁଲବନ୍ତ ମଣ୍ଡପ

ଭୁବନେଶ୍ୱର, (ସବ୍ୟୁ) : ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ପବିତ୍ର ଜନ୍ମଭୂମି ଓ କର୍ମଭୂମି ପ୍ରଶାନ୍ତିନିଳୟମ୍‌ଠରେ ତିନିହଜାରରୁ ଅଧିକ ଓଡ଼ିଶାର ସାଇ ଆଶ୍ରିତମାନଙ୍କର ଆଧାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ହୃଦୟରେ କୃତଜ୍ଞତା ଓ ଶ୍ରଦ୍ଧା ଏହି ଦୁଇଦିନିଆ ଓଡ଼ିଶାର ସାଇ ପରିବାର ଭଗବାନଙ୍କ ପ୍ରତି ତାଙ୍କ ନିବିଡ଼ ବନ୍ଧନର ନିଦର୍ଶନ ପ୍ରଦର୍ଶନ କରିଥିଲେ । ରାଜ୍ୟ ଯୁବ ସଂଯୋଜକ ତୁଷାରକାନ୍ତ ନାଥ ତାଙ୍କ ସମ୍ଭାଷଣରେ ୨୦୦୭ ର ପର୍ତ୍ତିଯାତ୍ରାର ପ୍ରଥମ ଅନୁଭୂତିର ସ୍ମୃତି ଚାରଣ କରି କହିଲେ, ଭଗବାନଙ୍କ କୃପା ଲାଭ କରିବା ପାଇଁ ସମସ୍ତେ ଏକ ମନ ଓ ଏକ ଲକ୍ଷ୍ୟ ନେଇ ଦଳ ଦଳ ହୋଇ ତୀର୍ଥଯାତ୍ରାରେ ଆସିବା ଭଗବାନଙ୍କ ଇଛା ଥିଲା । ସେହିଦିନଠାରୁ ଅତୁଟ ବିଶ୍ୱାସ ଓ ଭକ୍ତି ସହ ଓଡ଼ିଶା ଭକ୍ତମାନେ ପ୍ରତିବର୍ଷ ପ୍ରଶାନ୍ତିନିଳୟମ୍‌କୁ ଆସୁଛନ୍ତି ଭଗବାନଙ୍କ ଦିବ୍ୟ ଉପସ୍ଥିତିରୁ ପ୍ରେରଣା, ଆଧାତ୍ମିକ ପୋଷକ ଓ ଆତ୍ମିକବଳ ଲାଭ କରୁଛନ୍ତି । ଅଧିବେଶନ ପ୍ରାରମ୍ଭରୁ ସାଇ ଅଷ୍ଟୋରମ୍, କୃଷ୍ଣାଷ୍ଟକମ୍, ଭକ୍ତିପୂର୍ଣ୍ଣ ସଦ୍‌ଗୁରୁ ସାଇ ସ୍ତୋତ୍ରମ୍ ଓ ସତ୍ୟସାଇ ନବରତ୍ନମାଳା ପରିବେଷଣ କରାଯାଇଥିଲା । ପୂର୍ବାହ୍ନର ଏହି ଅଧିବେଶନର ସମାପ୍ତି ହୋଇଥିଲା ଓଡ଼ିଶାର ଘରେ ଘରେ ପରିଚିତ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ କି ସୁନ୍ଦର ଆହା ଭକ୍ତି ଗୀତ ସହ । ଏହା ପ୍ରଶାନ୍ତିନିଳୟମ୍‌ର ପୁଣ୍ୟକ୍ଷେତ୍ରକୁ ସ୍ୱର୍ଗୀୟ ସ୍ପନ୍ଦନରେ ଭରି ଦେଇଥିଲା । ବଲାଙ୍ଗୀର ଓ ରାୟଗଡ଼ା ଜିଲ୍ଲାର ଯୁବ ବିଭାଗ ତାଙ୍କ ପ୍ରାଣସ୍ପର୍ଶୀ ନାଟକ ରଥୋତ୍ସବମ୍ ପରିବେଷଣ କରିଥିଲେ ସାଇ କୁଲବନ୍ତ ସଭା ମଣ୍ଡପରେ । ଏହି କାର୍ଯ୍ୟକ୍ରମ ଜରିଆରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ସତ୍ୟସାଇଙ୍କ ରଥଯାତ୍ରା ଭିତରେ ଥିବା ସାମଞ୍ଜସ୍ୟ ପ୍ରତିପାଦନ କରିଥିଲେ ଓଡ଼ିଶାର ଯୁବବିଭାଗ । ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡଃ ସତ୍ୟସ୍ୱରୂପ ପଟ୍ଟନାୟକ ସମାବେଶକୁ ଉଦ୍‌ବୋଧନ ଦେଇ ଭକ୍ତମାନଙ୍କର ମିଳିତ ପଦକ୍ଷେପରେ ଭଗବାନଙ୍କ ନିର୍ଦ୍ଦେଶନାକୁ ସାକାର କରିବା ପାଇଁ ସେବା ସାଧନା, ତାଙ୍କ ନିର୍ଦ୍ଦେଶାନୁସାରେ ଜୀବନଯାପନ କରିବା ଏବଂ ଭଗବାନଙ୍କ ପ୍ରେମ ଓ ଶିକ୍ଷାର ପ୍ରସାର ପାଇଁ ସଂଯୁକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଗୁରୁତ୍ୱ ଦେଇଥିଲେ । ଏହା ଭଗବାନଙ୍କ ଜନ୍ମ ଶତବାର୍ଷିକୀ ପାଳନର ଭିତ୍ତିଭୂମି ପ୍ରସ୍ତୁତ କରିବ ବୋଲି ଆଶା କରିଥିଲେ । ଏହି ଦୁଇଦିନିଆ ପର୍ତ୍ତିଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଗଭୀର ଭକ୍ତିପୂର୍ଣ୍ଣ ହୃଦୟର ସାଙ୍ଗିତିକ କାର୍ଯ୍ୟକ୍ରମରେ କୁଲବନ୍ତ ସଭାମଣ୍ଡପ ସ୍ପନ୍ଦିତ ହୋଇଉଠିଥିଲା । ଅନ୍ତିମ ଦିବସରେ ସାଇଆଶ୍ରିତମାନଙ୍କ ଉପସ୍ଥିତିରେ ଭଗବାନଙ୍କୁ ଚିତ୍ରାବତୀ ଆରତୀ ପ୍ରଦାନ କରାଯାଇଥିଲା । ଚଣ୍ଡିଗଡ଼ ହସ୍‌ପିଟାଲର ବୃକକ ଭେଷଜ ବିଭାଗ ମୁଖ୍ୟ ଓ ଜାତୀୟ ଭେଷଜ ବିଜ୍ଞାନ ସଂସ୍ଥାନର ସଭାପତି ପଦ୍ମଶ୍ରୀ ଡଃ ଦିଗମ୍ବର ବେହେରା ଏବଂ ରାଜ୍ୟର ଖ୍ୟାତନାମା କଳାକାର ଏବଂ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ବିଶାଳ ସମାବେଶର ମର୍ଯ୍ୟାଦା ବଢ଼ାଇ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ସାଇଆଶ୍ରିତ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସଂଗଠନର ପୂର୍ବମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସର, ରାଜ୍ୟ ସଭାପତି ପ୍ରତାପ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

## ବର୍ଷେ ହେବ ଖୋଲିନି ରାଜୀବ ସେବା କେନ୍ଦ୍ର ଗଛଲତା ମାଡ଼ି ଭୂତକୋଠି ହେଲାଣି

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ଜିଗ୍ନୀପୁର ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅନ୍ୟୁନ ୮ବର୍ଷ ହେବ ଖୋଲିନଥିବା ଜଣାଯାଇଛି । ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ସରକାର ବଦଳି ଯିବା ପରେ ପଞ୍ଚାୟତର ଜନପ୍ରତିନିଧି ଏହି ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ପ୍ରାୟ ବ୍ୟବହାର କରୁନଥିବା ଦେଖାଯାଇଛି । ଦୀର୍ଘଦିନ ହେବ ଏହି ସେବା କେନ୍ଦ୍ର କାର୍ଯ୍ୟାଳୟ ଖୋଲାନଯିବାରୁ ଏହା ପରିସରରେ ବିଭିନ୍ନ ଅନାବନା ଗଛଲତା ଉଠି ଏହାର ଚର୍ତୁପାର୍ଶ୍ୱକୁ କବଳିତ କରିସାରିଲାଣି । ବର୍ତ୍ତମାନ ଏହି କାର୍ଯ୍ୟାଳୟଟି ଏକ ପ୍ରକାର ଭୂତକୋଠିରେ ପରିଣତ ହେଲାଣି । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଞ୍ଚାୟତରେ ଗରିବ ଓ ମୂଲିଆ ଶ୍ରେଣୀର ଲୋକମାନଙ୍କୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦେବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ କରାଯାଇଥିଲା । ଜବକାର୍ଡ଼ଧାରୀ ମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା, ସେମାନଙ୍କର ମଜୁରୀ ପ୍ରଦାନ ପାଇଁ ବିଭିନ୍ନ କାଗଜପତ୍ର କରିବା , ପଞ୍ଚାୟତରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକ୍ରମ କରାଯିବ ତାହାର ସୂଚନା ବ୍ଲକ କାର୍ଯ୍ୟାଳୟକୁ ଜଣାଇବା ଆଦି କାର୍ଯ୍ୟକ୍ରମ ଏହି ସେବା କେନ୍ଦ୍ରରେ କରାଯାଇଥାଏ । ଏହି କାର୍ଯ୍ୟକ୍ରମ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ ଜିଆରଏସ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ନିଯୁକ୍ତି ଦିଆଯାଇଛି । ବର୍ତମାନ ସରକାରଙ୍କ ପକ୍ଷରୁ ଏହି ଜିଆରଏସ ମାନଙ୍କୁ ଏଡ଼ିଇଓ ଭାବେ ପଦୋନ୍ନତି ଦିଆଯାଇଛି । ଯାହାଦ୍ୱାରା ବର୍ତମାନ ପଞ୍ଚାୟତରେ ଜିଆରଏସ ପଦବୀ ଖାଲି ରହିଛି । ଏହି ପ୍ରରୀପେକ୍ଷୀରେ ବର୍ତମାନ ଜିଗ୍ନୀପୁର ପଞ୍ଚାୟତରେ ଉକ୍ତ ସେବା କେନ୍ଦ୍ରରେ କୌଣସି କାର୍ଯ୍ୟକ୍ରମ ହେଉନାହିଁ । ଫଳରେ ଜବକାର୍ଡ଼ ଧାରୀମାନଙ୍କୁ କାମ କରିବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତ ପକ୍ଷରୁ ପିଇଓ କିମ୍ବା ପଞ୍ଚାୟତ ପ୍ରତିନିଧି ମାନେ ଏହି ସେବା କେନ୍ଦ୍ରକୁ ଆସୁନଥିବାରୁ ଏହା ଖୋଲାଯାଉନାହିଁ । ଏହାଛଡ଼ା ଏହି ସେବା କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରରେ ବ୍ୟାଙ୍କ୍ ସେବା ଯୋଗାଇ ଦେବା ପାଇଁ ସିଏସପି ପ୍ଲସ ଆମ ବ୍ୟାଙ୍କ୍ ଖୋଲାଯାଇଥିଲା ।

# ମଧୁବୈଶ୍ୟ ସମାଜର ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ

ବୁଗୁଡ଼ା, (ସବ୍ୟୁ): ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ବୁଗୁଡ଼ା ମୁଠାର ପାରିବାରିକ ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସଙ୍ଗମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଠା ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼. ଅମ୍ବିକା ବିଷୋୟୀ, ମୁଖ୍ୟବକ୍ତା ଭାବେ ସମ୍ବାଦ ସାହିତ୍ୟ ଘର ସଭାପତି ରଘୁନାଥ ସାହୁ ଓ ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ମିଡ଼ିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ତାଲୁକା ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ସମାଜ ଗଠନର ଉପାଦେୟତା ଓ ଆବଶ୍ୟକ ନିୟମାବଳୀ ଉପରେ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ କୁଳ ବେହେରା ଭାବେ କିରଣ କୁମାର ସାହୁଙ୍କୁ ଅଭିଷିକ୍ତ କରାଯାଇଥିବା ବେଳେ ନୂତନ କର୍ମକର୍ତ୍ତା ଚୟନରେ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ସାହୁ, ଉପସଭାପତି ଭାବେ ସନ୍ତୋଷ କୁମାର ସାହୁ, ସମ୍ପାଦକ ଭାବେ ନୀଳ ମାଧବ ସାହୁ, ସହ-ସମ୍ପାଦକ ଭାବେ ସନ୍ତୋଷ ସାହୁ, କୋଷାଧକ୍ଷ ଭାବେ ମନୋଜ କୁମାର ସାହୁ, ଉପଦେଷ୍ଟା ଭାବେ ରଘୁନାଥ ସାହୁ ଓ ପ୍ରଦୀପ କୁମାର ସାହୁ ଏବଂ ପରିଚାଳନା କମିଟି ସଦସ୍ୟ ଭାବେ ଅରବିନ୍ଦ ସାହୁ, କାହ୍ନୁ ଚରଣ ସାହୁ, ନିଳାଞ୍ଚଳ ସାହୁଙ୍କୁ ମନୋନୀତ କରାଯାଇଥିଲା । ନୀଳ ମାଧବ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଛରେ ପିଟିଲା ବାଇକ୍, ଦୁଇ ନାବାଳକ ମୃତ

ବାରିପଦା, (ସବ୍ୟୁ) : ଭାରସାମ୍ୟ ହରାଇ ଗଛରେ ପିଟିହେଲା ବାଇକ୍। ଫଳରେ ଚାଲିଗଲା ୨ ନାବାଳକଙ୍କ ଜୀବନ। ଏହିପରି ଦୁଃଖଦାୟକ ଘଟଣା ଘଟିଛି ବାରିପଦା ସଦରଥାନା ଅନ୍ତର୍ଗତ ରଙ୍ଗାମାଟିଆ ଅଞ୍ଚଳରେ । ମୃତକଦ୍ୱୟ ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ବାଗିଆବେଡା ଗ୍ରାମର ଶୁଭ ନାଏକ (୧୭) ଓ ରାକେଶ ନାଏକ (୧୩)। ଘଟଣାରୁ ପ୍ରକାଶ ଯେ, ରାକେଶ ଓ ଶୁଭଙ୍କ ସମେତ ୪ଜଣ ଦୁଇଟି ବାଇକ୍‌ରେ ବାରିପଦାର ଲୁଲୁଙ୍ଗ ବୁଲିବାକୁ ଯାଉଥିଲେ। ହେଲେ ବାଟରେ ରଙ୍ଗାମାଟିଆ ନିକଟରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା। ସେହି ବାଇକରେ ରାକେଶ ଓ ଶୁଭ ବସିଥିଲେ। ଦୁର୍ଘଟଣା ପରେ ରାକେଶ ଓ ଶୁଭଙ୍କୁ ସେମାନଙ୍କର ଅନ୍ୟ ଦୁଇସାଙ୍ଗ ବାରିପଦା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି ।

## ଜନ୍ମଦିନରେ ଜଗନ୍ନାଥ ଦର୍ଶନ କରିବାକୁ ଯାଇ ଯୁବକ ନିଖୋଜ

# ଇଲେକ୍ଟ୍ରି ପୋଲ୍‌ରେ ହାତଗୋଡ଼ ବନ୍ଧା ଫଟୋ ଭାଇରାଲ

### ପରିବାର ପକ୍ଷରୁ ବାଲିକୁଦା ଥାନାରେ ଏତଲା

ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା କାଁପୁର ଗାଁରେ ଘଟିଛି ଅଭାବନୀୟ ଘଟଣା । ଜନ୍ମ ଦିନରେ ପୁରୀ ବୁଲିବାକୁ ଯାଇ ୫ ଦିନ ହେଲା ଯୁବକ ନିଖୋଜ । ଯୁବକଙ୍କର କୌଣସି ସନ୍ଧାନ ମିଳୁ ନଥିବା ବେଳେ ବିଦ୍ୟୁତ ଖୁଣ୍ଟରେ ଯୁବକଙ୍କ ହାତ ଗୋଡ଼ ବନ୍ଧା ଫଟୋ ଭାଇରାଲ ହୋଇଛି । ଗତକାଲି ଅପରାହ୍ନରେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଫଟୋ । ତେବେ କିଏ ତାଙ୍କୁ କେଉଁ ପରିସ୍ଥିତିରେ କେଉଁଠି ବାନ୍ଧିଛି ତାହା ଜଣା ପଡ଼ିନାହିଁ । ଭାଇରାଲ ଫଟୋ ଦେଖିବା ପରେ ପରିବାର ଲୋକଙ୍କ ପକ୍ଷରୁ ବାଲିକୁଦା ଥାନାରେ ଏତାଲା ଦିଆଯାଇଛି । ନିଖୋଜ ଯୁବକ ଜଣକ ହେଲେ ବାଲିକୁଦା ଥାନା ଅଙ୍ଗା ପଞ୍ଚାୟତ କାଁପୁର ଗାଁର ସଂଗ୍ରାମ ସାହୁଙ୍କ ପୁଅ ନାରାୟଣ ସାହୁ ।

ନାରାୟଣ ଦିଲ୍ଲୀରେ ଏକ ଘରୋଇ ସଂସ୍ଥାରେ ରହି କାମ କରୁଥିବା ବେଳେ ଗତ କିଛି ଦିନ ହେଲା ଗାଁରେ ଆସି ରହୁଥିଲେ । ଗତ ଅଗଷ୍ଟ ୨୪ ତାରିଖ ଦିନ ନାରାୟଣଙ୍କ ଜନ୍ମଦିନ ଥିବାରୁ ସେ ପରିବାର ଲୋକଙ୍କୁ କହି ବାଲିକୁଦା ବଜାରରୁ ବସ ଯୋଗେ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ । ନାରାୟଣ ନିଜ ମାଆ ମାମିନା ସାହୁଙ୍କ ଠାରୁ ୬୦୦ ଟଙ୍କା ନେଇ ପୁରୀ ଯିବା ସହିତ ସେହିଦିନ ଜଗନ୍ନାଥ ଦର୍ଶନ ସାରି ଫେରିବାକୁ କହିଥିଲେ ।

ମାତ୍ର ନାରାୟଣ ଯିବାର ଆଜିକୁ ୫ଦିନ ହୋଇଥିବା ବେଳେ ଘରକୁ ଫେରି ନାହାନ୍ତି । ଗତକାଲି ଅପରାହ୍ନରେ କାଁପୁର ଓ ଆଖପାଖ ଗାଁର ଯୁବକମାନେ ସୋସିଆଲ ମିଡିଆରେ ନାରାୟଣଙ୍କ ଏକ ଫଟୋ ଦେଖିଥିଲେ । ଯେଉଁ ଫଟୋରେ ନାରାୟଣଙ୍କୁ କେହି ଏକ ଇଲେକ୍ଟ୍ରି ପୋଲରେ ହାତ, ଗୋଡ଼, ପେଟ ଆଦି ବନ୍ଧା ଯାଇଥିବା ଦେଖାଯାଇଛି । ଏହି ଫଟୋ ଦେଖିବା ପରେ ପରିବାର ଲୋକ ଭୟଭୀତ ହୋଇ ପଡ଼ିଥିଲେ ।

ପରିବାର ଲୋକେ ଖୋଜ ଖବର କରି ନମିଳିବାରୁ ବାଧ ହୋଇ ନାରାୟଣଙ୍କ ମାଆ ମାମିନା ସାହୁ ବାଲିକୁଦା ଥାନାରେ ଏତଲା କରିଛନ୍ତି । ତେବେ କିଏ ଓ କେଉଁ ପରିସ୍ଥିତିରେ ନାରାୟଣଙ୍କୁ ଖୁଣ୍ଟରେ ବାନ୍ଧିଲା ? ଯଦି କୌଣସି କେଶରେ ଲୋକେ ନାରାୟଣଙ୍କୁ ବାନ୍ଧିଥିବେ ତେବେ ସେଠାକାର ସ୍ଥାନୀୟ ଲୋକେ ପୋଲିସକୁ ହସ୍ତାନ୍ତର କରିଥିବେ ବା ପୋଲିସ ପାଖରେ ତା'ର ଖବର ରହିଥିବ । ମାତ୍ର ଗତକାଲି ଠାରୁ ନାରାୟଣଙ୍କ କୌଣସି ସନ୍ଧାନ ମିଳି ପାରିନାହିଁ । ନାରାୟଣଙ୍କ ବାପା ସଂଗ୍ରାମ ସାହୁ ପୁରୀ ଯିବା ରାସ୍ତାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନାରାୟଣଙ୍କ ସନ୍ଧାନ ମିଳି ପାରିନାହିଁ ।

## ପାଣିରେ ବୁଡି ଶିଶୁର ମୃତ୍ୟୁ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଗ୍ରାମର ରଂଜନ କୁମାର ବେହରାଙ୍କ ପୁଅ ଅଲେଖ ବେହେରା (୨) ଆଜି ସକାଳେ ଖେଳୁଥିବା ବେଳେ ପାଣି ନାଳ ପଡିଯାଇଥିଲେ । ପଡୋଶୀ ଏହା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ । ସେଠାରେ ଘର ଲୋକମାନେ ପହଂଚି ତାଙ୍କୁ ଉଦ୍ଧାର କରିଥିବା ବେଳେ ସେତେବେଳକୁ ତାର ମୃତ୍ୟୁ ହୋଇଥିଲା । ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ୨୭/୨୫ରୁଜୁ କରାଯାଇ ପଂଚାନାମା କରି ଶବ ବ୍ୟବଚ୍ଛେଦ କରି ମୃତ ଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ଚଣ୍ଡିଖୋଲ, ବଡଚଣା ଓ ଚଡ଼େଇଧରା ଅଞ୍ଚଳରେ ଗଜାନନଙ୍କ ପୂଜା

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ବଡଚଣା, ଚଡେଇଧରା ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ମହା ଆଡମ୍ବରରେ ଚାଲିଛି । କିଛି ସ୍ଥାନରେ ଗୋଟିଏ ଦିନରେ ପୂଜା ସମ୍ପୂର୍ଣ୍ଣ ହୋଇଥିଲା ବେଳେ ଆଉ କେତେକ ସ୍ଥାନରେ ତିନଦିନ ପାଇଁ ଗଣପତିଙ୍କ ପୂଜା ଚାଲିଛି ।



ଚଣ୍ଡିଖୋଲରେ ଅସ୍ଥାୟୀ ବଣିକ ସଂଘ ଆନୁକୂଲ୍ୟରେ ତିନିଦିନିଆଁ ପୂଜା ଧୁମଧାମରେ ଚାଲିଥିଲା ବେଳେ ବଡଚଣା ବଜାର, ଚଡେଇଧରା ଟାଇଗର କ୍ଲବ, ଗୋଡିପାଟିଆ ସିନ୍ଧୁରାଇ କ୍ଲବ ଓ ରାମେଶ୍ୱର କ୍ଲବ, କୃଷ୍ଣଚନ୍ଦ୍ରପୁର, ମଧୁପୁରଗଡ, ଚାରଗୋଠ, ଦଣ୍ଡାଘଟୀ ପ୍ରଭୃତି ସ୍ଥାନରେ ଅଗ୍ରପୂଜ୍ୟଙ୍କ ପୂଜା ଆଧାତ୍ମିକ ରିତିନିତି ଅନୁଯାଇ ସମ୍ପୂର୍ଣ୍ଣ ହୋଇଛି । ଗଜାନନଙ୍କ ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି । ଏଥିସହଏହି ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନ ସହ ବହୁ ବେସରକାରୀ ସଂସ୍ଥାରେ ଅଗ୍ରପୂଜ୍ୟଙ୍କ ପୂଜା ସମ୍ପୂର୍ଣ୍ଣ ହୋଇଯାଇଛି ।

## ସାଇ ଶ୍ରିଆଂଶି କନ୍‌ଷ୍ଟ୍ରକ୍‌ସନ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ପାରାଦୀପ, (ଜି.ପ୍ର): ପାରାଦୀପ ମଧୁବନ ବିଲଡିଂ ମାର୍କେଟ କମ୍ପ୍ଲେକ୍ସରେ ଆଜି ସାଇ ଶ୍ରିଆଂଶି କନଷ୍ଟ୍ରକସନର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଆଜି ଆନୁଷ୍ଠାନିକ ଭାବେ ପାରାଦୀପ ବନ୍ଦର ପ୍ରାଧିକରଣର ଏସସି ପି କେ ତ୍ରିପାଠୀ ଏହାକୁ ଉଦଘାଟିତ କରିଛନ୍ତି । ଦୀର୍ଘଦିନ ଧରି ଏହି କନଷ୍ଟ୍ରକସନର କାର୍ଯ୍ୟ ବିଭିନ୍ନ ସ୍ଥାନରେ ଚାଲୁଥିବା ବେଳେ ଏଠାରେ ଆଜି ତାର ମୁଖ୍ୟ କାର୍ଯ୍ୟାଳୟ ଖୋଲିଛି । ଏହାର ପ୍ରୋପାଇଟର ଶିଶିର କୁମାର ନାୟକ ହୋଇଥିବା ବେଳେ ଆଜି ଏହି ଶୁଭ ଉଦଘାଟନ ସମୟରେ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ, ପୂର୍ବତନ ସାଂସଦ ଡଃ କୁଳମଣୀ ସାମଲଙ୍କ ସମେତ ପାରାଦୀପର ବିଭିନ୍ନ ଷ୍ଟିଭଡୋର ମୁଖ୍ୟ ଏବଂ କର୍ମଚାରୀ, ବନ୍ଦର ପ୍ରସାଶନିକ ଅନେକ ଅଧିକାରୀ ଓ କର୍ମଚାରୀ ଏବଂ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେଇଥିଲେ । ଶିଶିର ଜଣେ ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ହୋଇଥିବା ବେଳେ ତାଙ୍କ ଦ୍ୱାରା ପରିଚାଳିତ ଏହି ଅନୁଷ୍ଠାନ ଆଗକୁ ବେଶ ସୁନାମ ଅର୍ଜନ କରିବ ବୋଲି ଅନେକ ଆଶା ପୋଷଣ କରିଥିଲେ ।

## ବିରଜା ହାଟରେ ଗ୍ରାହକ ଓ ବେପାରୀଙ୍କ ହିନସ୍ତା

ଯାଜପୁର, (ସବ୍ୟୁ) : ଯାଜପୁର ଟାଉନ ର ବିରଜା ହାଟ ସର୍ବ ପୁରାତନ ହାଟ ଭାବେ ବେଶ ପରିଚିତ । ଯାଜପୁର ଟାଉନ, ଖଣ୍ଡରା, ରାମବାଗ, ଯାଜପୁର ବ୍ଲକ ତଥା ଆଖ ପାଖର ଲୋକମାନେ ଏହି ହାଟ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଆଣ୍ଠିଏ ଲେଖା କାଦୁଅ, ପାଣି ପଚର ପଚରରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହଜାର ହଜାର ଗ୍ରାହକ ଓ ବେପାରୀ ମାନେ ଏହି ହାଟ ଉପରେ ର୍ନିଭର କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି । ବେପାରୀ ଓ ଜନସାଧାରଣ ବାରମ୍ବାର ଜିଲ୍ଲା ପ୍ରଶାସନ ପାଖରେ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନ । ବିଶେଷ ଭାବେ ବର୍ଷା ଦିନେ ହାଟକୁ ପଶିବା ସମ୍ଭବ ହେଉନାହ । ପ୍ରତି ସପ୍ତାହ ଗୁରୁବାର ଓ ରବିବାର ଦିନ ହାଟ ହେଉଥିବାରୁ ଛୋଟ, ବଡ଼ ଚାଷୀମାନେ ତାଙ୍କ ପନିପରିବା ଧରି ଆସୁଥିବା ବେଳେ ଆଣ୍ଠିଏ ଆଣ୍ଠିଏ କାଦୁଅରେ ବସି ରହୁଛନ୍ତି । ପୂର୍ବ ସରକାରଙ୍କ ସମୟରେ ସନ୍ଥ ମାଧବ ପାଖକୁ ହାଟ ସ୍ଥାନାତରିତ କରାଯାଇଥିଲା । କିନ୍ତୁ ରାଜନୈତିକ ପତିଆରା ପାଇଁ ବିଜେପ-ବିଜେଡି ଭିତରେ ଲାଗି ହାଟ ଟି ବନ୍ଦ କରିଦିଆଗଲା । ଜିଲ୍ଲା ପ୍ରଶାସନ ର ନିଷ୍ପତି ଅନୁଯାଇ ଯେଉଁଠି ପୂର୍ବରୁ ହାଟ ହେଉଥିଲା ସେଠି ପୁଣି ଆରମ୍ଭ କରାଗଲା କିନ୍ତୁ ମାଟି ମୁଠେ ପଡିବା ତ ଦୂରର କଥା ଆଣ୍ଠିଏ କାଦୁଅରେ ଲୋକମାନେ ନାହିଁ ନଥିବା ଅସୁବିଧା ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିଦା ବିଷ୍ଟୁ ପାଲଟିଛି ।

ପାଖର ହାଟ ପାଇଁ ଆର. ଏମ. ସି ହାଟ ନାଁ ରେ କୋଟି କୋଟି ଚଳୁ କରିଥିବା ବେଳେ ତାହାର ତଦନ୍ତ କାଗଜ କଲମରେ ପଡିକି ରହିଛି । ନୂଆ କରି ଦାୟିତ୍ୱ ନେଇଥିବା ଜିଲ୍ଲାପାଳ ଅମ୍ବର କୁମାର କର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ୧୪ ପରିବାର ଜଳବନ୍ଦୀ

ବିଂଝାରପୁର, (ସବ୍ୟୁ) : ବିଂଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତର ସାହାଣୀ ସାହି ର ୧୪ ପରିବାର ଚଳିତ ବନ୍ୟା ପ୍ରଭାବରେ ୭ ଦିନ ହେବ ଜଳବନ୍ଦୀରେ ରହିଛନ୍ତି । ଆଠ ଦଶ ଫୁଟର ବନ୍ୟା ଜଳ ସେମାନଙ୍କ ଘର ଚାରିପଟେ ପ୍ରବାହିତ ହେଉଥିବାରୁ ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ରୟ କରିବାକୁ ଘରୁ ଗୋଡ଼ କାଢି ପଦାକୁ ଆସିପାରୁନହାନ୍ତି । ସେମାନଙ୍କ ଯାତାୟତ ପାଇଁ ସରକାରଙ୍କ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା କରାଯାଇନାହିଁ । ସେମାନଙ୍କୁ ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇନାହିଁ । ଗୋରଙ୍କ ପାଇଁ ମଧ୍ୟ ଗୋ ଖାଦ୍ୟର ବ୍ୟବସ୍ଥା ନାହିଁ । ରାତିରେ ବିଷାକ୍ତ ସର୍ପାଘାତ ଭୟରେ ଲୋକେ ରାତି ସାରା ଉଜାଗର ରହି ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି । ବାରମ୍ବାର ସେମାନେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ଅଧିକାରୀ ଏ ପର୍ଯ୍ୟନ୍ତ ସାହାଣୀ ସାହି କୁ ଆସି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିନାହାନ୍ତି କିମ୍ବା ରିଲିଫ ବ୍ୟବସ୍ଥା କରିନାହାନ୍ତି । ପ୍ରତି ବର୍ଷ ବନ୍ୟା ହେଲେ ଏହି ସାହିର ଲୋକଙ୍କ ଦୁଃଖ ଦ୍ୱିଗୁଣିତ ହୁଏ । ଏଣୁ ତୁରନ୍ତ ସାହାଣୀ ସାହିର ଭୋକ ଉପାସରେ ରହୁଥିବା ୧୪ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ଅବିଳମ୍ବେ ସାତ ଦିନର ରିଲିଫ ପ୍ରଦାନ ସହିତ ବନ୍ୟା ପାଣି ଛାଡିବା ପର୍ଯ୍ୟନ୍ତ ସେମାନଙ୍କ ଯାତାୟତ ପାଇଁ ଡଙ୍ଗାର ବ୍ୟବସ୍ଥା କରିବାକୁ ଜରି ପଂଚାୟତର ପ୍ରାକ୍ତନ ସରପଞ୍ଚ ଭୁବନାନନ୍ଦ ସାମଲ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ଜିଲ୍ଲାପାଳ ଯାଜପୁରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

## ଜଣେ ଶିକ୍ଷକରେ ଚାଲିଛି ହାଇସ୍କୁଲ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ଅଭାବକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଏନେଇ ପଂଚାୟତ ର ସମାଜସେବୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ସମସ୍ୟାର ସମାଧନ କରିବା ପାଇଁ ନିବେଦନ କରିଛନ୍ତି । ଆଳି ବ୍ଲକ ନରେନ୍ଦ୍ରପୁର ପଂଚାୟତ ର ପନ୍ଦରଶିଳା ଉଚ୍ଚ ବିଦ୍ୟାଳୟ ରେ ସରକାରୀ ଅନୁମୋଦିତ ଶିକ୍ଷକ ୮ ଜଣ ରହିବା ପରିବର୍ତେ ଏବେ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଶତାଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟ ରେ ଅଧକ୍ଷନ କରୁଥିବା ବେଳେ ଶିକ୍ଷକ ଅଭାବ ହେତୁ ଏମାନଙ୍କର ପାଠପଢା ବ୍ୟାଘାତ ହେଉଛି । ତୁରନ୍ତ ଏହି ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ସ୍ଥାନୀୟ ପଂଚାୟତ ର ଆଶିଷ ଜେନା, ସୌମ୍ୟଜିତ ଦାସ, ଅଂଶୁମାନ ରାଉତ, ସ୍ୱୟଂ ରାଉତ, ଦିଲିପ ଦାସ, ଗୌତମ ଧଳ ପ୍ରମୁଖ ଦାବି କରିଛନ୍ତି ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଗଣେଶ ପୂଜା ଅବସରରେ ମୋବାଇଲ ଦେଖିବାକୁ ଡ଼ାକି ନେଇ ତୃତୀୟ ଶ୍ରେଣୀରେ ପଢୁଥିବା ୮ବର୍ଷର ନାବାଳିକାକୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ପିତା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ୨୫ ବର୍ଷର ଯୁବକ ସୋମନାଥ ସାଥୁଆଙ୍କୁ ଗିରଫ କରି ପଚରାଉଚରା କରୁଛି ।

ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଧିନସ୍ଥ ସେଣ୍ଟିରା ଗ୍ରାମର ମିତିଶ ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପରିବାରକୁ ନେଇ ଗୋପପୁର ଗ୍ରାମରେ ଭଡ଼ାରେ ରହୁଥିଲେ । ଗଣେଶ ପୂଜା ଦିନ ସନ୍ଧ୍ୟାରେ ସମ୍ପୃକ୍ତ ଯୁବକ ଜଣକ ସୁଯୋଗ ନେଇ ଏହି ନାବାଳିକାକୁ ଏକୁଟିଆ ଏକ ଘର ଭିତରେ ଦୁଷ୍କର୍ମ କରିଥିଲା । ଏକଥା କାହାକୁ କହିଲେ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲା ଯୁବକ । ଭୟରେ ସମ୍ପୃକ୍ତ ନାବାଳିକା ଜଣକ ଘରେ କିଛି ନକହିଥିଲେ ମଧ୍ୟ ରକ୍ତସ୍ରାବ ହେବାରୁ ତା ମାଆ ସନ୍ଦେହ କରି ଏ ଘଟଣା ସମ୍ପର୍କରେ ପଚାରିବାରୁ ସେ ସମସ୍ତ କଥା କହିଥିଲା ।

ଘଟଣା ଜଣାପଡ଼ିବା ପରେ ଥାନାରେ ଅଭିଯୋଗ କରିଥିଲା । ଖବର ପାଇ ପୋଲିସ ଯୁବକଙ୍କ ଗିରଫ କରି ସମ୍ପୃକ୍ତ ନାବାଳିକାଙ୍କୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସମ୍ପୃକ୍ତ ଯୁବକ ଜଣକ ପୂର୍ବରୁ ଏଭଳି କେତେକ ଘଟଣା ଘଟାଇଥିବା ପୋଲିସ ଜାଣିବା ପରେ ଅଧିକ ତଦନ୍ତ କରୁଥିବା ଜଣାଯାଇଛି ।

## ଦୁଇଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ବଡମଙ୍ଗଳପୁର ଗଡାସ୍ଥିତ ଦୁଇ ଗୋଟି ଦୋକନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ବଡମଙ୍ଗଳପୁର ଗ୍ରାମର ମଦନ ମୋହନ ନାୟକ ନିଜ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମୁଣ୍ଡରେ ନିଜ ଜାଗାରେ ଘର କରି ସିମେଂଟ ଦୋକାନ କରିବା ସହ ଏକ ଦୋକାନ ଘରକୁ ଭଡା ସୂତ୍ରରେ ସ୍ଥାନୀୟ ଚୋରମୁହାଁ ଗ୍ରାମର ମନୋଜ କୁମାର ମହାରଣାଙ୍କୁ ଦେଇଛନ୍ତି । ମଦନ ନିଜେ ସେଠାରେ ଏକ ସିମେଂଟ ଦୋକାନ କରିଥିବା ବେଳେ ଭଡାସୂତ୍ରରେ ଘର ନେଇଥିବା ମନୋଜ ଏକ ଫଣିଚର ତିଆରୀ ଦୋକାନ କରିଛନ୍ତି । ତେବେ ଗତକାଲି ଉଭୟ ଦୋକାନୀ ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ ଗତକାଲି ବିଳମ୍ବିତ ରାତିରେ ସିମେଂଟ ଦୋକାନ ଗ୍ରିଲର ତାଲା ଭାଙ୍ଗି ଦୋକାନରେ ପସି ୨୦ ହଜାର ଟଙ୍କା କ୍ୟାସ ଚୋରି କରିବା ସହ ସେଠାରେ ଥିବା ଫଣିଚର୍ସ ଦୋକାନରେ ଚାବି ଆଣି ଦୋକାନ ଖୋଲି ଲକ୍ଷାଧିକ ଟଙ୍କା ମୁଲ୍ୟର ବିଭିନ୍ନ ଇଲେକ୍ଟ୍ରି କଲର ମେସିନ ସାଇଁଣ୍ଡର , ଡ୍ରିଲ ମେସିନ ଓ ରନ୍ଦା ମାରିବା ମେସିନ ଆଦି ବିଭିନ୍ନ ହତିଆର ଚୋରୀ କରି ନେଇଛନ୍ତି । ଆଜି ସକାଳେ ଏହା ଜଣାପଡିବା ପରେ ଉଭୟ ଦୋକାନୀ ମଦନ ଓ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ୫୩୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ତେବେ ବାରମ୍ବାର ଧର୍ମଶାଳା ଅଂଚଳରେ ଏଭଳି ଚୋରୀ ବୃଦ୍ଧି ପାଉଥିବା ବେଳେ ଚୋରକୁ ଧରିବାରେ ପୁଲିସ ସକ୍ଷମ ହୋଇପାରୁ ନାହିଁ । ଫଳରେ ଚୋରମାନଙ୍କ ମନୋବଳ ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଏଭଳି ଭାବେ ଚୋରୀ ବଡିବାରେ ଲାଗିଛି ।

## ରାଡ଼ିଆ ମଧୁବନ ରାସ୍ତା ସାରା ଖାଲ ଯାତାୟତରେ ଅସୁବିଧା

ରାଜକନିକା, (ସବ୍ୟୁ) : ବରାଡିଆ ଠାରୁ ମଧୁବନ ପର୍ଯ୍ୟନ୍ତ ପ୍ରାୟ ଏକ କି. ମି. ରାସ୍ତା ସମ୍ପୂର୍ଣ ଖାଲ ଖମା ପୂର୍ଣ୍ଣ । ଏହି ରାସ୍ତାରେ ବଡ଼ ବଡ଼ ଖାଲରେ ପାଣି ଜମି ରହିବା ଯୋଗୁଁ ଲୋକମାନେ ଯିବା ଆସିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଏହି ରାସ୍ତା ଦେଇ ବରାଡିଆ ବଜାର, ହାଇସ୍କୁଲ ଶିଶୁମନ୍ଦିତ ଓ ବ୍ୟାଙ୍କକୁ ଶହ ଶହ ଛାତ୍ରଛାତ୍ରୀ ତଥା ସାଧାରଣ ଲୋକ ଯିବା ଆସିବା କରୁଥିବା ବେଳେ ଅନେକ ଲୋକ ମଧ୍ୟ ଏ ଅଞ୍ଚଳରୁ ସଦର ମହକୁମା ରାଜକନିକାକୁ ପ୍ରତିଦିନ ଯାତାୟାତ କରିଥାନ୍ତି । ବର୍ତ୍ତମାନ ରାସ୍ତା ଉପରେ ରହିଥିବା ବଡ଼ ବଡ଼ ଖାଲରେ ପାଣି ଜମିଥିବାରୁ ସ୍କୁଲ ପିଲା ମାନେ ଗାଡି ଗଲାବେଳେ କାଦୁଅ ପାଣି ଛିଟିକାରେ ସମ୍ପୂର୍ଣ୍ଣ ପାଣି କାଦୁଅ ସର ସର ହୋଇ ସ୍କୁଲ ପରିବର୍ତ୍ତେ ଘରକୁ ଫେରି ଯାଉଛନ୍ତି । ରାସ୍ତାର ଏଭଳି ବେହାଲ ଅବସ୍ଥା ସମ୍ପର୍କ ରେ ଆର –ଡ଼ି ବିଭାଗ ଚୁପ ରହିବା ନେଇ ଜନ ଅସନ୍ତୋଷ ଦେଖା ଦେଇଥିବା ବେଳେ ସମାଜସେବୀ ମଙ୍ଗୁଳି ଚରଣ ବେହେରା ବିଭାଗ ତୁରନ୍ତ ରାସ୍ତା କାମ ନ କଲେ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ଏଠାରେ ସୂଚନା ଥାଉ କି ଏହି କିଛି ଦିନ ତଳେ ଏହି ରାସ୍ତାରେ ଏକ କଲଭର୍ଟ ପାଖରେ ବଡ଼ ଗଛ ସୃଷ୍ଟି ହୋଇ ଯାନବାହାନ ଚଳାଚଳ ବନ୍ଦ ହୋଇ ଯାଇଥିଲା । ଜଳସେଚଳ ତଟବନ୍ଧ ବିଭାଗ ତରତର ହୋଇ କେତେ ବସ୍ତା ଚାଲି ପକାଇ ଦେଇଥିଲେ ବି ସେଠାରେ ଯାନ ବାହାନ ଚଳାଚଳର ବିପଦ ଏବେ ମଧ୍ୟ ଟଳି ନାହିଁ ।

## ଲକ୍ଷ୍ମୀଧର ଯାଜପୁର ସାଂସଦଙ୍କ ପ୍ରତିନିଧି ମନୋନୀତ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ପାଇଁ ଯାଜପୁର ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା ଯୁବ ପ୍ରତିନିଧି ଲକ୍ଷ୍ମୀଧର ପତିଙ୍କୁ ରସୁଲପୁର ବ୍ଲକ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି । ୩୬ ନଂ ବ୍ରହ୍ମବରଦା ମଣ୍ଡଳରେ ଥିବା ୧୦ ପଂଚାୟତର ସାମଗ୍ରିକ ବିକାଶ, ପ୍ରଧାନମନ୍ତ୍ରୀ ଆବାସ, କୃଷି, ସ୍ୱଚ୍ଛ ଭାରତ ଆଦି ଯୋଜନା ଗୁଡିକର ସଠିକ ରୂପାୟନ ପାଇଁ ଯୁବନେତା ଲକ୍ଷ୍ମୀଧର ପତିଙ୍କୁ ସାଂସଦଙ୍କ ରସୁଲପୁର ବ୍ଲକ ପ୍ରତିନିଧି ନିଯୁକ୍ତି ଦେଇଛନ୍ତି । ଲକ୍ଷ୍ମୀଧର ପତିଙ୍କୁ ନିଯୁକ୍ତି ମିଳିଥିବାରୁ ବ୍ରହ୍ମବରଦା ମଣ୍ଡଳର ମିଥୁନ କୁଣ୍ଡୁ, ପ୍ରଫୁଲ୍ଲ ଗିରି, ସୌଭାଗ୍ୟ ମିଶ୍ର, ପ୍ରଶାନ୍ତ ମହାରଣା, ଚିତ୍ତରଞ୍ଜନ ଗନ୍ତାୟତ, ଦେବାଶିଷ ସିଅ ସାଂସଦଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଅଧ୍ୟାପକ-କର୍ମଚାରୀଙ୍କ ଧର୍ମଘଟ

ଦାନଗଦି, (ସବ୍ୟୁ) : ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଡାକରାରେ ଚାଲିଥିବା ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଦାନଗଦୀ ବ୍ଲକ୍ ଟୋଲକାନୀସ୍ଥିତ ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ସାମିଲ୍ ହୋଇଛନ୍ତି । ଆଜକୁ ୧୦ଦିନ ହେବ କଲେଜରେ ୧୨ଜଣ ଅଧ୍ୟାପକ ଓ ଅଧ୍ୟାପିକା ଗେଟ ସମ୍ମୁଖରେ ଧାରଣା ଜାରି ରହିଛ । ୨୦୦୮ ମସିହାଠାରୁ ୨୦୧୮ ମସିହା ପର୍ଯ୍ୟନ୍ତ ଜିଆଇଏ ଦାବି ପୂରଣ ସହ ଅନ୍ୟାନ୍ୟ ଦାବି ଗୁଡ଼ିକ ସରକାର ପୂରଣ ନକଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ବାମନ ଚନ୍ଦ୍ର ତ୍ରିପାଠୀ, ଅଜୟ କୁମାର ସାହୁ, ଦେବେନ୍ଦ୍ର କୁମାର ସାହୁ, ଅପିତା ଦାସ, ବନଜା ମଞ୍ଜରୀ ଶତପଥୀ ଓ କର୍ମଚାରୀ ନାରାୟଣ ଚନ୍ଦ୍ର ସାହୁ, ସତ୍ୟଭାମା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ

ଦଶରଥପୁର, (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ଏହାର ଶାଖା ନଦୀ କାଣୀ ନଦୀରେ ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ପଞ୍ଚାୟତରେ ଏକ ଘାଇ ସୃଷ୍ଟି ହୋଇ ୨୦ ଟି ପଞ୍ଚାୟତ ଜଳବନ୍ଦୀ ହୋଇଅଛି । ଦଶରଥପୁର ବ୍ଲକର କଷପା, ମଲିକାପୁର, ତରପଦା, ସୁଣୁଆ, ଦୁଦୁରାଅଣ୍ଟା, ନିଜାମପୁର, ଦଉପୁର, କୟାଁ, କମରଡିହ, ଖାନନଗର, ଛଟିଣା, ମଙ୍ଗଳପୁର, ଯୟନ୍ତରା, କଟିକଟା ପଞ୍ଚାୟତ ବନ୍ୟାଜଳରେ ପ୍ରଭାବିତ ହୋଇଛନ୍ତି । ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜିଲ୍ଲାପାଳ ଅମ୍ବର କୁମାର କର ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ବନ୍ୟାଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି । ଆଜି ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଓ ଦଶରଥପୁର ବ୍ଲକର ୨୧ ଟି ପଞ୍ଚାୟତର ୧୮୪୩୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୯୬୪୬ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ଆଜି ୩୨ଟି ରିଲିଫ ସେଣ୍ଟର୍ ରେ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ବନ୍ୟା ଅଞ୍ଚଳରେ ୧୫୦ କ୍ୱିଣ୍ଟାଲ୍ ଚୁଡ଼ା ଓ ୧୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛ । ଆମ୍ବୁଲାନ୍ସ ସହିତ ୦୪ ଟି ମେଡିକାଲ ଟିମ୍ ଓ ୧୦ ଟି ଭେଟେରୀନାରୀ ଟିମ୍ ନିୟୋଜିତ ହୋଇଛନ୍ତିଛ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୦୨ ଟି ଓଡରାଫ ଓ ୦୩ ଟି ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି । ବନ୍ୟାଂଚଳରେ ୩୬୨୫ ଟି ଓଆରଏସ, ୧୨୪୦୦ ହାଲୋଜିନ ବଟିକା ବଣ୍ଟନ କରାଯାଇଛି । ୨୦୭ ଟି କୂଅ ମଧ୍ୟରୁ ୧୦୨ ଟି କୂଅ ପାଣି କୁ ବିଶୁଧିକରଣ କରାଯାଇଛି । ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ଦ୍ୱାରା ୪ଟି ବ୍ଲକର ୧୩୬ ଟି ଗ୍ରାମ ର ୩୮୩୫ ହେକଟର ଚାଷ ଜମି ବନ୍ୟା ପାଣିରେ ବୁଡ଼ିଯାଇଛି । ସେହିପରି ୨୩୭୬୪ ଗୋରୁଗାଇ ପ୍ରଭାବିତ ହୋଇଛନ୍ତି । ମଲିକାପୁର ଗ୍ରାମର ମଦନ ମୋହନ ରଣା( ୨୦ )ସ୍ନାନ କରୁଥିବା ସମୟରେ ବନ୍ୟା ଜଳରେ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତ ଶରୀରକୁ ଓଡ୍ରାଫ ଟିମ୍ ଦ୍ୱାରା ଉଦ୍ଧାର କରାଯାଇଛି ।

## ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ବନ୍ଧୁମିଳନ



ବ୍ୟାସନଗର,(ଜିପ୍ର): ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ବ୍ୟାସନଗର ଶାଖାର ବନ୍ଧୁ ମିଳନ ବ୍ୟାସନଗର ସହର ଦଳା ସ୍ଥିତ ନନ୍ଦିଘୋଷ ଟ୍ରେଡର୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ଜିଲା ସଭାପତି ବସନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ବନ୍ଧୁମିଳନରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ମଧୁ ବୈଶ୍ୟ ପରିବାର ସାମିଲ ହୋଇଥିଲେ । ଉକ୍ତ ସମାବେଶରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଧୁ ବୈଶ୍ୟ ସମାଜର ଏକତା ଓ ଭାଇଚାରାକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌରସଂସ୍ଥାର ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଯୋଗଦେଇ ସାମାଜିକ ନିରାପତା ପାଇଁ ଏଭଳି ସଂଗଠନର ଆବଶ୍ୟକତା ରହିଥିବା ତାଙ୍କ ବକ୍ତବ୍ୟରେ କହିଥିଲେ । ଜିଲା ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଧର୍ମଶାଳା ବ୍ଲକର ରଘୁନାଥ ପାତ୍ର, ପ୍ରଶାନ୍ତ ସାହୁ ଓ ଅଶୋକ ସାହୁ ଉପସ୍ଥିତ ପ୍ରମୂଖ ସାଙ୍ଗଠନିକ ବିକାଶ ପ୍ରସଙ୍ଗରେ କହିଥିଲେ ।

ସେହିପରି ସୁବର୍ଣ୍ଣପୁର ଠାରେ ଅବସ୍ଥାପିତ ଜିଲା ଦକ୍ଷତା ବିକାଶ ଅଧିକାରୀଣୀ ସଞ୍ଜୁ କୁମାରୀ ସାହୁ ମଧୁ ବୈଶ୍ୟଙ୍କ ଅଭିବୃଦ୍ଧି ପାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ । ଉତ୍ସବ ଆୟୋଜନରେ ବୀର କିଶୋର ସାହୁ, ବିଷ୍ଣୁ ଚରଣ ସାହୁ, ବଳରାମ ସାହୁ, ରାମଚନ୍ଦ୍ର ସାସମଲ, ଭକ୍ତବନ୍ଧୁ ସାହୁ, ଲକ୍ଷ୍ମୀଧର ସାହୁ, ବଳରାମ ସାହୁ, ବୈରାଗୀ ଚରଣ ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ମୋହିନୀ ମୋହନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଗଙ୍ଗାଧର ସାହୁ, ସୁଧାଂଶୁ ଶେଖର ସାହୁ ଓ ସତୀଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଗାଁ ରାସ୍ତାରେ ଲହଡି ଭାଙ୍ଗୁଛି ବର୍ଷା ପାଣି

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକ ଅଧୀନ ଅମେଇପାଳ ପଂଚାୟତ ମହାନଙ୍ଗଳା ଗାଁ ଭିତର ରାସ୍ତାରେ ବର୍ଷା ଜଳ ଲହଡି ଭାଙ୍ଗୁଥିବାରୁ ଯାତାୟତ ରେ ସମସ୍ୟା ସୃଷ୍ଟି ହେଉଛି । ନିଷ୍କାସନ ପଥ ଅବରୋଧ ହେତୁ କିଛି ବର୍ଷ ହେବ ଉଦବୃତ ବର୍ଷାଜଳ ନିଷ୍କାସନ ପାଇଁ ପଂଚାୟତ କର୍ତ୍ତୃପକ୍ଷ ବର୍ଷା ଋତୁରେ ପମ୍ପ ସେଟ ଯୋଗେ ପଥରୁ ଜଳ ନିଷ୍କାସନ କରିଆସୁଛନ୍ତି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପମ୍ପସେଟ ପକାଇ ଜଳ ନିଷ୍କାସନ ପାଇଁ ସ୍ଥାନୀୟ ପ୍ରତିନିଧିଙ୍କୁ ପଂଚାୟତ କର୍ତ୍ତୃପକ୍ଷ ଅବଗତ କରାଇଥିଲେ ବି ବିଳମ୍ବିତ ହୋଇଥିବାର ପଂଚାୟତ ପ୍ରତିନିଧି କହନ୍ତି ।

ସ୍ଥାନୀୟ ଲୋକେ ସହମତି ନହେବାରୁ ଦୀର୍ଘ ବର୍ଷ ହେବ ଅଧାରେ ଅଟକିଛି ଡ୍ରେନ କାର୍ଯ୍ୟ । ଯାହା ଫଳରେ ବର୍ଷା ହେଲେ ପଦ୍ମ ଚରଣ ସ୍ୱାଇଁ ଘର ଠାରୁ ଗାଁ ର ମୁଖ୍ୟରାସ୍ତା ତଥା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପର୍ଯ୍ୟନ୍ତ ପାଣି ଲାଗି ରହୁଛି । ଏନେଇ ୱାର୍ଡ ୧୦ଓ ୧୧ର ଶହେ ପରିବାରର ଲୋକେ ଗାଈ ଗୋରୁ ଓ ସ୍କୁଲ ପିଲା ଯାତାୟତ ନେଇ ହୀନସ୍ତା ହେଉଛନ୍ତି । ପାଖ ଡାଳିମ୍ବ ପୋଖରୀ ର ଉଦବୃତ ଜଳ ରାସ୍ତାକୁ ମାଡି ରହୁଥିବାରୁ ବିପଦସଂକୁଳ ଅବସ୍ଥାରେ ସଭିଏଁ ଯାତାୟତ କରୁଛନ୍ତି । ଜଣେ ଜଳାର୍ଣ୍ଣବ ରାସ୍ତା ପାର ହେବା ପରେ ଅନ୍ୟ ଜଣେ ଅତିକ୍ରମ ପାଇଁ ଉଦ୍ୟମ କରୁଛନ୍ତି ।

ପାଖରେ ଗହିରା ପୋଖରୀ ଥିବାରୁ ଲୋକେ ଜଗି ରଖି ଯାତାୟତ କରୁଛନ୍ତି । ମହାନଙ୍ଗଳା ଗାଁ ର ସମସ୍ୟା ନେଇ ପଂଚାୟତ କର୍ତ୍ତୃପକ୍ଷ କହନ୍ତି ଯେ ଡ୍ରେନ କାର୍ଯ୍ୟ ହେଉଥିଲା । କିଛି ପରିବାରର ଅସହମତି ହେବାରୁ କାମ ଅଧାରେ ଅଟକିଛି । ଆଗାମୀ ଦିନରେ ତହସିଲ ଜରିଆରେ ମାପ ଚୁପ କରି ସୀମା ର୍ନିଦ୍ଧାରଣ ହେଲେ ଖରା ଦିନେ ଡ୍ରେନ କାର୍ଯ୍ୟ ଶେଷ କରାଯିବ ବୋଲି ପଂଚାୟତ କର୍ତ୍ତୃପକ୍ଷ କହନ୍ତି । ତେବେ ଦେଖିବାକୁ ବାକି ରହିଲା କେବେ ଡ୍ରେନ କାର୍ଯ୍ୟ ହୋଇ ୱାର୍ଡ ବାସୀଙ୍କ ସମସ୍ୟାରେ ସୁଧାର ଆସୁଛି ।

## ମେଡିକାଲର ମୁଖ୍ୟରାସ୍ତାରେ ମେସିନ ରଖି ରାସ୍ତା ଅବରୋଧ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ରାସ୍ତା ଉପରେ ମିକ୍ସଚର ମେସିନ ଓ ଚେକେନ ଦୋକାନ, କେବିନ ରଖି ରାସ୍ତାକୁ ଅବରୋଧ କରାଯାଇଛି । ଏହି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ରୋଗୀକୁ ନେଇ ଯାତାୟତ କରୁଥିବା ୪ ଚକିଆ ଯାନ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଯାତାୟତ କରୁଥିବା ବେଳେ ମୁଖ୍ୟ ରାସ୍ତାକୁ ଅବରୋଧ କରି ଥିବାରୁ ରୋଗୀଙ୍କ ଗାଡି ଘଣ୍ଟା ଘଣ୍ଟା ଧରି ଛିଡା ହେଉଛି । ଯାହା ଫଳରେ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ମିକ୍ସଚର ମେସିନ ଓ ଚେକେନ ଦୋକାନ, କେବିନକୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି ।



## ଗାଁରେ ପହଞ୍ଚିଲା ବିଜୟଙ୍କ ମରଶରୀର: ଶ୍ରଦ୍ଧାଞ୍ଜଳୀ ଜଣାଇଲେ ଉପମୁଖ୍ୟମନ୍ତ୍ରୀ

# ମୃତକ ପରିବାରକୁ ମୁଖ୍ୟମନ୍ତ୍ରୀ କଲେ ୪ଲକ୍ଷ ଟଙ୍କା ସହାୟତା ଘୋଷଣା



ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଅନ୍ତର୍ଗତ ବଡମାଛପୁର ଗ୍ରାମର ଶ୍ରମିକ ବିଜୟ ନାୟକଙ୍କ ମର ଶରୀର କେରଳରୁ ଭୁବନେଶ୍ୱର ବିମାନ ବନ୍ଦରରେ ପଂହଚିବା ପରେ ସେଠାରୁ ଆମ୍ବୁଲାନ୍ସରେ ନିଜ ଗାଁକୁ ଫେରିଛି । ଶ୍ରମିକ ବିଜୟଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତ ବିଜୟଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । କେରଳରେ ଦାଦନ ଖଟିବାକୁ ଯାଇ ଦେହ ଅସୁସ୍ଥ ହେବାରୁ ଟ୍ରେନରେ ଗାଁକୁ ଫେରୁଥିବା ବେଳେ ପାଲଘାଟ ଷ୍ଟେସନରେ ବିଜୟ ଅଚେତ ହୋଇପଡିବାରୁ ତାଙ୍କୁ ନିକଟସ୍ଥ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବିଜୟ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ମରଶରୀରକୁ ଗାଁକୁ ଆଣିବା ପାଇଁ ଗ୍ରାମବାସୀ ଓ ମୃତ ବିଜୟଙ୍କ ପତ୍ନୀ ଓ ଝିଅ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ନିବେଦନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଜୟଙ୍କ ମରଶରୀର ଆଣିବାର ବ୍ୟବସ୍ଥା କରିବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ବିଜୟଙ୍କ ମରଶରୀର କେରଳରୁ ଦିନ ୧୧ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ବିମାନ ବନ୍ଦରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଜୟଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ବିଜୟଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ବିମାନବନ୍ଦରରେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ବିଜୟଙ୍କ ମରଶରୀରରକୁ ତାଙ୍କ ଭାଇ ପପୁ ନାୟକ ଓ ଉପସ୍ଥିତଥିବା ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା । ବିମାନବନ୍ଦରରେ ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ,ପୁରୀ ବିଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା,ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ,ପ୍ରିୟଙ୍କା ପ୍ରିୟ ଦର୍ଶିନୀ,ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ପର୍ଯ୍ୟଟନ ଅଧିକାରୀ ମଧୁସ୍ମିତା ଶୁକ୍ଲା ପ୍ରମୁଖ ଉପସ୍ଥିଥିଲେ । ଆମ୍ବୁଲାନ୍ସରେ ବିଜୟଙ୍କ ମରଶରୀର ବଡମାଛପୁର ଗାଁରେ ପହଂଚିବା ମାତ୍ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ସମୀର ରଂଜନ ଦାଶ ପହଂଚି ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରି ମୃତ ବିଜୟଙ୍କ ପରିବାରକୁ ସମବେଦନା ଜଣାଇଥିଲେ । ସେହିପରି ସ୍ଥାନୀୟ ରାଜନେତା,ବିଶିଷ୍ଟ ବ୍ୟକ୍ତି ପହଂଚି ଶେଷ ଦର୍ଶନ କରିଥିଲେ । ଗ୍ରାମ ଶସ୍ମାନରେ ବିଜୟଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

# ବଧୂ ହତ୍ୟା ଅଭିଯୋଗ : ସ୍ୱାମୀ , ଶ୍ୱଶୁର କୋର୍ଟ ଚାଲାଣ



ଆଠଗଡ଼,(ସବ୍ୟୁ): ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ତେଲିସାହିରେ ବଧୂ ହତ୍ୟା ଅଭିଯୋଗରେ ଶ୍ୱଶୁର ଓ ସ୍ୱାମୀକୁ ତିଗିରିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଝିଅର ବାପା ଙ୍କ ଲିଖିତ ଅଭିଯୋଗ ପରେ ତିଗିରିଆ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ମାଣିଆବନ୍ଧ ଥାନା ଅନ୍ତର୍ଗତ ମୁକ୍ତାନଗର (ମଠ ସାହି) ବାସିନ୍ଦା କାଶୀନାଥ ବେହେରାଙ୍କ ଅଭିଯୋଗ ଅନୁଯାୟୀ ଆଜକୁ ୯ ବର୍ଷ ତଳେ ତାଙ୍କର ବଡ଼ ଝିଅ କଳ୍ପନା ବେହେରା ବୈଦିକ ରୀତିରେ ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ତେଲି ସାହିର ବାସିନ୍ଦା ପ୍ରହ୍ଲାଦ ଦଉଙ୍କ ପୁଅ ଦୀପକ ଦଉଙ୍କୁ ବିବାହର କରିଥିଲେ। ଗତ କିଛି ମାସ ହେବ କଳ୍ପନାଙ୍କ ସ୍ୱାମୀ ଦୀପକ,ଶାଶୁ,ଶଶୁର,ଦେଢଶୁର,ଯା ମିଶି ତାଙ୍କୁ ଶାରୀରିକ,ମାନସିକ ଭାବେ ନିର୍ଯାତନା ଦେବାରୁ ଏହି । ସମ୍ପର୍କରେ କଳ୍ପନା ତାଙ୍କ ପରିବାରକୁ ଅବଗତ କରାଇଥିଲେ। ଗୁରୁବାର ସକାଳ ପ୍ରାୟ ୬ଟାରେ କଳ୍ପନାଙ୍କ ଶଶୁର ଲେକେ ଫୋନ ଯୋଗେ ଝିଅ ଦେହ ଖରାପ ଅଛି ବୋଲି ଜଣାଇଥିଲେ । ଖବର ଶୁଣି ଝିଅକୁ ଆଠଗଡ ମେଡ଼ିକାଲକୁ ଦେଖିବା ପାଇଁ ଯାଇଥିବା ବେଳେ ସେଠାରେ ପହଞ୍ଚି ଝିଅର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିବା କାଶୀନାଥ ଅଭିଯୋଗ କରିଛନ୍ତି । ପୂର୍ବରୁ ନିର୍ଯାତନା ଦେଉଥିବା ଝିଅର ଶଶୁର ଘରେ କଳ୍ପନାଙ୍କୁ ବିଷ ଦେଇ ମାରି ଦେଇଥିବା କଳ୍ପନାଙ୍କ ବାପା କାଶୀନାଥ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ତାଙ୍କ ଅଭିଯୋଗ ଆଧାରରେ ତିଗିରିଆ ଥାନା ଆଇଆଇସି ଶ୍ରୀ ପାଇକରାୟ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ ନମ୍ବର ୧୬୮/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୃତ୍ୟୁ ସମୟରେ କଳ୍ପନା ୬ ମାସର ଗର୍ଭବତୀ ଥିବା ବାପା କାଶୀନାଥ ପ୍ରକାଶ କରିଛନ୍ତି।

## କାର୍- ଅଟୋ ଧକ୍କା: ଜଣେ ମୃତ, ୩ ଗୁରୁତର

କଣାସ,(ସବ୍ୟୁ): ପୁରୀ – ସାତପଡା ରାଜପଥର ବ୍ରହ୍ମଗିରି ଥାନା ଯଦୁପୁର ନିକଟରେ ଏକ ବ୍ୟାଟେରୀ ଅଟୋକୁ ଏକ କାର ଧକ୍କା ଦେଇଛି। ଏହାଫଳରେ ଅଟୋ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। କାରରେ ଥିବା ଡ୍ରାଇଭରଙ୍କ ସହିତ ୩ ଜଣ ଗୁରୁତର ଆହତ ହୋଇ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତି ହୋଇଛନ୍ତି। ମୃତ ଅଟୋ ଚାଳକ ଗୋପୀନାଥପୁର ଗାଁର ସ୍ୱରାଜ୍ୟ ବେହେରା ବୋଲି ପୁଲିସ କହିଛି। ବ୍ରହ୍ମଗିରି ଥାନା ପୁଲିସ ମୃତ ଡ୍ରାଇଭରଙ୍କ ଶବ ଜବତ କରି ତଦନ୍ତ କରୁଛି। ଏତେ ଜୋରରେ ଦୁର୍ଘଟଣା ଘଟିଛି ଯେ ଅଟୋଟି ଖଣ୍ଡ ଖଣ୍ଡ ହୋଇ ଯାଇଛି। କାର୍ଟି ରାସ୍ତାକଡ଼ରେ ଥିବା ବରଗଛରେ ପିଟି ହୋଇ ଚୁରମାର ହୋଇ ଯାଇଛି।

# ମହିଳାଙ୍କ ବେକରୁ ଚେନ ଚିଣ୍ଡାଇଲେ ଲୁଟେରା

ପିପିଲି ,(ସବ୍ୟୁ): ଦିବାଲୋକରେ ଗାଁ ଦାଣ୍ଡରୁ ସୁନା ଚେନ ଲୁଟ ଘଟଣା ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୁରୁବାର ଭୋର ଛଟା ସମୟରେ ପିପିଲି ଥାନା, ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମାଟିଆପଡା ଗ୍ରାମରେ ସବିତା ପ୍ରଧାନ ନାମ୍ନୀ ଜନୟିକା ମହିଳା ନିଜ ଘର ସାମ୍ନା ଦାଣ୍ଡରେ ଫୁଲ ତୋଳୁଥିବା ସମୟରେ ଦୁଇ ଜଣ ଲୁଟେରା ଏକ ବାଇକରେ ଆସି ତାଙ୍କ ବେକରୁ ପ୍ରାୟ ଦେଢ଼ ଭରିର ଏକ ସୁନା ଚେନକୁ ଛିଣ୍ଡାଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ମହିଳାଙ୍କ ଡାକ ଶୁଣି ପରିବାର ଏବଂ ଗାଁ ଲୋକ ଘଟଣା ସ୍ଥଳକୁ ଧାଇଁ ଆସିଥିଲେ ମଧ୍ୟ ଲୁଟେରାଙ୍କ କୌଣସି ପତ୍ତା ପାଇପାରି ନ ଥିଲେ। ମହିଳାଙ୍କ ସ୍ୱାମୀ ରସାନନ୍ଦ ପ୍ରଧାନ ଏସମ୍ପର୍କରେ କୌଶଲ୍ୟା ଗଙ୍ଗ ଫାଣ୍ଡିରେ ଜଣାଇଛନ୍ତି।ଅଂଚଳରେ ବ୍ୟାପକ ବେଆଇନ ମଦ ଏବଂ ଧଳା ଜହର ପାଇଁ ଏପରି ଲୁଟ, ଛୀନତାଇ ପରି ଘଟୁଥିବାର ଜାଣିବାକୁ ମିଳୁଛି।ରାଜପଥ ଛାଡି ଗାଁ ରେ ଲୁଟେରାଙ୍କ ଉତ୍ପାତ ଏବେ ଅଂଚଳରେ ଭୟ ସଂଚାର କରିଛି.

# ବୃତଙ୍ଗ ନଦୀରେ କୁମ୍ଭୀର ଆତଙ୍କ ନଦୀକୁ ନ ଯିବାକୁ କହିଲା ବନବିଭାଗ

ଗଣିଆ,(ସବ୍ୟୁ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳର କୁମ୍ଭୀରଖଣି ନିକଟ ବୃତଙ୍ଗ ନଦୀରେ ଏକ କୁମ୍ଭୀର ଦେଖିବାକୁ ମିଳିଛି । କୁମ୍ଭୀରକୁ ଦେଖି ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି । କୁମ୍ଭୀରଖଣି ଗ୍ରାମର ଲୋକମାନେ ପ୍ରତିଦିନ ଗାଧୁଆ ଶୌଚ ପାଇଁ ଯାଉଥିବା ବେଳେ କୁମ୍ଭୀର ଭୟରେ ସ୍ନାନ ଶୌଚ ପାଇଁ ନଦୀକୁ ଯାଉନାହାନ୍ତି । ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁଯାଇ ଗତ କିଛି ଦିନ ହେବ ଲଘୁଚାପ ଜନିତ ବର୍ଷା ଯୋଗୁଁ ବୃତଙ୍ଗ ନଦୀରେ ବଢିପାଣି ଆସିଥିଲା । କୁମ୍ଭୀରଟି ବଢିବେଳେ ମହାନଦୀରୁ ବୃତଙ୍ଗ ନଦୀ ଦେଇ ଚାଲି ଆସିଥିବା ଅନୁମାନ କରାଯଉଛି । ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବନ୍ୟପ୍ରାଣୀ ବିଭାଗକୁ ଅବଗତ କରିବା ପରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସମେତ ବନ କର୍ମଚାରୀ ମାନେ ବୃତଙ୍ଗ ନଦୀରେ ପହଂଚି ସ୍ଥାନୀୟ ଲୋକଙ୍କୁ ସତର୍କ କରାଇବା ସହ କୁମ୍ଭୀର ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି ।

## ଦେହରେ ନିଆଁ ଲଗାଇ ଜଳିଗଲେ ଓକିଲ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ନିକଟରେ ଥିବା ଏକ ଘରର ଛାତ ଉପରେ ଦେହରେ ନିଆଁ ଲଗାଇ ଦୀପକ କୁମାର ସାହୁ ନାମକ ଜଣେ ଓକିଲ ଜଳିଯାଇଛନ୍ତି । ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ଜଗି ରହିଛି । ଆସନ୍ତାକାଲି ସକାଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶବ ପଞ୍ଚନାମା କରାଯିବ ।

ମିଳିଥିବା ଖବର ଅନୁଯାୟୀ ଦୀପକ କୁମାର ସାହୁ ମାନସିକ ବିକୃତ ଥିଲେ । ସେହି ବିକୃତି କାରଣରୁ ସେ ଦେହରେ ନିଆଁ ଲଗାଇଥାଇ ପାରନ୍ତି । ହେଲେ ୪ ମହଲା ଛାତ ଉପରେ ଦେହରେ କିରାସିନି କିମ୍ବା ପେଟ୍ରୋଲ କ'ଣ ଢାଳି ନିଆଁ ଲଗାଇଛନ୍ତି ନା ଅନ୍ୟ କେହି ତାଙ୍କୁ ନିଆଁରେ ପୋଡି ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ କହିବାନୁଯାୟୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶବ ପଞ୍ଚନାମା କରାଯିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ । ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟରୁ ତାଙ୍କ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ । ଓକିଲ ଜଳି ମୃତ୍ୟୁବରଣ କରିବା ଘଟଣାକୁ ନେଇ ପାଣ୍ଡରା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ଜଙ୍କିଆ ପଲ୍ଲୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ପଲ୍ଲୀ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। । ସମାଜସେବୀ ସୁରେନ୍ଦ୍ରନାଥ ଜେନା, ଓଁଶ୍ରୀ ଗୃପ ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ଓ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ଆଜି ଅତିଥିଭାବେ ଉପସ୍ଥିତ ରହି ନୃତ୍ୟ ପରିବେଷଣ କରୁଥିବା ଗ୍ରୁପ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗୁରୁବାର ଦିନ କଟକ ନଟରାଜ ଡ୍ୟାନସ ଏକାଡେମୀ, ଶ୍ରୀବିଦ୍ୟା ଡ୍ୟାନସ ଏକାଡେମୀ, ଖୋର୍ଦ୍ଧା କେବି ଡ୍ୟାନସ ଏକାଡେମୀ କଳାକାରଙ୍କ ଦାରା ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । । ବିଭିନ୍ନ ସରକାରୀ ,ବେସରକାରୀ ଷ୍ଟଲରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା ।ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ମନଙ୍କ ହାତତିଆରୀ ବିଭିନ୍ନ ସାମଗ୍ରୀ ଲୋକମାନେ କିଣା ବିକା କରିବାର ଦେଖିବାକୁ ମିଳିଥିଲା । ରାମ ଦୋଳି, ଡ୍ରାଗନ ଟ୍ରେନ ଇତ୍ୟାଦିରେ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ବେଶ ଉପଭୋଗ କରୁଥିବାର ଦେଖାଯାଇଥିଲା।

## ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ପୂଜିତ ୧୩ ଫୁଟର ବାଲ ଗଣେଶ ମୁଖ୍ୟ ଆକର୍ଷଣ



ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡା ସହରାଞ୍ଚଳ ସମେତ ବ୍ଲକ ଅଧୀନ ବିଭିନ୍ନ । ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପ୍ରତିଷ୍ଠାନ ଗଣେଶଙ୍କର ପୂଜା ସମାପ୍ତ ହୋଇଛି। ବିଭିନ୍ନ କ୍ଲବ ଘର ତଥା ସାହି ଗୁଡିକରେ ସକାଳୁ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଚଳିତବର୍ଷ ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ପୂଜିତ ୧୩ ଫୁଟର ବାଲ ଗଣେଶ ମୁଖ୍ୟ ଆକର୍ଷଣ ସାଜିଛି। ଖଣ୍ଡପଡା ସହରାଞ୍ଚଳରେ ଶିକ୍ଷା ଭାରତୀ, ମିଶ୍ର ଟ୍ୟୁଟୋରିଆଲ, ଶ୍ରୀରାମ ଟ୍ୟୁଟୋରିଆଲ, ଚାଇଲ୍ଡ କେୟାର କୋଚିଙ୍ଗ ସେଣ୍ଟର, ମହାବୀର ଟ୍ୟୁଟୋରିଆଲ, ଆପ୍ରୋଚ ଏବଂ ଲୟାଲ ଆଦି କୋଚିଙ୍ଗ ସେଣ୍ଟର ସମେତ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଓ ମହିଳା କନିଷ୍ଠ ମହାବିଦ୍ୟାଳୟ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଟାଉନ ମଡେଲ ପ୍ରାଥମିକ ବିଦ୍ୟାଳୟ, ସାଇ ଇଣ୍ଟର ନ୍ୟାସନାଲ, ଆଦର୍ଶ ବିଦ୍ୟାଳୟ, ସେଣ୍ଟ ଜାଭିୟର, ସରସତୀ ଶିଶୁ ମନ୍ଦିର, ସାମନ୍ତ ଚନ୍ଦ୍ର ଶେଖର ସେବାଶ୍ରମ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଭୁ ଗଣେଶଙ୍କ ପୂଜା ବେଶ ଧୁମଧାମରେ ପାଳନ କରାଯାଇଛି। ସେହିପରି ସହରାଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ସହରାଞ୍ଚଳ ଅଧୀନ ରଥଗଡ଼ା ଛକ ଠାରେ ୧୩ ଫୁଟର ବାଲ ଗଣେଶ ମୂର୍ତ୍ତୀ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨୦୧୮ ମାଟ୍ରିକ ବ୍ୟାଚ ଗଣପତି କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜା ମେଢ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭିଡ ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷେ ଖଣ୍ଡପଡ଼ା ବ୍ଲକ ଅଧୀନ ପ୍ରତ୍ୟେକ ପଞ୍ଚାୟତରେ ଥିବା ବିଦ୍ୟାଳୟରେ ମଧ୍ୟ ନିରାଡ଼ମ୍ବର ଭାବେ ଗଣେଶ ପୂଜା ପାଳନ କରାଯାଇଥିବା ସୂଚନା ମିଳିଛି।

# ଧଳାପଥର ଅଞ୍ଚଳରେ ସେକ୍ସ ରାକେଟ ଠାବ ମହିଳାଙ୍କ ସହ ଗ୍ରାହକକୁ ଉଠାଇ ନେଲା ପୋଲିସ



ବାଙ୍କୀ,(ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ପୁରୀ ଜିଲ୍ଲା କୋଣାର୍କ ପୋଲିସ ଏବଂ ଧଳାପଥର ଫାଣ୍ଡି ପୋଲିସ ମିଳିତ ସହାୟତାରେ ଧଳାପଥର ଠାରେ ଏକ ଘରେ ସେକ୍ସ ରାକେଟ ଧରିଛି କୋଣାର୍କ ପୋଲିସ। ଜଣେ ମହିଳା ଓ ଜଣେ ଗ୍ରାହକଙ୍କୁପୋଲିସ ଉଠାଇ ନେଇ କୋଣାର୍କ ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁସାରେ କୋଣାର୍କ ଅଂଚଳର ପ୍ରଶାନ୍ତ ପ୍ରଧାନ ନାମକ ଜଣେ ଯୁବକ ତାଙ୍କ ପତ୍ନୀ ଜୟନ୍ତୀ ସାଇଁଙ୍କୁ ଛାଡି ଜଗସିଂହପୁର ଅଂଚଳର ଲକ୍ଷ୍ମୀପ୍ରିୟା ନାମକ ଜଣେ ମହିଳାଙ୍କୁ ଧରି ଖୋର୍ଦ୍ଧା ଜିଲ୍ଲାର ଏହି ବେଗୁନିଆ ଧଳାପଥର ଫାଣ୍ଡି ନିକଟସ୍ଥ ମିଛୁପଣ୍ଡା ସାହିରେ ଗୋଟିଏ ଘରେ ସେକ୍ସ ରାକେଟ ଲାଉଥିଲା. ।ଏ ଘଟଣା ଶୁଣି ପ୍ରଶାନ୍ତଙ୍କ ପତ୍ନୀ ଜୟନ୍ତୀ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ କୋଣାର୍କ ପୋଲିସ ସୋମବାର ରାତିରେ ବେଗୁନିଆ ଧଳପଥର ପୋଲିସ ସହାୟତାରେ ଏହି ଘରେ ଚଢାଇ କରି ଉଭୟଙ୍କୁ ଧରିଛି । ସେହି ରାତିରେ ଦୁଇ ଜଣଙ୍କୁ କୋଣାର୍କ ପୋଲିସ ନିଜ ହେପାଜତକୁ ନେବା ସହିତ ଅଧିକ ତଦନ୍ତ ଚଳାଇଛି। ଅଟକ ମହିଳା ଲକ୍ଷ୍ମୀପ୍ରିୟା ପୂର୍ବରୁ ଗିରଫ ହୋଇଥିବା ବେଳେ ତା ନାମରେ ଭୁବନେଶ୍ୱର କଟକ, ପୁରୀ ଆଦି ଥାନାରେ ପୂର୍ବରୁ ସେକ୍ସ ରାକେଟ ମାମଲା ରହିଛି। ସେପଟେ ଗତ କିଛିଦିନ ତଳେ ଏହି ଘରୁ କଟକ ଜିଲ୍ଲା ବୈଦେଶର ପୋଲିସ ସେକ୍ସ କାରବାର ଚାଲିଥିବା ବେଳେ କିଛି ମହିଳା ଗ୍ରାହକଙ୍କୁ ଧରି ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଏବେ ଏହି ଅଞ୍ଚଳ ରେ ଚାଲୁଥିବା ସେକ୍ସ ରାକେଟକୁ ଧଳାପଥର ଫାଣ୍ଡି ପୋଲିସ ଚଢାଉ କରି ଏହା ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

## କ୍ୟାପିଟାଲ ରିଜିଅନ ରିଂ ରୋଡ କନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପରେ ଖୁସିର ଲହରୀ

ନିରାକାରପୁର ,(ସବ୍ୟୁ): ବହୁ ପ୍ରତିକ୍ଷିତ କ୍ୟାପିଟାଲ ରିଜିଅନ ରିଂ ରୋଡ କୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପରେ ରାମେଶ୍ୱର, ନିରାକାରପୁର ଏବଂ ଏହାର ଆଖ ପାଖ ଅଂଚଳ ରେ ଖୁସିର ଲହରୀ ଖେଳି ଯାଇଅଛି ।ଏହି କ୍ୟାପିଟାଲ ରିଜିଅନ ରିଂ ରୋଡ଼ ଟି ଖୋର୍ଦ୍ଧା ଜିଲ୍ଲା ଜାତୀୟ ରାଜପଥ–୧୬ ର ରାମେଶ୍ୱର ଛକ ଠାରୁ ଆରମ୍ଭ ହୋଇ ଡମଣ ଭୂଇଁ , ଗୟାବନ୍ଧ , ନୟାକୋଟ , ଗୋଡ଼ , ଅତ୍ରି ଆଦି ଦେଇ ସାରୁଆ ନିକଟରେ ଏନଏଚ –୫୭ କୁ ଅତିକ୍ରମ କରୁଅଛି ।ସେଠାରୁ ପୁଣି ଆଗକୁ ଯାଇ ଚନ୍ଦକା ଜଙ୍ଗଲ ବାହାର ଅଂଚଳ ଦେଇ ବାଙ୍କୀ ର ବିଲିପଡ଼ା ଗ୍ରାମ ଦେଇ ବାଙ୍କୀ ନିକଟରେ ମହାନଦୀକୁ ଅତିକ୍ରମ କରୁଛି ।ଅଂଶୁପା ହ୍ରଦ ପାଶ୍ୱବର୍ତୀ ଅଂଚଳ ଦେଇ ଏହା ଢେଙ୍କାନାଳ ଜିଲ୍ଲା ଗୋବିନ୍ଦପୁର ଠାରେ ଏନଏଚ ୫୫ ସହ ମିଶୁଛି ପୁଣି ସେଠାରୁ ଆହୁରି ଆଗକୁ ଯାଇ ଟାଙ୍ଗି ନିକଟରେ ପୁଣିଥରେ ଏନଏଚ ୧୬ ସହ ମିଶୁଛି । ଏହି ୬ ଥାକିଆ ଗ୍ରୀନଫିଲଡ ଜାତୀୟ ରାଜପଥ ସମ୍ପୂର୍ଣ ଭାବେ ଆକ୍ସେସ କଣ୍ଟ୍ରୋଲଡ଼ ପ୍ରଣାଳୀରେ ର୍ନିମାଣ କରାଯିବ । ପୂର୍ବରୁ ଏହି ରିଂ ରୋଡ଼ ଟି ରାମେଶ୍ୱର ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ଠାରେ ଜାତୀୟ ରାଜପଥ ୧୬ ସହ ମିଶିବାର ପ୍ରସ୍ତାବ ଥିଲା କିନ୍ତୁ ସେଠାରେ ଇଣ୍ଟରଚେଞ୍ଜ ବା ଗୋଲାକା କୃତି ଛକ କରିବା ପାଇଁ ଉପଯୁକ୍ତ ଜାଗା ନ ମିଳିବାରୁ ବର୍ତ୍ତମାନ ଏହି ଜାତୀୟ ରାଜପଥ ଟି ରାମେଶ୍ୱର ଏବଂ ଜଙ୍କିଆ ଛକ ମଧ୍ୟରେ ଥିବା ମନ୍ଦାକିନୀ ବ୍ରିଜ ନିକଟରେ ଜାତୀୟ ରାଜପଥ ୧୬ ସହ ମିଶିବ ।ଏହି ଠାରେ ଏକ ତୁରୀ ଆକୃତି ର ଗୋଲାକାକାର ଛକ ର୍ନିମାଣ କରାଯିବ ।ଏହି ଜାତୀୟ ରାଜପଥ ର ର୍ନିମାଣ ନିମନ୍ତେ ଡକା ଯାଇଥିବା ତିନି ଗୋଟି ପ୍ୟାକେଜ ର ଟେଣ୍ଡର ସେପ୍ଟମ୍ବର ୧୨ ରେ ଖୋଲିବ । କ୍ୟାପିଟାଲ ରିଜିଅନ ରିଂ ରୋଡ଼ ଏବଂ ଉପକୂଳ ରାଜପଥ କୁ ପରସ୍ପର ସହ ସଂଯୋଗ କରିବା ନିମନ୍ତେ ପଦକ୍ଷେପ ନେବାକୁ ଏନଏଚଏଆଇ କୁ ନିବେଦନ କରାଯାଇଅଛି । ଏହି ଜାତୀୟ ରାଜପଥ ହେବା ଦ୍ୱାରା ପୁରୀ ଏବଂ ଅନୁଗୁଳ ମଧ୍ୟ ରେ ଦୂରତା ପାଖ ପାଖି ୧୦ କିମି କମିଯିବ ବୋଲି ଅନୁମାନ କରାଯାଇଛି ।

# ବଳଙ୍ଗା ଗଣେଶ ପୂଜା



ବଳଙ୍ଗା,(ସବ୍ୟ): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବଳଙ୍ଗା ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ସରସତୀ ଶିଶୁ ବିଦ୍ୟା ମନ୍ଦିର, ବଡନିନିଗାଁର ସମ୍ପାଦକ ସନ୍ତୋଷ ବରାଳ ନୁତନ କରି ଲେଖାଉଥିବା ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଁ ହୋଇଥିଲା।। ବାମନାଳ ହାଇସ୍କୁଲ, ନୂଆସନ୍ଥ, କୋଠକୁସାଙ୍ଗ ,ବଡନିନିଙ୍ଗା ସରକାରୀ ସ୍କୁଲ, କୋଠକୁସାଙ୍ଗ , ବଳଙ୍ଗା, ନୁଆସନ୍ଥ, ଉଛୁପୁରୁ, ଗୋପିନାଥପୁର,ଶାଇସ ଶାସନ, ହରିପୁର ଆଦି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ପ୍ରମୁଖ ପଞ୍ଚାୟତର ବିଦ୍ୟାଳୟ ମାନଙ୍କରେ ଓ ପ୍ରତ୍ୟେକ ଗ୍ରାମରେ ଗଣେଶ ପୂଜା ଧୂମଧାମରେ ପାଳିତ ହୋଇଯାଇଛି।

## ଏନଏସି ମାନ୍ୟତା ଦାବୀରେ ୧୨ ଘଣ୍ଟିଆ ବନ୍ଦ ସଫଳ

କାକଟପୁର ,(ସବ୍ୟୁ): ପୁରୀଜିଲ୍ଲା କାକଟପୁରକୁ ଏନଏସି ମାନ୍ୟତା ପାଇଁ ଦାବୀ ହୋଇଆସୁଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଏହା ସମ୍ଭବ ହୋଇପାରୁନାହିଁ । ପୂର୍ବ ସରକାରଙ୍କ ସମୟରେ କାକଟପୁର କୁ ଏନଏସି ମାନ୍ୟତା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏହା ଅଦ୍ୟାବଧି ନାଲିଫିତା ତଳେ ଚାପି ହୋଇ ରହିଛି ।ଅନ୍ୟ ପକ୍ଷରେ ଭୌଗଳିକ ସ୍ଥିତି ଦୃଷ୍ଟିରୁ ଦେଖିଲେ କାକଟପୁର ଏନଏସି ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ ହୋଇ ରହିଛି ।ଏହି ପ୍ରରିପେକ୍ଷୀରେ ଗୁରୁବାର ଦିନ କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାକୁ ସମସ୍ତ ବ୍ୟବସାୟୀ ସଂଘ,ମୋଟର ମାଲିକ ସଂଘ, ବିଭିନ୍ନ ସଂଗଠନ ଏବଂ ସ୍ଥାନୀୟ ବୃଦ୍ଧିଜୀବୀ,ଜନସାଧାରଣ ମାନେ ସମର୍ଥନ କରିଥିଲେ । କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ଯୁବନେତା ବିଶ୍ୱଭୂଷଣ ଦାସ, ବ୍ଲକ କଂଗ୍ରେର ପୂର୍ବତନ ସଭାପତି ଅବଧୁତ ସଓ୍ୱାଇଁ ଏବଂ ସଂଯୋଜକ ଯଶୋବନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କାକଟପୁରର ବଲରା ଛକ ଏବଂ ମେଡିକାଲ ଛକରେ ପିକେଟିଂ କରିବା ସହ ରାସ୍ତାରୋକ କରି ବିଜେପି ଏବଂ ବିଜେଡି ବିରୁଦ୍ଧରେ ନାରାବାଜି ଦେବାସହ କାକଟପୁରକୁ ଏନଏ ସି ମାନ୍ୟତା ନମିଳିଲେ ଆଗାମୀ ଦିନରେ ଏ ଆନ୍ଦୋଳନ କୁ ଆହୁରି ତୀବ୍ର କରାଯିବ ବୋଲି କହିଥିଲେ ।

## ବୃଦ୍ଧାଶ୍ରମରେ ସେବା କାର୍ଯ୍ୟକ୍ରମ

ଫୁଲନଖରା,(ସବ୍ୟୁ):ସ୍ୱର୍ଗତ ପ୍ରହଲ୍ଲାଦ ନାୟକଙ୍କ ୧୦ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ପାହାଳ ଥାନା ଜଗନ୍ନାଥପୁର ସ୍ଥିତ ସଂଜୀବନୀ ବୃଦ୍ଧାଶ୍ରମରେ ସ୍ୱର୍ଗତ ନାୟକଙ୍କ ପରିବାର ପକ୍ଷରୁ ଆଶ୍ରମରେ ରହୁଥିବା ୨୨ରୁ ଉର୍ଦ୍ଧ ବୃଦ୍ଧବୃଦ୍ଧାଙ୍କୁ ରନ୍ଧା ଖାଦ୍ୟ ଦେବାସହ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ଦୁଇ ନାତୁଣୀ ନେହାନିକିତାସାହା ନାୟକ,ପ୍ରତ୍ୟୁଷା ନାୟକ ଉପସ୍ଥିତ ରହି ଆଶ୍ରମରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ସେବାଯୋଗାଇ ଦେଇଥିଲେ।ଏହି ସମୟରେ ତାଙ୍କର ବଡ଼ପୁଅ ପ୍ରଭାତ କୁମାର ନାୟକ, ପ୍ରକାଶ ନାୟକ, ବୋହୁ ତନୁଜା ନାୟକ, ମଧୁସ୍ମିତା ନାୟକଙ୍କସହ ନାତୁଣୀ ପ୍ରିୟଙ୍କା ନାୟକ ପ୍ରମୁଖଙ୍କ ସହ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ବାଲୁଗାଁ କଲେଜରେ ଯୁବ ରେଡକ୍ରସ ତାଲିମ କାର୍ଯ୍ୟକ୍ରମ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ପକ୍ଷରୁ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ସୋମବାର ଏକ ଦିଗ ଦର୍ଶନ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଯୁବରେଡକ୍ରସର ପରାମର୍ଶଦାତା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପକ ଧୋବି ଚରଣ ପରିଡାଙ୍କ ସହ ମୁଖ୍ୟ ଅତିଥି ଭାବେ ଯୁବରେଡକ୍ରସର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ରେଡକ୍ରସର ଉତ୍ପତ୍ତି,କାର୍ଯ୍ୟଶୈଳୀ, ମୌଳିକ ନିୟମ ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ କରାଇଥିଲେ। ଏଥିସହିତ ରକ୍ତଦାନର ଉପକାରିତା ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅଗତ କରାଇଥିଲେ ଔ ଏହି ଅବସରରେ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ରଙ୍କୁ କୈଳାଶ ଚନ୍ଦ୍ର ମହାରଣା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଔ ଉକ୍ତ ଆଲୋଚନା ଚକ୍ରରେ ବରିଷ୍ଠ ସ୍ୱେଚ୍ଛାସେବୀ ସଂଗ୍ରାମ ଦାଶ,ଯସ୍ମିନ ବେଗମ, ରାକେଶ ବେହେରା, ଦୀପକ ସେଠି, ପ୍ରଜ୍ଞା ସ୍ମିତା ସାହୁ, ଶୁଭଶ୍ରୀ ବାରିକି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ ।

## କଣାସ ଅଞ୍ଚଳରେ ଗଣେଶ ପୂଜା



କଣାସ,(ସବ୍ୟୁ): ଚଳିତ ବର୍ଷ କଣାସ ଅଞ୍ଚଳରେ ଗଣେଶ ପୂଜା ମହାଆଡ଼ମ୍ବରରେ ପାଳିତ ହେଇଯାଇଅଛି। ଏହି ଅବସରରେ ହାଟ ମଇଁଷିପୁରୁ ଗଣେଶ କ୍ଲବରେ ପ୍ରଦୀପ କୁମାର ନାୟକ,ଅରୁଣ ନାୟକ ତଥା କ୍ଲବର ୫୦ଜଣ କର୍ମକର୍ତ୍ତା ଏହି ପୂଜା କରୁଥିବା ବେଳେ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଏକେଏସଏସ, ନୀଳାଚଳ ସେବା ପ୍ରତିଷ୍ଠାନ ଦୟାବିହାର ,କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ,ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ,କଣାସ ମହାବିଦ୍ୟାଳୟ,ଦାୟାବିହର ଡିଗ୍ରୀ କଲେଜ, ସିରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,ଆଡାଲ ପ୍ରାଥମିକ ବିଦ୍ୟାଳୟ,ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର,କଣାସ ଶିଶୁ ମନ୍ଦିର,ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟ,କଣାସ ଗୋଲା ବଜାର,ଜଂକିଆ ଗଡସାହି ବଜାର,ବିଜିପୁର ବଜାର ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଗାଁ ଗହଳିମାନଙ୍କରେ ଚଳିତ ବର୍ଷ ଗଜାନନଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି ।ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନେ ନୂତନ ବସ୍ତ୍ର ପରିଧାନ କରି ପୁଷ୍ପାଞ୍ଜଳି ଦେଇ ନଡ଼ିଆ ବାଡେଇ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା ।

(ଶ୍ରୀମଭଗବଦ୍ ଗୀତା ୧୮/୨୬)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।**
**ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ॥ ୨୬ ॥**

(କର୍ତ୍ତାରଂ ବିବିଧମାହ ତ୍ରିଭିଃ)- ମୁକ୍ତସଙ୍ଗଃ (ଆସକ୍ତିଶୂନ୍ୟଃ), ଅନହଂବାଦୀ (ନାହଂବଦନଶୀଳଃ, ଗର୍ବୋକ୍ତିରହିତଃ), ଧୃତ୍ୟୁତ୍ସାହସମନ୍ୱିତଃ (ଧୃତିଃ ଧୈର୍ଯ୍ୟଂ, ଉତ୍ସାହଃ ଉଦ୍ୟମଃ, ତାଭ୍ୟାଂ ସମନ୍ୱିତଃ ସଂଯୁକ୍ତଃ), (ଆରବ୍ଧସ୍ୟ କର୍ମଣଃ) ସିଦ୍ଧ୍ୟସିଦ୍ଧ୍ୟୋଃ (କ୍ରିମୋଣସ୍ୟ କର୍ମଣଃ ଫଳସିଦ୍ଧ୍ୟସିଦ୍ଧ୍ୟୋଃ ଚ) ନିର୍ବିକାରଃ ( ହର୍ଷବିଷାଦଶୂନ୍ୟଃ), କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ॥୨୬ ॥

# ସ୍ୱଦେଶୀ ମନୋବୃତ୍ତି ପକ୍ଷରେ ପ୍ରଧାନମନ୍ତ୍ରୀ

ପ୍ରାକ୍ ସ୍ୱାଧୀନତା କାଳରେ ଗାନ୍ଧିଜୀ ଯେପରି ପ୍ରତୀକାତ୍ମକ ଭାବେ ସ୍ୱଦେଶୀ ଆନ୍ଦୋଳନର ଡାକରା ଦେଇଥିଲେ, କାଳକ୍ରମେ ତାହା ଭାରତର ସ୍ୱାଧୀନତା ଆନ୍ଦୋଳନକୁ ସଫଳ କରିବା ସହିତ ଭାରତର ଅର୍ଥନୀତିକୁ ମଧ୍ୟ ସଜାଡ଼ି ଦେଇଥିଲା । ସ୍ୱାଧୀନତାର ୭୮ ବର୍ଷ ପରେ ଏବେ ସ୍ୱଦେଶୀ ଉତ୍ପାଦିତ ଦ୍ରବ୍ୟର ଆବଶ୍ୟକତା ଓ ଉପଯୋଗିତାକୁ ସ୍ମରଣ କରାଯାଉଛି । ଏହାର ଆବଶ୍ୟକତା ତ ଖୁବ୍ ବେଶୀ । ଏହା ମଧ୍ୟ ଭାରତରେ ଆଦୃତ ହେଉଛି । ସେ ଯାହା ହେଉ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଅଗଷ୍ଟ ୨୫ (୨୦୨୫)ର ମନ୍ତ୍ରିମଣ୍ଡଳର ବୈଠକରେ ଅଧ୍ୟକ୍ଷତା କରି, Local for Vocal ଅର୍ଥାତ୍ ସ୍ୱଦେଶୀ ନିର୍ମିତ ଦ୍ରବ୍ୟ ଉପରେ ଗୁରୁତ୍ୱାରୋପ କରିଥିବା ପ୍ରକୃତରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ପୂର୍ବରୁ ବ୍ରିଟିଶ ସରକାର ଶତାଧିକ ବର୍ଷ ଭାରତକୁ ଶାସନ କରିବା ପରେ, ଆମ ଉପରେ ଇଂରେଜମାନଙ୍କର ପ୍ରଭାବ ବହୁଳାଂଶରେ ପଡ଼ିବା ସ୍ୱାଭାବିକ । ଇଂରେଜମାନେ ଭାରତ ଛାଡ଼ି ଚାଲିଯିବା ପରେ ମଧ୍ୟ ସେମାନଙ୍କ ଭାଷା ଓ ପୋଷାକକୁ ଆମେମାନେ ଆଦର କରି ଆସିଛୁଁ । କ୍ରମଶଃ ସେସବୁ ବଦଳିବାରେ ଲାଗିଛି ସତ, ସମ୍ପୂର୍ଣ୍ଣ ଭାବେ ନୁହେଁ । ଏବେ ବି ଇଂରାଜୀ ଭାଷା ଆମର ମାତୃଭାଷା ଓଡ଼ିଆଠାରୁ ବେଶ୍ ପ୍ରିୟ- ଅଧିକାଂଶ ଶିକ୍ଷିତ ଓଡ଼ିଆଙ୍କ କ୍ଷେତ୍ରରେ । ଇଂରେଜମାନଙ୍କ ପରି ଟାଇ ଓ ସୁଟ୍ ପିନ୍ଧି ବିଭିନ୍ନ ଉତ୍ସବରେ ଯୋଗ ଦେଇ ଆମେମାନେ ଆନନ୍ଦିତ । ଅବଶ୍ୟ ପ୍ରଥମେ ରାଜନୀତିରେ ପ୍ରବେଶ କରିଥିବା କଂଗ୍ରେସ ଲୋକେ ଖଦଡ଼ ପୋଷାକ ପରିଧାନ କରୁଥିଲେ । କାଳକ୍ରମେ ସମାଜର ମାନ୍ୟଗଣ୍ୟ ଲୋକେ ବିଭିନ୍ନ ସାମାଜିକ କାର୍ଯ୍ୟ ଓ ଉତ୍ସବାଦିରେ ସ୍ୱଦେଶୀ ପୋଷାକପତ୍ର ପିନ୍ଧିବାକୁ ଲାଗିଲେ । ଏପରିକି ରାଜନୀତି ବା ସମାଜସେବା କ୍ଷେତ୍ରରେ ପ୍ରବେଶ କରିଥିବା ବ୍ୟକ୍ତିମାନେ ନିଜ ଢ଼ଙ୍ଗରେ ଓ ଦେଶୀ ଢ଼ାଞ୍ଚାରେ ପୋଷାକପତ୍ରମାନ ପିନ୍ଧିଲେ । ଦେଶୀ ନିର୍ମିତ ଦ୍ରବ୍ୟ ବ୍ୟବହାର ପ୍ରତି ଆଦର ମଧ୍ୟ ବଢ଼ିଲା । କିନ୍ତୁ ଏବେ ବି ବିଦେଶୀ ନିର୍ମିତ କାର୍ ପ୍ରଭୃତି ବ୍ୟବହାର ପାଇଁ କାହାରି କାହାରି ମଧ୍ୟରେ ବ୍ୟାକୁଳତା ପରିଲକ୍ଷିତ ହୋଇଥାଏ ।

ବିଭିନ୍ନ ଜାତୀୟ ବା ଅର୍ନ୍ତଜାତୀୟ ଆଲୋଚନାଚକ୍ର ବା ସଭାସମିତି ଇଂରାଜୀ ଭାଷାରେ କରାଗଲେ, କ୍ଷତି ନାହିଁ । ଆମ ରାଷ୍ଟ୍ରଭାଷା ହିନ୍ଦୀରେ ତାହା କରାଗଲେ କେବଳ ଭାରତୀୟମାନଙ୍କ ଲାଗି ସୁବିଧା ହୋଇପାରେ । ମାତ୍ର ଇଂରାଜୀ ଏକ ସଂଯୋଗକାରୀ ଭାଷା (Link Language) ହୋଇଥିବାରୁ ଅର୍ନ୍ତଜାତୀୟ ଆଲୋଚନାଚକ୍ର ପ୍ରଭୃତିରେ ଏହା ସୁବିଧାଜନକ ବୋଲି ମନେ ହେବ । ରାଜ୍ୟ ଭିତରେ ହେଉଥିବା ଆଲୋଚନାଚକ୍ର ବା ସଭା ସମିତିରେ ଇଂରାଜୀ ଭାଷାକୁ ବାରଣ କରାଯାଇ ମାତୃଭାଷାରେ ତାହା କରାଯିବା ଆବଶ୍ୟକ । ନଚେତ୍ ଆମ ପିଲାମାନେ ସେହି ଇଂରାଜୀ ଭାଷା ଉପରେ ନିର୍ଭର କରି ବସିବେ । କମ୍ପ୍ୟୁଟର ଭାଷା ଇଂରାଜୀ ହେଲେ ମଧ୍ୟ ଏବେ ରାଷ୍ଟ୍ରଭାଷା ବା ଆଞ୍ଚଳିକ ଭାଷାରେ ମଧ୍ୟ କମ୍ପ୍ୟୁଟର ପ୍ରୟୋଗ କରାଯାଇ ପାରୁଛି । ଏଥିପାଇଁ ଆମର ମନୋବୃତ୍ତିକୁ ଆମେ ନିଜେ ପରିବର୍ତ୍ତନ କରିବା ଆବଶ୍ୟକ ।

ଏବେ ଯୁକ୍ତରାଷ୍ଟ୍ର ଆମେରିକା ଅନେକ ଭାରତୀୟ ସାମଗ୍ରୀର ରପ୍ତାନୀ କ୍ଷେତ୍ରରେ ଟାରିଫ ବୃଦ୍ଧି କରିବା କାରଣରୁ ଭାରତୀୟମାନେ ଅଧିକରୁ ଅଧିକ ଭାରତୀୟ ସାମଗ୍ରୀ ବ୍ୟବହାର ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆହ୍ୱାନ ହେଉଛି ଆଜିର ଆବଶ୍ୟକତା ବୋଲି ମନେହେଉଛି ।

ବିଭିନ୍ନ ଭାରତୀୟ ଦୋକାନୀ ଓ ବ୍ୟବସାୟୀମାନେ ସେମାନଙ୍କ ବିଭିନ୍ନ ଅନୁଷ୍ଠାନର ନାମଫଳକରେ 'ସ୍ୱଦେଶୀ ଦ୍ରବ୍ୟ' ବୋଲି ଉଲ୍ଲେଖ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତାହା ହିଁ ସ୍ୱଦେଶୀ ମନ୍ତ୍ର ବୋଲି ସେ ପ୍ରକାଶ କରି କହିଛନ୍ତି ଯେ ଯିଏ ସେହି ଦ୍ରବ୍ୟଗୁଡ଼ିକ ଯୋଗାଇ ଦେଉ ନା କାହିଁକି ଦ୍ରବ୍ୟ ବା ସାମଗ୍ରୀ ସବୁ ଭାରତରେ ନିର୍ମିତ ହେବା ଦରକାର । 'ପିଏମ୍ ସନିଧି' (PM SVANidhi) ଯୋଜନାକୁ ମନ୍ତ୍ରିମାନେ ରାସ୍ତା ବିକାଳୀଙ୍କ ପାଇଁ ସୁବିଧା କରାଇବାକୁ ପ୍ରଧାନମନ୍ତ୍ରୀ ମଧ୍ୟ ଚାହିଁଛନ୍ତି । ଏହି ଯୋଜନାରେ ରାସ୍ତା ବିକାଳୀମାନେ ରିହାତି ଋଣର ସୁବିଧା ପାଇପାରିବେ ଓ ଏଥିପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଟି-ସାର୍ଟ ଜରିଆରେ ସେମାନଙ୍କୁ ଚିହ୍ନଟ କରାଯିବାକୁ ସେ ମଧ୍ୟ ଇଚ୍ଛା କରିଛନ୍ତି ।

ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ, ଯୁକ୍ତରାଷ୍ଟ୍ର ଆମେରିକାର ଟାରିଫ ବୃଦ୍ଧି ଘଟଣାକୁ ଅର୍ନ୍ତଜାତୀୟ କ୍ଷେତ୍ରରେ ମୋଦିଙ୍କ ରାଷ୍ଟ୍ରନୀତି ବିଫଳ ବୋଲି ଦୋଷାରୋପ କରିଛନ୍ତି । ମାତ୍ର ଆମକୁ ଏହାର ଫଳାଫଳ ଜାଣିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ହେବ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଋଣଯନ୍ତାର ପରିଧି



**ରୁଚିର କୁମାର ପାଣିଗ୍ରାହୀ**

ସୁଖ-ସ୍ୱାଚ୍ଛନ୍ଦଭରା ଆରାମଦାୟକ ଜୀବନ ବିତାଇବା କିଏ ବା ନ ଚାହେଁ ? ପ୍ରତ୍ୟେକ ମଣିଷର ଚାହିଦା ଅସୀମ ଅଟେ । ନିଜର ଆର୍ଥିକ ଅବସ୍ଥା ଅପେକ୍ଷା ଅଧିକ ଖର୍ଚ୍ଚକରି ସୁଖ ସାଉଁଟିବା ପ୍ରତ୍ୟେକଙ୍କର ଅଭ୍ୟାସ ହୋଇଗଲାଣି । ନିଜର ସାମର୍ଥ୍ୟ ବାହାରେ, ଧରାଯାଉ ଗରମରୁ ରକ୍ଷା ପାଇବା ପାଇଁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଗମନାଗମନର ସୁବିଧା ପାଇଁ କାର୍, ସୁଖରେ ରହିବା ପାଇଁ ଗୃହ ନିର୍ମାଣ ଓ ସନ୍ତାନମାନଙ୍କର ପାଠପଢ଼ିବା ପାଇଁ ବ୍ୟାଙ୍କ ଋଣ ଇତ୍ୟାଦିକୁ ଅଗ୍ରାଧିକାର ଦିଆଯାଉଛି । ତେଣୁ ବାଧ୍ୟହୋଇ ଲୋକେ ଋଣ କରିବାକୁ ପସନ୍ଦ କରିଥାନ୍ତି । ଜଣେ ବ୍ୟବସାୟୀ ବନ୍ଧୁ କହିଲେ ବ୍ୟବସାୟ ପାଇଁ ଋଣ, ପୁଅର ପାଠପଢ଼ିବା ପାଇଁ ଶିକ୍ଷାଋଣ କରି ବାଟ ଚାଲୁଅଛି । ପ୍ରାୟ ୫/୬ବର୍ଷ ପରେ ବ୍ୟବସାୟରେ କ୍ଷତି ଯୋଗୁଁ ବନ୍ଦ ଓ ପୁଅର ପାଠପଢ଼ା ଶେଷ ହୋଇଥିଲେ ମଧ୍ୟ ରୋଜଗାରକ୍ଷମ ହୋଇପାରିନାହିଁ । ଏଇଠି କଥାହେଲା ଋଣ କରିବା ଯେତିକି ପ୍ରାଧାନ୍ୟ ନୁହେଁ, ତାଠାରୁ ଅଧିକ ଶୁଝିବା ଅଟେ । ଋଣ କଲାବେଳେ, କେତେଟଙ୍କାର ଋଣ, ସମୟ ଅବଧି ସହିତ ସୁଧ ସହ ଶୁଝିବାକୁ କେତେଟଙ୍କା ଆବଶ୍ୟକ, ହିସାବ କରିବାକୁ ହୋଇଥାଏ । ଋଣର ପରିଧିରେ ସୁଧକୁ ମୂଳଋଣ ମୂଲ୍ୟରେ ଯୋଡିବାକୁ ହୋଇଥାଏ । ବ୍ୟକ୍ତି ବା କୌଣସି ସଂସ୍ଥାର ଋଣ ଅପେକ୍ଷା, ସରକାର କରୁଥିବା ଋଣ ଭିନ୍ନ ଅଟେ । କାରଣ ଏହା ପ୍ରତ୍ୟେକ୍ଷ ଭାବରେ ଲୋକଙ୍କ ଉପରେ ବୋଝ ହୋଇଥାଏ । ସରକାର କହିଲେ ଲୋକମାନେ ନିର୍ବାଚିତ କରି ସଦସ୍ୟ ଚୟନକୁ ବୁଝାଏ ଏବଂ ସେମାନେ ପ୍ରତିନିଧି ଭାବରେ କାମ କରନ୍ତି । ତେଣୁ ଜନସାଧାରଣଙ୍କର ଉନ୍ନତି ପାଇଁ ଟଙ୍କା ଋଣ କରି ଖର୍ଚ୍ଚ କରିଥିଲେ, ଶୁଝିବାକୁ ବିଭିନ୍ନ ପ୍ରକାର ଟିକସ ବସାଇ ଅର୍ଥ ସଂଗ୍ରହ କରିବାକୁ ହୋଇଥାଏ । ପାକିସ୍ତାନ, ନେପାଳ ଓ ଶ୍ରୀଲଙ୍କା ଇତ୍ୟାଦି ଦେଶମାନେ ଋଣ କରିବାରେ ଅଗ୍ରଭାଗରେ ଥିବାବେଳେ, ଋଣମୁକ୍ତ ୨୦ଗୋଟି ଦେଶ ମଧ୍ୟରେ ମକାଓ, ହଂକଂ, ବ୍ରୁନେଇ ଓ ଟୁଭାଲୁ ଅନ୍ୟତମ । ଦକ୍ଷିଣ-ପୂର୍ବ ଏସିଆର ଏକ ଛୋଟ ଦେଶ ବ୍ରୁନେଇ, ଯାହାର ଲୋକସଂଖ୍ୟା ୪,୩୯୦୦୦ ଅଟେ । ମାତ୍ର ଏହାର ଜାତୀୟଋଣ ହାର ବିଶ୍ୱରେ ସର୍ବନିମ୍ନ ଅଟେ । ଏହାର ଋଣହାର ଜିଡିପିର ୨.୪୬ ପ୍ରତିଶତ ଥିଲାବେଳେ ଜାପାନର ସର୍ବାଧିକ ୨୫୭ ପ୍ରତିଶତ, ସୁଦାନର ୨୧୦ ପ୍ରତିଶତ ଓ ଗ୍ରୀସ ଦେଶର ୨୦୭ ପ୍ରତିଶତ ଅଟେ ।

ଯୁକ୍ତରାଷ୍ଟ୍ର ଆମେରିକା ଠାରୁ ଋଣ କରିବାରେ ସବୁଠୁ ଆଗରେ ଜାପାନ ଓ ଚୀନ ଦେଶ ଅଛନ୍ତି । ଆମ ଦେଶ ଭାରତର ଋଣଭାର ଦେଖିଲେ ଆର୍ଥିକ ବର୍ଷ ୨୦୨୪-୨୫ରେ ଜାତୀୟ ଋଣ ଜିଡିପିର ୭୦ ପ୍ରତିଶତ ଓ କର୍ପୋରେଟ୍ ଋଣ ଜିଡିପିର ୪୭ ପ୍ରତିଶତ ଅଟେ ।

କୌଣସି ବ୍ୟକ୍ତି, ସଂସ୍ଥା ବା ସରକାର ହେଉ, ତାଙ୍କର ଆୟବ୍ୟୟ ମଧ୍ୟରେ ଯଦି ସମନ୍ୱୟ ନରହେ ଏବଂ ବ୍ୟୟଭାର ଅଧିକ ହୁଏ, ତେବେ ସେମାନେ ଋଣ କରିବାକୁ ପସନ୍ଦ କରନ୍ତି । ଋଣ ଏକ ଦେୟ ଅଟେ । କଥାରେ ଅଛି 'ଋଣଂ କୃତ୍ୱା, ଘୃତଂ ପିବେତ୍'', ଅର୍ଥାତ୍ ଋଣକରି ଘିଅ ପିଇବା ବା ଅନାବଶ୍ୟକ ଭାବରେ ଚାହିଦା ପୂରଣ କରିବା ପାଇଁ, କୌଣସି ପ୍ରକାରରେ ବ୍ୟୟଯୋଗାଡ କରିବା, ବୁଦ୍ଧିମାନର କାମ ନୁହେଁ । ଋଣର ପରିଧି ସର୍ବଦା ସ୍ୱଚ୍ଛ ଏବଂ ସୀମିତ ଅଟେ । 'ଋଣଯନ୍ତା' କହିଲେ ସେହି ଅବସ୍ଥାକୁ ବୁଝାଏ, ଯେତେବେଳେ ଋଣ ପରିମାଣ ତାର ମୂଳ ମୂଲ୍ୟଠାରୁ ବଳିଯାଏ । ବ୍ୟକ୍ତିବିଶେଷଙ୍କ ଠାରୁ ଆରମ୍ଭ କରି ବ୍ୟବସାୟ ସଂସ୍ଥା, ରାଜ୍ୟ ବା ଦେଶ ମଧ୍ୟ ଋଣଭାରର ଶିକାର ହୋଇ ପ୍ରଭାବିତ ହୋଇଥାଆନ୍ତି । ଏହିଠାରେ ଉଲ୍ଲେଖ ଥାଉ ଯେ ଅନ୍ୟାନ୍ୟ ଋଣକର୍ତ୍ତାଙ୍କ ତୁଳନାରେ ସରକାରଙ୍କର କ୍ଷମତା ଓ ସୁବିଧା ଅଛି ଯେ ଟଙ୍କା ଛପାଇ ପାଇବେ । ମାତ୍ର ଋଣଭାରରୁ ମୁକୁଳିବା ପ୍ରତ୍ୟେକଙ୍କ ପାଇଁ ଏକ ଆହ୍ୱାନ ହୋଇଥାଏ । ସାଧାରଣ ବ୍ୟକ୍ତିଟିଏ, ସମ୍ପତ୍ତି ବନ୍ଧକ ଦେଇ ଋଣ ବା ଗୃହଋଣ, ଗାଡିକ୍ରୟ, ଆସବାବପତ୍ର ଓ ଶିକ୍ଷାଋଣ କରିଥାଏ । ବ୍ୟବସାୟ ପ୍ରତିଷ୍ଠାନମାନେ ଯେତେବେଳେ ଆଣିଥିବା ଋଣ ବା ବଣ୍ଡକୁ ବୁଝିବାକୁ ଅସମର୍ଥ ହୁଅନ୍ତି, ଋଣମୂଲ୍ୟ ବୃଦ୍ଧି ଘଟେ । ସେହିଭଳି ସରକାର ଯେତେବେଳେ ନିୟମିତ ଭାବରେ ଋଣ ଶୁଝିବା ବା ସୁଧ ପ୍ରଦାନ କିରବାରେ ଅସମର୍ଥ ହୁଅନ୍ତି, ଋଣର ପରିମାଣ ପରିଧି ଡେଇଁ ବଢ଼ିଚାଲେ । ଏହିଠାରେ ପ୍ରକାଶ ଥାଉକି ବ୍ୟକ୍ତିବିଶେଷଙ୍କ ଭଳି ସରକାର ସଞ୍ଚୟ ଉପରେ ଧ୍ୟାନ ଦିଅନ୍ତି ନାହିଁ, ବରଂ ଜନସାଧାରଣଙ୍କର ମୌଳିକ ସୁବିଧା ଓ ଭିତ୍ତିଭୂମିର ଉନ୍ନତି କରିବା ପାଇଁ ଆବଶ୍ୟକସ୍ଥଳେ ଋଣ କରିଥାନ୍ତି ।

ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତୀୟ ଅର୍ଥ ବ୍ୟବସ୍ଥା ୬.୫ ପ୍ରତିଶତ ଅଭିବୃଦ୍ଧି ନେଇ ବୃଦ୍ଧି ପାଇବ ବୋଲି ଭାରତୀୟ ରିଜର୍ଭବ୍ୟାଙ୍କ ପୂର୍ବାନୁମାନ କରିଅଛି ଏବଂ ବର୍ଷ ଶେଷବେଳକୁ ୬.୩ ପ୍ରତିଶତ ବିକାଶ ହାର ରହିବ ବୋଲି ଆଶା ଅଛି । ଘରୋଇନିବେଶ, ଦୃଢ଼ ଗ୍ରାମୀଣ ଚାହିଦା, ସରକାର ପୁଞ୍ଜି ବ୍ୟୟ ବୃଦ୍ଧି ଓ ମଜଭୁତ ସେବା କ୍ଷେତ୍ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଲକ୍ଷ୍ୟ ରହିଛି । ଏବେ ରିଜର୍ଭବ୍ୟାଙ୍କ ମଧ୍ୟ ତୃତୀୟ ଥର ପାଇଁ ରେପୋରେଟ୍‌ରେ ହ୍ରାସ ଘଟାଇଅଛି । ଏହାଦ୍ୱାରା ବ୍ୟାଙ୍କମାନେ ପାଇବାକୁ ଥିବା ଆର୍ଥିକ ଫାଇଦାକୁ ଗ୍ରାହକମାନଙ୍କୁ ହସ୍ତାନ୍ତର କରିପାରିବେ । ରେପୋରେଟ୍ ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୫.୫ ପ୍ରତିଶତ ଖସି ଆସିବା ଫଳରେ ଗୃହ, ଗାଡି ଓ ବ୍ୟକ୍ତିଗତ ଋଣର ସୁଧହାର କମି ଶସ୍ତା ହେବ ଏବଂ ଗ୍ରାହକମାନଙ୍କର ମାସିକ କିସ୍ତିଦେୟ ମଧ୍ୟ କମିଯିବ । ପ୍ରକାଶଥାଉକି ରେପୋରେଟ୍ ସେହି ସୁଧହାରକୁ ବୁଝାଏ ଯାହାଦ୍ୱାରା ବ୍ୟାଙ୍କଗୁଡିକ ରିଜର୍ଭବ୍ୟାଙ୍କ ଠାରୁ ଋଣ କରିଥାନ୍ତି । ଅର୍ଥନୀତିରେ ଦେଶର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ରେପୋରେଟର ହ୍ରାସ ବା ବୃଦ୍ଧି କରାଯାଇଥାଏ । ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶର ମୋଟ ଋଣ ପରିମାଣ ୧୮୧.୭୪ଲକ୍ଷ କୋଟି ଥିଲାବେଳେ ଏହା ୨୦୨୫-୨୬ରେ ୧୯୬.୭୯ ଲକ୍ଷ କୋଟି ଅତିକ୍ରମ ହେବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆକଳନ କରିଅଛି । ଅର୍ଥନୈତିକ ବିଶେଷଜ୍ଞମାନେ ଏହା ୨୦୦ ଲକ୍ଷ କୋଟି ଟପିଯିବ ବୋଲି ଆଶଙ୍କା କରିଅଛନ୍ତି । ଏହି ସମୟରେ ବୈଦେଶିକ ଋଣ ପରିମାଣ ୧୦.୭ ପ୍ରତିଶତ ବୃଦ୍ଧି ଘଟି ୭୧୭.୯ ବିଲିୟନ୍ ଡଲାର ହୋଇଅଛି ।

ଋଣ ଓ ଜିଡିପି ଅନୁପାତ ୮୧.୫୯ ପ୍ରତିଶତରେ ଅଛି, ଯାହା ୧୯୮୦ ମସିହାରେ ୬୦.୮୭ ପ୍ରତିଶତ ଥିଲା । ଅର୍ଥ' ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଭାରତର ବୈଦେଶିକ ଋଣ ପରିମାଣ ୬୪୮.୭ ବିଲିୟନ ଡଲାର ଥିଲା ଯାହା ୭୧୭.୯ ବିଲିୟନ ଆମେରିକୀୟ ଡଲାର ହୋଇଛି । ଆମେରିକୀୟ ଡଲାର ବ୍ୟତୀତ, ଜାପାନୀ ୟେନ୍, ଏସ.ଡି.ଆର ଓ ୟୁରୋ ମଧ୍ୟ ଭାରତର ଋଣ କ୍ଷେତ୍ରକୁ ପ୍ରଭାବିତ କରୁଅଛି । ରିପୋର୍ଟ ଅନୁଯାୟୀ ଭାରତ ସରକାରଙ୍କର ମୋଟ ବାହ୍ୟ ଋଣରେ ଅଣ-ଆର୍ଥିକ କର୍ପୋରେସନ୍‌ଗୁଡିକର ବକେୟା ଋଣର ଅଂଶ ୩୬.୫ ପ୍ରତିଶତ ରହିଅଛି । ସେହିପରି ଜମାଗ୍ରହଣକାରୀ କର୍ପୋରେସନ ୨୭.୮ ପ୍ରତିଶତ (କେନ୍ଦ୍ରୀୟ ବ୍ୟାଙ୍କ ବ୍ୟତୀତ), କେନ୍ଦ୍ର ସରକାରଙ୍କର ୨୨.୧ ପ୍ରତିଶତ ଓ ଅନ୍ୟାନ୍ୟ ଆର୍ଥିକ କର୍ପୋରେସନର ୮.୭ ପ୍ରତିଶତ ରହିଅଛି ।

ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତ ଏବେ ବି ନିମ୍ନମଧ୍ୟବିତ୍ତ ଆୟକାରୀ ରାଷ୍ଟ୍ର ଅଟେ । ଦେଶର ମୁଣ୍ଡପିଛା ଆୟରେ ସନ୍ତୋଷଜନକ ଅଗ୍ରଗତି ହେଉନାହିଁ ଓ ଋଣଭାର କ୍ରମେ ବୃଦ୍ଧି ପାଉଛି । ଏଥିପାଇଁ ଅନେକ କାରଣ ଦାୟୀ ଅଟେ । ବ୍ୟକ୍ତିବିଶେଷଙ୍କର ଦାମୀ ଜୀବନ ଶୈଳୀ, ସ୍ୱଳ୍ପ ଆୟ, ବେକାରୀ ସମସ୍ୟା, ପାରିବାରିକ ସମ୍ପର୍କରେ ଫାଟ, ଟଙ୍କା ବା ସମ୍ପତ୍ତିର କୁପରିଚାଳନା, ଅନାବଶ୍ୟକ ଖର୍ଚ୍ଚ, ଉଚ୍ଚ ଚିକିତ୍ସା ଖର୍ଚ୍ଚ, ବେରୋଜଗାର ହେବା ଓ ଶିକ୍ଷାଋଣ ଇତ୍ୟାଦି ବୃଦ୍ଧି ପାଇବା ଯୋଗୁଁ ଋଣ ପରିମାଣ ବୃଦ୍ଧି ଘଟିଥାଏ । ବ୍ୟବସାୟ ଦୃଷ୍ଟିକୋଣରୁ ବିଚାର କଲେ କୁପରିଚାଳନା, ଆପଦକାଳୀନ ପାଣ୍ଠିର ଅଭାବ, ଖର୍ଚ୍ଚବୃଦ୍ଧି, କ୍ଷତି ସହିବା ଓ ବ୍ୟବସାୟ ବନ୍ଦ ପଡିବା ଇତ୍ୟାଦି ଋଣ ବୃଦ୍ଧି କରିଥାଏ । ସରକାରଙ୍କର ଋଣବୃଦ୍ଧି ସେତେବେଳେ ହୁଏ, ଯେତେବେଳେ ସ୍ଥାନୀୟ ଆୟ ପର୍ଯ୍ୟାପ୍ତ ଖର୍ଚ୍ଚ ପାଇଁ ନିଅଣ୍ଟ ପଡେ, ଟିକସ ପରିମାଣ ବୃଦ୍ଧି ନହେବା, ନିୟଣ୍ଟିଆ ବଜେଟ୍ ସୃଷ୍ଟି ହେବା, ଭୁଲ ଅର୍ଥନୈତିକ ପରିଚାଳନା ନିଷ୍ପତ୍ତି, ରାଜନୈତିକ ପ୍ରଭାବ ବୃଦ୍ଧି ପାଇଁ ଭୋଟ୍ ରାଜନୀତି କରି ମାଗଣା ବଣ୍ଟନ ପ୍ରକ୍ରିୟା ଚାଲୁରଖି ଅଧିକ ଋଣ କରି ସୁଧ ଦେବା ଇତ୍ୟାଦି । ଋଣଯନ୍ତାରୁ ମୁକୁଳିବାକୁ ପ୍ରଥମ ସମାଧାନ ହେଉଛି ଏହାକୁ ସ୍ୱୀକାର କରିବା ଓ ଚଳିତ ଋଣକୁ ଶୁଝିବା ପାଇଁ ସୁଧହାର ହ୍ରାସ କରିବା ପାଇଁ ପଦକ୍ଷେପ ନେବା । ପ୍ରକାଶଥାଉକି ସ୍ଥିର ଅବଧି ସଞ୍ଚୟ ଉପରେ ଋଣ କଲେ ଅଳ୍ପସୁଧ ଦେବାକୁ ହୁଏ । ଯଦି ଛୋଟ ଋଣ ଅନେକ ଥାଏ, ସେସବୁକୁ ଗୋଟିଏ ଋଣରେ ପରିଣତ କରି ସୀମିତ ରଖିବା ଉଚିତ୍ ହେବ । ଉଚ୍ଚ ସୁଧଯୁକ୍ତ ଋଣକୁ ଚିହ୍ନଟ କରି ପ୍ରଥମେ ଶୁଝିବା, ଋଣ ଅବଧି ପୂର୍ବରୁ ଶୁଝିବା, ମାସିକ କିସ୍ତି ପରିମାଣ ବୃଦ୍ଧି କରିବା, ଅଧିକ ଋଣ ସୁଧକୁ କମ୍ ସୁଧ ହାରରେ ପରିଣତ କରିବା ଏବଂ ଋଣଦାତାଙ୍କ ସହିତ ଆଲୋଚନା କରି ସ୍ୱଳ୍ପସୁଧହାର ସ୍ଥିର କରିବା ଦ୍ୱାରା ଋଣ ବୃଦ୍ଧିକୁ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ନିୟନ୍ତ୍ରଣରେ ରଖାଯାଇପାରିବ ।

ସର୍ବଦା ବାସ୍ତବତାଠାରୁ ଅଧିକ ଆବଶ୍ୟକତା ରହିଲେ, ଋଣ କଥା ମନକୁ ଆସି ଥାଏ । ଆଜିକାଲି ବ୍ୟାଙ୍କଠାରୁ ଆରମ୍ଭକରି ଅନ୍ୟାନ୍ୟ ଋଣ ପ୍ରଦାନ କରୁଥିବା ସଂସ୍ଥାମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଉଅଛି । କୋହଳ ସର୍ତ୍ତ, ବ୍ୟବସାୟର ଲକ୍ଷ୍ୟ ପୂରଣ ଏବଂ ସମସ୍ତ ପ୍ରକୃତ ନିୟମାବଳୀକୁ ଋଣକର୍ତ୍ତାଙ୍କୁ ପରିପ୍ରକାଶ ନକରି ଋଣ ଅନୁମୋଦନ କରାଇ ଦେଉଅଛନ୍ତି । ମାତ୍ର ଋଣକର୍ତ୍ତାଙ୍କର ପ୍ରଥମ ଭାବନା ଓ କର୍ତ୍ତବ୍ୟ ହେଲା ଋଣଟି କିଭଳି ଉପଯୁକ୍ତ ଭାବରେ ବିନିଯୋଗ କରିହେବ, ନିୟମିତ ସୁଧ ପ୍ରଦାନ ସହିତ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ପରିଶୋଧ କରିପାରିବେ । ଯେତେବେଳେ ଋଣ ପରିମାଣ ଏହାର ପରିଧି ମଧ୍ୟରେ ସୀମିତ ନରହି ନିୟନ୍ତ୍ରଣ ହରାଏ, ସେତେବେଳେ ଋଣଖର୍ଚ୍ଚ ବୃଦ୍ଧିପାଇ ବିଭିନ୍ନ ଆର୍ଥିକ ସମସ୍ୟାମାନ ସୃଷ୍ଟି କରିଥାଏ । ତେଣୁ ଋଣକର୍ତ୍ତା ବୁଝି-ବିଚାରୀ ଠିକ୍ ଭାବରେ ତର୍ଜମା କରି ଋଣ କରିବା ଉଚିତ୍, ଯେପରିକି ଏହା ପରିଧି ମଧ୍ୟରେ ଆବଦ୍ଧ ରହିବ ।

**ଅମଲାପଡା ୨ୟ ଲେନ୍, ଅନୁଗୁଳ**
**ମୋ-୯୪୩୭୩୩୪୦୦୮**

**ରେପୋରେଟ୍ ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୫.୫ ପ୍ରତିଶତ ଖସି ଆସିବା ଫଳରେ ଗୃହ, ଗାଡି ଓ ବ୍ୟକ୍ତିଗତ ଋଣର ସୁଧହାର କମି ଶସ୍ତା ହେବ ଏବଂ ଗ୍ରାହକମାନଙ୍କର ମାସିକ କିସ୍ତିଦେୟ ମଧ୍ୟ କମିଯିବ । ପ୍ରକାଶଥାଉକି ରେପୋରେଟ୍ ସେହି ସୁଧହାରକୁ ବୁଝାଏ ଯାହାଦ୍ୱାରା ବ୍ୟାଙ୍କଗୁଡିକ ରିଜର୍ଭବ୍ୟାଙ୍କ ଠାରୁ ଋଣ କରିଥାନ୍ତି । ଅର୍ଥନୀତିରେ ଦେଶର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ରେପୋରେଟର ହ୍ରାସ ବା ବୃଦ୍ଧି କରାଯାଇଥାଏ ।**

# କୃଷିଭିତ୍ତିକ ପର୍ବ: ନୂଆଁଖାଇ



**ଦଶରଥ ହେମ୍ବ୍ରମ୍**

ଓଡ଼ିଶାର ପଶ୍ଚିମାଞ୍ଚଳର ପ୍ରଧାନ ପର୍ବ ହେଉଛି ନୂଆଁଖାଇ । ଏହାକୁ କୃଷିଭିତ୍ତିକ ପର୍ବ ରୂପେ ଗ୍ରହଣ କରାଯାଏ । କେଉଁ ଆଦିମକାଳରୁ ଏହା ପ୍ରଚଳିତ, ତାହାର କୌଣସି ନିର୍ଦ୍ଦିଷ୍ଟ ଲିପିବଦ୍ଧ ଦସ୍ତାବିଜ୍ ନାହିଁ ବୋଲି ଅନେକ ଗୁଣିଜ୍ଞାନୀଙ୍କ ମୁଖରୁ ଶୁଣାଯାଏ। ତଥାପି ସମ୍ବଲପୁରର ଇତିହାସକୁ ଦେଖିଲେ ଜଣାଯାଏ, ଯେତେବେଳେ ୧୫୦୦ ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ଚୌହାନ ବଂଶୀୟ ଶାସକ ସମ୍ବଲପୁରକୁ ଆଗମନ କଲେ, ସେହି ସମୟରୁ ରାଜାମାନେ ମା' ସମଲେଶ୍ୱରୀଙ୍କୁ ଇଷ୍ଟ ଦେବୀ ରୂପେ ଗ୍ରହଣ କରିବା ସହ ନୂଆଖାଇ ପର୍ବକୁ ପାଳନ କରିଥିଲେ ।

ସେହି ସମୟରେ ଭିନ୍ନ ଭିନ୍ନ ରାଜ୍ୟର ରାଜାମାନେ ଏହାକୁ ବିଭିନ୍ନ ଦିନ ବା ତିଥିରେ ପାଳନ କରିବାକୁ ଆରମ୍ଭ କରିଲେ । ସେହି ଦିନଠାରୁ ଏହି ନୂଆଁଖାଇ ପର୍ବ ଚାଲି ଆସିଛି ବୋଲି ବିଶ୍ୱାସ କରାଯାଏ । ପରବର୍ତ୍ତୀ ସମୟରେ ଏହା ପଶ୍ଚିମ ଓଡ଼ିଶାର ଗଣପର୍ବ ନାମରେ ଖ୍ୟାତି ଲାଭ କଲା । ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳନ ନ ହୋଇ କେବଳ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳନ ହେବାର ପରମ୍ପରା ଓ ସଂସ୍କୃତି ରହିଥିଲା । ପଶ୍ଚିମ ଓଡ଼ିଶାର ଗଣପର୍ବ କିମ୍ବା ସାମାଜିକ କୃଷିଭିତ୍ତିକ ପର୍ବ ତଥା ମୁଖ୍ୟ ପର୍ବ ହୋଇଥିବାରୁ ସେହି ସମୟରେ ଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମଗ୍ର ଓଡ଼ିଶାରେ ଛୁଟିର ଘୋଷଣା କରିଥିଲେ । ଏହାକୁ କେନ୍ଦ୍ରକରି ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତା କରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ଦିନରେ ନୂଆଁଖାଇ ପାଳନ କରିବାକୁ ସ୍ଥିର କରାଯାଇଥିଲା । ସେହିବର୍ଷ ଠାରୁ ପ୍ରତ୍ୟେକ ବର୍ଷ ଗୋଟିଏ ଦିନରେ ନୂଆଁଖାଇ ପର୍ବ ପାଳନ ହୋଇଆସୁଛି ।

ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନ୍ୟ ରାଜ୍ୟ ଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ତେଣୁ କୁହାଯାଏ, ବାରମାସରେ ତେର ପର୍ବ ଓଡ଼ିଶାରେ ପାଳନ ହୁଏ । ଜୀବନରେ ଯେତେ ଦୁଃଖ, କଷ୍ଟ ଓ ଯନ୍ତ୍ରଣାରେ ମଣିଷ ପରିପୂର୍ଣ୍ଣ ଥାଉ ନା କାହିଁକି ପର୍ବପର୍ବାଣି ଆଗମନ ହେଲେ ସେହି ମଣିଷଟି ଖୁବ୍ ଉତ୍ସାହ ଏବଂ ଆନନ୍ଦରେ ପାଳନ କରିଥାଏ । ତେବେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ନୂଆଁଖାଇ ପର୍ବ ସ୍ୱତନ୍ତ୍ର । ନୂଆଁଖାଇ ପର୍ବ ପାଳନ କରିବା ପୂର୍ବରୁ ଲୋକମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ମନରେ ଭରି ରହିଥାଏ । ଏହି ଅବସରରେ ଧନୀ ଅବା ଗରିବ ହେଉ ସମସ୍ତେ ନିଜ ନିଜର ଘରଦ୍ୱାର ସଜାନ୍ତି । ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ନୂଆ ନୂଆ ଜିନିଷ କିଣାବିକାରେ ବ୍ୟସ୍ତ ହୁଅନ୍ତି ।

ପଶ୍ଚିମ ଓଡ଼ିଶାର ଅଧିବାସୀମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରନ୍ତି । ତେଣୁ ମାଟି ଓ ମଣିଷ ମଧ୍ୟରେ ଯେଉଁ ଅତୁଟ ସମ୍ପର୍କ ରହିଛି, ସେହି ସଂପର୍କରୁ ଜାତ ଏହି କୃଷିଭିତ୍ତିକ ପର୍ବ ନୂଆଁଖାଇ । ଠିକ୍ ବର୍ଷାଋତୁ ଶେଷହେବା ପରେ ପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷଜମିରେ ଧାନ ବେଉଷଣ କାର୍ଯ୍ୟ ଆରମ୍ଭ ହୁଏ, ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀ ପ୍ରଥମ କରି ଅମଳକ୍ଷମ ଧାନକୁ ପରମ୍ପରା ଅନୁସାରେ ପ୍ରଥମେ ଅଧିଷ୍ଠାତ୍ରୀ ଦେବୀ ମାଆ ସମଲେଇଙ୍କ ପାଖରେ ନବାନ୍ନ ଲାଗିହେଲା ପରେ ପରିବାରର ସମସ୍ତେ ଏକାଠି ବସି ନବାନ୍ନ ଖାଇଥାନ୍ତି । ଏଠି କହିରଖେଁ ଯେ, କେବଳ ଧାନ ହିଁ ନବାନ୍ନ ମଧ୍ୟରେ ଯେ ସୀମିତ ତାହା ନୁହେଁ ପ୍ରତିଟି ଶସ୍ୟର ନୂଆ ଫସଲକୁ ନିଜ ଇଷ୍ଟ ଦେବାଦେବୀଙ୍କୁ ସମର୍ପଣ କରିସାରିବା ପରେ ଲୋକମାନେ ବ୍ୟବହାର କରିଥାନ୍ତି । ସେହି କୃଷିଜାତ ଅନ୍ନର ମହତ୍ତ୍ୱକୁ ନେଇ କେଉଁ ଆବହମାନ କାଳରୁ ଏହି ନୂଆଁଖାଇ ପର୍ବ ସମଗ୍ର ପଶ୍ଚିମ ଓଡ଼ିଶାରେ ପାଳନ କରିବାର ଧର୍ମୀୟ ବିଶ୍ୱାସ, ବିଧି ଓ ପରମ୍ପରା ରହିଆସିଛି, ତାହା ଅଞ୍ଚଳବାସୀ ହିଁ କହିପାରିବେ । ତେବେ ନୂଆଁଖାଇ ପାଳନ ପୂର୍ବରୁ ଦେଶର ବିଭିନ୍ନ ଅଞ୍ଚଳରେ ଏବଂ ବିଦେଶରେ ରହୁଥିବା ଲୋକମାନେ ନବାନ୍ନ ଦିନ ଘରେ ଉପସ୍ଥିତ ହୁଅନ୍ତି । ଯେଉଁମାନେ ଏହି ଦିନରେ ଆସି ନପାରନ୍ତି, ସେମାନେ ରହୁଥିବା ସ୍ଥାନରେ ନୂଆଁଖାଇ ପାଳନ କରିବାରେ ସାମାଜିକ ସ୍ୱୀକୃତି ରହିଛି । ନୂଆଁଖାଇ ପରଦିନ ନୂଆଁଖାଇ ବାସି ପାଳନ କରାଯାଏ । ଏହିଦିନ ଧୂମଧାମରେ ଭୋଜିଭାତ ମାଧ୍ୟମରେ ବନ୍ଧୁମିଳନ ହୁଏ, ଯାହାକୁ ନୂଆଁଖାଇ ଭେଟଘାଟ କୁହାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୁଏ । ମାତ୍ର ସମସ୍ତେ ନୂଆ ପୋଷାକ ପିନ୍ଧିବାର ପରମ୍ପରା ରହିଥିବାବେଳେ ସମ୍ବଲପୁରୀ ପୋଷାକ ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ନୂଆଁଖାଇ ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । ଏହି ପର୍ବରେ ଦେଖିବାକୁ ମିଳିଥାଏ ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବଗତର ଝଲକ । ସାମାଜିକ ବନ୍ଧନର ଗୁରୁତ୍ୱ ସହ ଲୋକଙ୍କ ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରେ । ଏଥିରେ ଜାତି-ଅଜାତି, ଉଚ୍ଚ ନୀଚର ଭେଦଭାବ ନଥାଏ । ବାଦ-ବିବାଦ, ମାନ-ଅଭିମାନ, ରାଗ-ରୁଷା ଭୁଲି ନୂଆଁଖାଇ ପର୍ବ ଆନନ୍ଦ ଉତ୍ସାହରେ ସମସ୍ତେ ପାଳନ କରିଥାନ୍ତି । ତେଣୁ ଏହାହିଁ ଶିଖାଇଥାଏ ଯେ, ଗଣପର୍ବ ନୂଆଖାଇର ଐକ୍ୟ, ଭ୍ରାତୃଭାବ, ତ୍ୟାଗପୂତ ଭାବନା, ମିଳନ ଓ ବିଶ୍ୱାସର ଅତୁଟ ବନ୍ଧନ, ସଂପର୍କ ଓ ପ୍ରତିବଦ୍ଧତା, ପରଆପଣାର ଊର୍ଦ୍ଧ୍ୱରେ ସମସ୍ତଙ୍କୁ ଆପଣେଇ ନେବାର ଶାନ୍ତି, ମୈତ୍ରୀ ଓ ସଂହତିର ବାର୍ତ୍ତା।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ -୯୩୩୭୪୦୪୨୫୪**

# ଷଠିଓଷାର ମହତ୍ତ୍ୱ

**ସନ୍ତୋଷ କୁମାର ଦାଶ**

ଭାଦ୍ରବ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଆମ ଓଡ଼ିଆଙ୍କ ଘରେ ଘରେ ପାଳିତ ହୋଇଥାଏ ଷଠିଓଷା । ନିଜ ନିଜ ସନ୍ତାନସନ୍ତତିଙ୍କ ଦୀର୍ଘାୟୁ କାମନା କରି ଓଡ଼ିଆ ଘରର ମା' ମାନେ ଏହି ଓଷା ପାଳନ କରିଥାନ୍ତି । ପୁରାଣ ବର୍ଣ୍ଣନା ଅନୁସାରେ ଦେବୀ ଷଷ୍ଠୀ ହେଉଛନ୍ତି ଦେବତାଙ୍କ ସେନାପତି ପ୍ରଭୁ କାର୍ତ୍ତିକେୟଙ୍କ ପତ୍ନୀ । ଦେବୀ ଷଷ୍ଠୀଙ୍କୁ କୌମାରୀ ନାମରେ ମଧ୍ୟ ପୂଜା କରାଯାଇଥାଏ । ଆମ ଓଡ଼ିଆ ଘରେ ଏକ ପରମ୍ପରା ରହିଛି । ସନ୍ତାନଟିଏ ଜନ୍ମ ହେବାର ଷଷ୍ଠ ଦିବସ ଦିନ ଘରର କାନ୍ଥରେ କଉଡ଼ିରେ ଷଷ୍ଠୀଦେବୀଙ୍କୁ ସ୍ଥାପନା କରାଯିବା ପରେ ବନ୍ଦାପନା କରାଯାଇ ପୂଜା କରାଯାଇଥାଏ । ଦେବୀ ଷଷ୍ଠୀ ପ୍ରସନ୍ନ ହେଲେ ସନ୍ତାନଟି ଦୀର୍ଘଜୀବୀ ହୁଏ ବୋଲି ବିଶ୍ୱାସ ରହିଛି । ଏହାକୁ ଜନ୍ମ ଷଷ୍ଠୀ ପୂଜା କୁହାଯାଇଥାଏ । କିନ୍ତୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଘରର ଏକ କୋଣରେ ଶିଳ ଓ ଶିଳପୁଆକୁ ଥୁଆଯାଇ ତା' ଦେହରେ ହଳଦୀ, ସିନ୍ଦୂର ବୋଳା ଯାଇ, କଉଡ଼ି, ଶଙ୍ଖା ଲଗାଯାଇ ଷଷ୍ଠୀ ଦେବୀଙ୍କ ସ୍ଥାପନା କରାଯାଇଥାଏ ।

ସାରୁ, ବଜ୍ରମୂଳୀ, ଅପମାରଙ୍ଗ, ବାଉଁଶ, ବରକୋଳି ଓ ଓଲୁଅ ପ୍ରଭୃତି ପାଞ୍ଚ ପ୍ରକାରର ଡାଳକୁ ଷଷ୍ଠୀଦେବୀଙ୍କ ପାଖରେ ଲାଗି କରାଯାଇଥାଏ । ଦେବୀଙ୍କ ପାଖରେ ଏକ ପୂର୍ଣ୍ଣ କୁମ୍ଭ ବସା ଯାଉଥିବାବେଳେ ଗଜି ଗୁଆ,ସିନ୍ଦୁର ଫରୁଆ, କଜଳପାତି ରଖା ଯାଇଥାଏ । ଦେବୀ ସ୍ଥାପନା ଶେଷ ହବା ପରେ ଘରର ମା' ମାନେ ଘରେ ରୋଷେଇ ହୋଇଥିବା ଭାତ, ଡାଲି,ମାଛ ଭଜା, ଚକୁଳି ପିଠା ଓ ଦୁଇ ପ୍ରକାର ସାଧା ତରକାରୀ ଏହିପରି ୬ ପ୍ରକାରର ବ୍ୟଞ୍ଜନକୁ ଷଷ୍ଠୀ ଦେବୀଙ୍କୁ ପୂଜା ଲାଗି କରିଥାନ୍ତି ।

ଭୋଗ ଲାଗି ପରେ ମହିଳାମାନେ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳ ଓ ଦୀପରେ ଦେବୀଙ୍କୁ ବନ୍ଦାପନା କରିଥାନ୍ତି । ରାତିରେ ଦେବୀଙ୍କ ପାଖରେ ଲାଗି ହୋଇ ପୂଜା ହୋଇଥିବା ପାଞ୍ଚ ପ୍ରକାର ଡାଳକୁ ଏକତ୍ର ଧରି ନିଜ ନିଜ ସନ୍ତାନ ସନ୍ତତିଙ୍କ ପିଠିକୁ ମା' ଙ୍କ ଆଶୀର୍ବାଦ ମିଳୁ ବୋଲି କହି ବାଡ଼େଇ ଥାନ୍ତି । ଏହାକୁ ଷଠିବାଡ଼ିଆ ବୋଲି କୁହାଯାଇଥାଏ । ଏହାଦ୍ୱାରା ସନ୍ତାନ ସନ୍ତତିମାନଙ୍କ ସମସ୍ତ ଗ୍ରହ ଦୋଷ, ରିଷ୍ଟ ଖଣ୍ଡନ କରି ଷଷ୍ଠୀ ଦେବୀ ସମସ୍ତଙ୍କୁ ଦୀର୍ଘାୟୁ କରିଥାନ୍ତି, ବୋଲି ବିଶ୍ୱାସ ରହିଛି । ତହିଁ ଆର ଦିନ ଶିଳ ଓ ଶିଳ ପୁଆରେ ଲଗାଯାଇ ଥିବା ହଳଦୀ, ସିନ୍ଦୂର, ଶଙ୍ଖା, କଉଡ଼ି ଓ ସମସ୍ତ ପୂଜା ସାମଗ୍ରୀକୁ ପୋଖରୀ ଅଥବା ନଦୀ ଜଳରେ ବିସର୍ଜନ କରାଯାଏ । ଷଠି ଓଷା ଆମ ଓଡ଼ିଆ ପରିବାରରେ ଏକ ସୁନ୍ଦର ପର୍ବ ଭାବେ ପାଳିତ ହୋଇଆସୁଛି କାହିଁ କେତେ କାଳରୁ ।

**ତୁଳସୀପୁର, ପୁରୀ**
**ମୋ-୯୪୩୯୩୬୧୮୮୮**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୦%...

ପ୍ରଭାବ ପଡ଼ିଛି । ୨୦୨୫ ଏପ୍ରିଲରେ ୧୦% ଶୁଳ୍କ ଲାଗୁ ହେବାପରେ ଏହାର ପ୍ରଭାବ ଧୀରେ ଧୀରେ ଅନୁଭୂତ ହୋଇଥିଲା । ଭାରତରୁ ପଲିସ ହୋଇ ଯାଉଥିବା ପ୍ରକୃତ ହୀରାଗୁଡ଼ିକର ଆମେରିକାରେ ଅଧିକ ଚାହିଦା ରହିଛି । ଜୁଲାଇ ମାସରୁ ଏହି ବ୍ୟବସାୟୀମାନେ ତାଙ୍କ ଉତ୍ପାଦନକୁ ହ୍ରାସ କରିଛନ୍ତି । ଅଗଷ୍ଟରେ ଆଶା କରାଯାଉଥିଲା ପାର୍ବଣ ଋତୁ ଥିବାରୁ ଆମେରିକାରେ ଏହାର ଚାହିଦା ବଢ଼ିବ । ମାତ୍ର ଅତ୍ୟଧିକ ଶୁଳ୍କ ଯୋଗୁ ଏହି ଘରୋଇ ଶିଳ୍ପଗୁଡ଼ିକର କ୍ଷତି ହେବ । ଏହି ଶୁଳ୍କ ଯୋଗୁ ହୀରା ଶିଳ୍ପର ଭବିଷ୍ୟତ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜୁଲାଇରେ ୪୮% ରପ୍ତାନୀ ହ୍ରାସ ହୋଇଥିବା ସୂଚନା ମିଳିଛି ।

## ଏବେବି...

ପାଲ୍ଲୁନିବାସ ନିକଟରେ ଦବିଛି ଜାତୀୟ ରାଜପଥର କଲଭର୍ଟ । ବେଶି ପ୍ରଭାବିତ ହୋଇଛନ୍ତି ଗୃହପାଳିତ ପଶୁ । ବନ୍ୟାର ୫ଦିନ ପରେ ଜିଲା ପ୍ରଶାସନ ଅଧିକାରୀ ବନ୍ୟାଞ୍ଚଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦୀ ଥିବା ବିପନ୍ନଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଉଥିଲେ ମଧ୍ୟ ବହୁ ବିପନ୍ନ ଖାଦ୍ୟ ଗ୍ରହଣ ନକରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପାଣି ଛାଡ଼ି ଯାଉ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ କହିଛନ୍ତି ଉତ୍ତର ଜିଲାପାଳ ବିଲାପ ରାଉତରାୟ ।

## ଜମ୍ମୁ...

ସ୍ଥିତ ହସ୍ପିଟାଲ ଯାଇ ଚିକିତ୍ସିତ ହେଉଥିବା ୧୩ ଜଣଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି । ଅଦ୍ଧକୁଆଁରୀ ଠାରେ ବାଦଲଫଟା ବର୍ଷା ଯୋଗୁ ଶ୍ରଦ୍ଧାଳୁମାନେ ଫସି ଯାଇଥିଲେ । ଏହା ଏକ ହୃଦୟ ବିଦାରକ ପ୍ରାକୃତିକ ବିପର୍ଯ୍ୟୟ ଥିଲା । ସମସ୍ତ ସହାୟତା ପରିବାରବର୍ଗଙ୍କୁ ଯୋଗାଇ ଦିଆଯାଉଛି । ୯ ଲକ୍ଷ ଟଙ୍କା ଲେଖାଏଁ ଅତିରିକ୍ତ ସହାୟତା ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଛି । ତେବେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ପ୍ରଶ୍ନ ଉଠାଇଛନ୍ତି ଯେ ଖରାପ ପାଗର ସୂଚନା ସତ୍ତ୍ୱେ ବି କାହିଁକି ବୈଷ୍ଣୋଦେବୀ ଯାତ୍ରାକୁ ବନ୍ଦ କରାଗଲାନାହିଁ । ଆମେ ପାଣିପାଗ ବିଷୟରେ ଜାଣିଥିଲେ । ଆମେ ଆଗୁଆ ପଦକ୍ଷେପ ନେଇଥିଲେ କିଛି ଜୀବନ ବଞ୍ଚାଯାଇଥାନ୍ତା । ସେମାନଙ୍କୁ ପୂର୍ବରୁ କାହିଁକି ନିରାପଦ ସ୍ଥାନକୁ ନିଆଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଭୂସ୍ଖଳନ ଯୋଗୁ ଅଧା ମାର୍ଗରେ ଶ୍ରଦ୍ଧାଳୁମାନେ ଫସି ଯାଇଥିଲେ । ପୁରୁଣା ରାସ୍ତା ଦେଇ କାହିଁକି ଯିବାକୁ ଅନୁମତି ଦିଆଗଲା ।

## ଆସିବେ...

ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରୀ ବିଦ୍ୟା, ହସ୍ତଶିଳ୍ପ ସଂପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଉଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ନୃତ୍ୟ-ସଂଗୀତ, ଚାରୁକଳା, କାରୁକଳା ସହିତ ଆଗନ୍ତୁକମାନଙ୍କୁ ପରିଚିତ କରାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଅତିଥିମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, କୋଣାର୍କ, ଜନଜାତି ସଂଗ୍ରହାଳୟ ଆଦି ବୁଲାଇ ଦେଖାଇବାର ମଧ୍ୟ ବ୍ୟବସ୍ଥା କରାଯାଉଛି । ଏହି ସମ୍ମିଳନୀରେ ଭିନ୍ନ ଭିନ୍ନ ରାଜ୍ୟରେ ରହିଥିବା ସଂସଦୀୟ ପରମ୍ପରା, କଲ୍ୟାଣମୂଳକ କାର୍ଯ୍ୟ ସଂପର୍କିତ ଭାବର ଆଦାନପ୍ରଦାନ ହେବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ । ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ, ବୁଦ୍ଧିଜୀବୀ, ଯୁବବର୍ଗ, ଛାତ୍ରସମାଜ, ନିର୍ବାଚିତ ପ୍ରତିନିଧି, ସମାଜସେବୀଙ୍କ ମନରେ ଏହି ସମ୍ମିଳନୀ ଜାଗରଣ ସୃଷ୍ଟି କରିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ବାଚସ୍ପତି ଆଶା ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ମଧ୍ୟ ଏହି ସମାବେଶକୁ ସମ୍ବୋଧିତ କରିବେ । ସଂସଦ ଏବଂ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ ।

ଉଦଘାଟନୀ ଅଧିବେଶନରେ ଓଡ଼ିଶା ବିଧାନସଭାର ବାଚସ୍ପତି ସ୍ୱାଗତ ଭାଷଣ ପ୍ରଦାନ କରିବାକୁ ଥିବାବେଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ ।

ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଯୋଗଦେବେ । ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା' ।

୨୦୨୫ ଅଗଷ୍ଟ ୩୦ ତାରିଖ ଦିନ ଉଦଯାପନୀ ଉତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ବୋଧନ ଦେବେ । ଓଡ଼ିଶା ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଭାସ୍କର ମଢ଼େଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ ।

ଏହି ସମ୍ମିଳନୀରେ ସାମ୍ବିଧାନିକ ସୁରକ୍ଷାକୁ ସୁଦୃଢ଼ କରିବା, ସାମାଜିକ-ଆର୍ଥିକ ବିକାଶକୁ ବୃଦ୍ଧି କରିବା ଏବଂ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗ୍ରହଣ କରିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବ । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ସାକାର କରିବାର ଦୃଷ୍ଟିକୋଣ ସହିତ କଲ୍ୟାଣକାରୀ ନୀତିଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ ।

ସୂଚନାଯୋଗ୍ୟ ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ପ୍ରଥମ ସମ୍ମିଳନୀ ୧୯୭୬ ମସିହାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ପରେ, ୧୯୭୯, ୧୯୮୩, ୧୯୮୭ ଏବଂ ୨୦୦୧ ରେ କ୍ରମାଗତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ କଲ୍ୟାଣ ଏବଂ ସାମ୍ବିଧାନିକ ସୁରକ୍ଷାର ବିବିଧ ଦିଗ ଉପରେ ଏହି ସମ୍ମିଳନୀମାନଙ୍କରେ ଆଲୋଚନା ହୋଇ ନିଷ୍ପତ୍ତି ନିର୍ଦ୍ଧାରଣ କରାଯାଇଥିଲା । ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଏପରି ସମ୍ମିଳନୀ ଆୟୋଜନ କରାଯାଉଛି । ଏହି ସାମ୍ବିଧିକ ସମ୍ମିଳନୀରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ ।

## ଦିନରେ...

ଦେବବ୍ରତ ଘରକୁ ଫେରି ଦେଖନ୍ତି ତ ସବୁ କବାଟ ଖୋଲା ହୋଇଛି ଓ ଘର ଭିତରେ ଜିନିଷପତ୍ର ଛିନ୍ନଛତ୍ର ହୋଇପଡ଼ିଛି । ଶୋଇବା ଘର ଭିତରେ ଥିବା ଆଲମିରାରେ ଥିବା ୩ଲକ୍ଷ ଟଙ୍କା ଓ ୫ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ସେ ଜାଣିବା ପରେ ଭରତପୁର ଥାନାରେ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଅଭିଯୋଗ କରିଥିଲେ ।

ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲା । ଡିସିପି ଜଗମୋହନ ମିନାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଗୁଇନା ତଥ୍ୟକୁ ଆଧାର କରି ଯୁବ ପ୍ରବଚକ ମନୋଜ କୁମାର ସିଂ (୪୨)କୁ ଗିରଫ କରିଛି । ମନୋଜ ଘର କଟକ ଜିଲ୍ଲା ବିରିବାଟି ନିକଟ ଖଣ୍ଡପଡ଼ା ଗ୍ରାମରେ । ସେ ଗିରଫ ହେବା ପରେ ତା'ଠାରୁ ଭିଡିଓ ସୁନା ବନ୍ଧକ ରଖୁଥିବା ଦୋକାନରୁ ସୁନା ଗହଣା ଜବତ କରାଯାଇଛି । ଏଥିସହ ତା' ନିକଟରୁ ନଗଦ ଟଙ୍କା ଜବତ ହୋଇଛି । ଜବତ ଗହଣା ମଧ୍ୟରେ ସୁନାହାର ଠାରୁ ଆରମ୍ଭ କରି କାନଫୁଲ, ହାତଚୁଡ଼ି ଓ ବିଭିନ୍ନ ପ୍ରକାର ଅଳଙ୍କାର ଥିବା ସାମ୍ବାଦିକ ସମ୍ମିଳନୀରେ କମିଶନର କହିଛନ୍ତି । ଦିନବେଳା ଶୁଭଶ୍ରୀ ପରିବାର ଘରେ ଅନୁପସ୍ଥିତ ଥିବା ପାଟ୍ରୋଲିଂ କରି ଅଭିଯୁକ୍ତ ପ୍ରବଚକ ମନୋଜ ଜାଣିବା ପରେ ଲୁହା ରଡରେ କବାଟ ତାଲା ସବୁ ଲୁଟିନେଇ ଖସିଯାଇଥିଲା ।

ପୋଲିସ କମିଶନରଙ୍କ ସହ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଓ ଡିସିପି ଉପସ୍ଥିତ ଥିଲେ । ଚୋରି ମାମଲାରେ ପ୍ରବଚକ ଗିରଫ ହେବା କମିଶନରେଟ୍ ପୋଲିସ ଇତିହାସରେ ପ୍ରଥମ ଘଟଣା । ସେ କିପରି ଅପରାଧ ଓ ଅପରାଧୀଙ୍କ ଉପରେ ପ୍ରବଚନ ଦେଉଛି ତାହା ସାମ୍ବାଦିକ ସମ୍ମିଳନୀରେ ପୋଲିସ ଶୁଣାଇଥିଲା । କ'ଣ କଲେ ଅପରାଧ ରୋକାଯାଇ ପାରିବ ତାହା ମଧ୍ୟ ସେ ପ୍ରବଚନରେ କହୁଛି । ଅପରାଧରେ ପ୍ରବେଶ କରିବା ସହଜ ହେଲେ ଅପରାଧରୁ ମୁକୁଳିବା ସହଜସାଧ୍ୟ ନୁହେଁ ବୋଲି ଖୋଦ ପ୍ରବଚକ ମନୋଜ କହିଛି । ମନୋଜ ନାଁରେ ୧୦ଟି ଚୋରି ମାମଲା ଥିବା ପୋଲିସ କମିଶନର କହିଛନ୍ତି । ନୟାପଲ୍ଲୀରେ ୬ଟି, ଚନ୍ଦ୍ରଶେଖରପୁରରେ ୨ଟି, ତମାଣ୍ଡୋରେ ଗୋଟିଏ ଓ ନୟାଗଡ ଟାଉନ ଥାନାରେ ଗୋଟିଏ ମାମଲା ଥିବା ଜଣାପଡ଼ିଛି । ଗିରଫ ଭଣ୍ଡ ପ୍ରବଚକ ମନୋଜକୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## କେନ୍ଦ୍ର...

ଯେତେବେଳେ ନିଷ୍ପତ୍ତି ନିଆଯାଏ ତାହା ଦୀର୍ଘ ସମୟ ପାଇଁ ନିଆଯାଏ ବୋଲି ସେ କହିଛନ୍ତି । ତେବେ ଆରଏସ୍‌ଏସ୍ ମୁଖ୍ୟଙ୍କ ଏଭଳି ମନ୍ତବ୍ୟ ସେତିକିବେଳେ ଆସିଛି ଯେତେବେଳେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ପରେ କିଏ ମୁଖ୍ୟ ହେବେ ତାହା ସ୍ଥିର ହୋଇପାରୁନାହିଁ । ଦୁଇ ବର୍ଷ ହେଲାଣି ତାଙ୍କ କାର୍ଯ୍ୟକାଳ ସରିଲାଣି । ଦଳୀୟ ସୂତ୍ରରୁ ଥିବା ସୂଚନା ଅନୁଯାୟୀ ତାଙ୍କୁ ପରିବର୍ତ୍ତନ କରାଯିବ । ମାତ୍ର ଏବେ ସେ ସଂଗଠନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଶ୍ରୀ ଭଗବତ କହିଛନ୍ତି ଯେ ଏମିତି ଅନେକ ଘଟଣା ଅଛି ଯେଉଁମାନେ ଆରଏସ୍‌ଏସ୍‌କୁ ବିରୋଧ କରୁଥିଲେ ସେମାନେ ତାଙ୍କର ଭୂମିକା ବଦଳାଇଛନ୍ତି । ଜୟପ୍ରକାଶ ନାରାୟଣଙ୍କ ଠାରୁ ପ୍ରଣବ ମୁଖାର୍ଜୀଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ମତରେ ପରିବର୍ତ୍ତନ ଆଣିଛନ୍ତି ।

# ପ୍ରଧାନମନ୍ତ୍ରୀ, ତାଙ୍କ ମା'ଙ୍କ ପ୍ରତି ଅଶିଷ୍ଟ ଟିପ୍ପଣୀ ଦୁର୍ଭାଗ୍ୟଜନକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବିହାରରେ ରାହୁଲ ଗାନ୍ଧିଙ୍କ ଏକ ରାଜନୈତିକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସ୍ୱର୍ଗତଃ ମାତାଙ୍କ ପ୍ରତି ଅଭଦ୍ର ଓ ଅଶିଷ୍ଟ ଟିପ୍ପଣୀ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ୍ ମିଡିଆରେ ଉଲ୍ଲେଖ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଏହା ରାହୁଲ ଗାନ୍ଧି ଏବଂ ତାଙ୍କ ସହଯୋଗୀ ଦଳମାନଙ୍କର ହୀନ ମାନସିକତାର ପରିଚୟ । ଏଭଳି କଦର୍ଯ୍ୟ ଚିନ୍ତାଧାରା କେବଳ କଂଗ୍ରେସ ଓ ତାଙ୍କ ଦଳର ନେତାମାନଙ୍କ ପାଖରେ ଦେଖିବାକୁ ମିଳେ । ଦେଶକୁ ଜଣେ ଯଶସ୍ୱୀ ପୁତ୍ର ପ୍ରଦାନ କରିଥିବା ଦେବୀ ସଦୃଶ ଜଣେ ମହିଳାଙ୍କ ପ୍ରତି ଏଭଳି ଅଭଦ୍ର ଭାଷା ପ୍ରୟୋଗ ଦୀର୍ଘ ୬୦ ରୁ ୭୦ ବର୍ଷ ଧରି କ୍ଷମତା ଏବଂ ତାଙ୍କ ସହଯୋଗୀ ଦଳର ନିଜ ହତାସା ଓ ହୀନମାନ୍ୟତାର ପରିଚୟ । ଦେଶବାସୀ ଏହାକୁ ବରଦାସ୍ତ କରିବେ ନାହିଁ । ଏହାର ଉଚିତ ଜବାବ୍ ଦେବେ ବୋଲି ସେ ଉଲ୍ଲେଖ କରିଛନ୍ତି ।

# ୧୧୯ ବର୍ଷରେ ଟାଟା ଷ୍ଟିଲ୍

ଭୁବନେଶ୍ୱର, : ୧୯୦୭ ମସିହା ଅଗଷ୍ଟ ୨୬ ସେତେବେଳେର ଅବିଭକ୍ତ ଓଡ଼ିଶା-ବିହାର-ବେଙ୍ଗଲରେ ଥିବା ସାକଚିଠାରେ ଏକ ବଳିଷ୍ଠ ସ୍ୱପ୍ନର ଭିତ୍ତିପ୍ରସ୍ତର ସ୍ଥାପନହୋଇଥିଲା । ତାହା ଥିଲା ଏକ ଇସ୍ପାତ କାରଖାନା, ଟାଟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନି(ଟିସ୍କୋ) । ଦୂରଦର୍ଶୀ ଉଦ୍ୟୋଗପତି ଜାମସେଟଜୀ ନୁସେରଓ୍ୱାନଜୀ ଟାଟା (ଜେ ଏନ୍ ଟାଟା) ଙ୍କମାନସ ସନ୍ତାନ ଥିଲା ଏହି ଇସ୍ପାତ କାରଖାନା । ଏହା କେବଳ ଇସ୍ପାତ ଯୋଗାଇ ନଥିଲା, ବରଂ ଏକ ଯୁବ ରାଷ୍ଟ୍ରର ମେରୁଦଣ୍ଡକୁ ଶକ୍ତିଶାଳୀ କରିଥିଲା । ଆଜି ଟାଟା ଷ୍ଟିଲ୍ ନିଜର ୧୧୯ତମପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଏହା ଶିଳ୍ପ ଉତ୍କର୍ଷତା ଏବଂ କର୍ପୋରେଟ୍ ନାଗରିକତାର ଏକ ଆଦର୍ଶ ଭାବରେ ପ୍ରତିଷ୍ଠିତ ହୋଇଛି ଯାହା ଏହାର ପ୍ରତିଷ୍ଠାତାଙ୍କ ଦୃଷ୍ଟିକୋଣକୁପ୍ରତିଫଳିତ କରୁଛି ।ଜେ ଏନ୍ ଟାଟା ଯେତେବେଳେ ପ୍ରଥମେ ଭାରତରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଚିନ୍ତା କରିଥିଲେ, ତାହା ସେହି ସମୟ ତୁଳନାରେ ଆଗୁଆ ସ୍ୱପ୍ନ ଥିଲା । ୧୯୦୭ ମସିହାରେଜାମସେଦପୁରରେ ଟାଟା ଷ୍ଟିଲ୍ର ଜନ୍ମ ହୋଇଥଲା ।ଟାଟା ଷ୍ଟିଲ୍ର ପ୍ରତିଷ୍ଠା ସେତେବେଳେ ହୋଇଥିଲା ଯେତେବେଳେ କି ଆଧୁନିକ ଭାରତ ଏହାର ଡେଣା ମେଲାଇବା ଆରମ୍ଭ କରୁଥିଲା । ୧୯୦୦ ଦଶକର ପ୍ରାରମ୍ଭରେ ଶ୍ରମିକ କଲ୍ୟାଣ ଏବଂସହରୀକରଣ ଯୋଜନାର ଅଗ୍ରଗାମୀ ଭୂମିକାରୁ ଆରମ୍ଭ କରି ଅତ୍ୟାଧୁନିକ ଉତ୍ପାଦନ, ସମାଜ କଲ୍ୟାଣ, ପରିବେଶ ସଂରକ୍ଷଣ ଏବଂ ନୈତିକ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ଟାଟାଷ୍ଟିଲ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଉଦ୍‌ଯୋଗ ଭାବରେ ପ୍ରତିଷ୍ଠିତ ହୋଇଛି ।ଟାଟା ଷ୍ଟିଲ୍ କେବେବି ସଫଳତାକୁ କେବଳ ଏହାର ଆର୍ଥିକ ପ୍ରଦର୍ଶନ କିମ୍ବା ଉତ୍ପାଦନ ମାଇଲଖୁ ଦ୍ୱାରା ବ୍ୟାଖ୍ୟା କରିନାହିଁ । ଆରମ୍ଭରୁ କମ୍ପାନି ଏକ ନୀତି ଆପଣାଇଥିଲା, ତାହା ହେଉଛିବ୍ୟବସାୟିକ ସଂସ୍ଥାଗୁଡିକ ସମାଜର ସେବା କରିବାକୁ ହିଁ ପ୍ରତିଷ୍ଠା କରାଯାଇଥାଏ । "କର୍ପୋରେଟ୍ ସାମାଜିକ ଦାୟିତ୍ୱ" ଶବ୍ଦଟି ଅସ୍ତିତ୍ୱ ଲାଭ କରିବାର ବହୁ ଦଶକ ପୂର୍ବରୁ ଟାଟା ଷ୍ଟିଲ୍ ଏହାରକାର୍ଯ୍ୟକ୍ଷେତ୍ର ଆଖପାଖର ସମାଜ କଲ୍ୟାଣ ପାଇଁ ନିବେଶ କରୁଥିଲା । କମ୍ପାନି ଏହାର ପ୍ରତିଷ୍ଠାତାଙ୍କ ଭିଜନ ଦ୍ୱାରା ପରିଚାଳିତ ହେଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍ରସିଏସ୍ଆର୍ (କର୍ପୋରେଟ ସାମାଜିକ ଦାୟିତ୍ୱବୋଧ) ପ୍ରୟାସ ଭାରତରେ ୫.୭୭ ନିୟୁତ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି ।ଟାଟା ଷ୍ଟିଲ୍ ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବିଶ୍ୱଯୁଦ୍ଧ, ଆର୍ଥିକ ସଙ୍କଟ ଏବଂ ପ୍ରଯୁକ୍ତିଗତ ବିପ୍ଳବକୁ ସାମ୍ନା କରିଛି । ଭାରତର ପ୍ରଥମ ସମନ୍ୱିତ ଇସ୍ପାତ କାରଖାନାରୁ ବିଶ୍ୱର ସର୍ବବୃହତସମନ୍ୱିତ ଇସ୍ପାତ ଉତ୍ପାଦନକାରୀଙ୍କ ମଧ୍ୟରୁ ଅନ୍ୟତମରେ ପରିଣତ ହେବା ପର୍ଯ୍ୟନ୍ତ ଟାଟା ଷ୍ଟିଲ୍ର ସଫଳତା ଏବଂ ଗ୍ରହଣୀୟତାର ଭାବ ଦ୍ୱାରା ପରିଚିତ ହୋଇଛି ।କମ୍ପାନିର ଆଗାମୀ ଯାତ୍ରାର ଦିଗ ବେଶ୍ ସ୍ପଷ୍ଟ: ଇସ୍ପାତ ଶିଳ୍ପର ରୂପାନ୍ତରଣକୁ ଶିଳ୍ପ, ଜନତା ଓ ପୃଥିବୀର ଦୀର୍ଘସ୍ଥାୟୀ ଭବିଷ୍ୟତରେ ପରିଣତ କରିବାର ନେତୃତ୍ୱ ନେବା ।

# ମୌସୁମୀରେ ବିଦ୍ୟୁତ୍ ସମ୍ପତ୍ତି ସୁରକ୍ଷା ଲାଗି ପଦକ୍ଷେପ

ଭୁବନେଶ୍ୱର (ସବ୍ୟୁ) : ପ୍ରବଳ ମୌସୁମୀ ବର୍ଷା ସମୟରେ ବିଦ୍ୟୁତ ଭିତ୍ତିଭୂମି ପ୍ରତି ଦେଖାଦେଉଥିବା ଆହ୍ୱାନର ମୁକାବିଲା କରିବା ଲାଗି ଟାଟାପାଓ୍ୱାର ନେତୃତ୍ୱାଧୀନ ଓଡ଼ିଶାର ଡିସକମ ଗୁଡ଼ିକ ପକ୍ଷରୁ ଲାଇସେନ୍ସପ୍ରାପ୍ତ ଅଂଚଳଗୁଡ଼ିକରେ ବିଦ୍ୟୁତ ବ୍ୟବସ୍ଥା ଉପରେ ମାଡ଼ିଥିବାବୃକ୍ଷଲତାକୁ ହଟାଇବା ଏବଂ ଗଛର ଡାଳ ଓ ଅଂଶଗୁଡ଼ିକୁ ଛେଦନ କରିବା ଅଭିଯାନ ଆରମ୍ଭ କରାଯାଇଛି ।ପ୍ରୋଜେକ୍ଟ କ୍ଲିନ-ଅପର ଅଂଶ ସ୍ୱରୂପ ଏହି ବ୍ୟାପକ ଅଭିଯାନର ଲକ୍ଷ୍ୟ ହେଉଛି ବିଦ୍ୟୁତ ଭିତ୍ତିଭୂମିର ସୁରକ୍ଷା କରିବା, ଯୋଗାଣଭରସାଯୋଗ୍ୟତାରେ ଉନ୍ନତି ଆଣିବା ଏବଂ ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା । ଓଡ଼ିଶାରେ ପ୍ରବଳ ବର୍ଷା ହେଉଥିବା ବେଳେଉର୍ବର ମୃତିକା ପାଇଁ ମୌସୁମୀ ଋତୁରେ ଗଛଲତାଗୁଡ଼ିକ ଶୀଘ୍ର ବଢ଼ି ବିଦ୍ୟୁତ ଭିତ୍ତିଭୂମି ଉପରେ ମାଡ଼ିଯାଉଛି । ଗଛଲତାରେହେଉଥିବା ସେହି ବୃଦ୍ଧି ଅଣଦେଖା ରହିଗଲେ ତାହା ନେଟଓ୍ୱର୍କରେ ବିଭ୍ରାଟ ସୃଷ୍ଟି କରିଥାଏ ଯାହା ଫଳରେ ବିଦ୍ୟୁତ ସରବରାହରେବ୍ୟାଘାତ ସୃଷ୍ଟି ହେବା, ବିଭ୍ରାଟ ଘଟିବା ସହିତ ଖୁଂଟ ଓ ଟ୍ରାନ୍ସଫର୍ମରକୁ କ୍ଷତି ପହଂଚିଥାଏ ।ଗଛଲତା ଘଂଚ ହୋଇଯିବା ଦ୍ୱାରା ତାହା ଦୈନନ୍ଦିନ ରକ୍ଷଣାବେକ୍ଷଣ ଓ ନେଟଓ୍ୱର୍କ ନିରୀକ୍ଷଣ କାର୍ଯ୍ୟକୁ ପ୍ରଭାବିତ କରିଥାଏ । ଅଧିକବଢ଼ିଯାଇଥିବା ଗଛର ଶାଖା ଓ ଲତା ଯୋଗୁଁ ବିଦ୍ୟୁତ ଭିତ୍ତିଭୂମି ପାଖରେ ପହଂଚି ହୁଏ ନାହିଁ, ଫଳରେ ରକ୍ଷଣାବେକ୍ଷଣରେ ଅସୁବିଧାଉପୁଜେ । ଏହା ଅତ୍ୟାବଶ୍ୟକ ଯାଂଚ ଓ ମରାମତି କାମକୁ ବିଳମ୍ବିତ କରୁଥିବା ବେଳେ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତିଗଭୀର ସୁରକ୍ଷା ବିପଦ ସୃଷ୍ଟି କରେ ।ଯୁଦ୍ଧକାଳୀନ ଭିତ୍ତିରେ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ବଂଟନ ଟ୍ରାନ୍ସଫର୍ମର ଓ ଝୁଲୁଥିବା ତାର ଉପରେମାଡ଼ିଯାଇଥିବା ବୃକ୍ଷଲତାକୁ ହଟାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଲାଇସେନ୍ସପ୍ରାପ୍ତ ଅଂଚଳର୪୦,୦୦୦ରୁ ଅଧିକ ସ୍ଥାନରେ ୧ ଲକ୍ଷରୁ ଅଧିକ ପଦକ୍ଷେପ ଗ୍ରହଣ କରାଯାଇଛି । ତାଲିମପ୍ରାପ୍ତ କର୍ମଚାରୀମାନଙ୍କୁ ଆଧୁନିକ ଟୁଲ ଓସୁରକ୍ଷା ଗିୟର ପ୍ରଦାନ କରାଯାଇଛି ଯାହା ଫଳରେ ସେମାନେ ପରିବେଶ ଓ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ସେହିକାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିପାରୁଛନ୍ତି ।ଏହି ପଦକ୍ଷେପ ଦ୍ୱାରା ତାର ଦେଖାଯିବାରେ ଉନ୍ନତି ହୋଇଛି ଏବଂ ବୃକ୍ଷଲତା ମାଡ଼ିଯିବା ଜନିତ ବିଦ୍ୟୁତ ବିଭ୍ରାଟର ବିପଦଉଲ୍ଲେଖନୀୟ ଭାବେ କମ୍ ହୋଇପାରିଛି । ଟାଟା ପାଓ୍ୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ଏହି ଅଭିଯାନକୁ ନିୟମିତବ୍ୟବଧାନରେ କାର୍ଯ୍ୟକାରୀ କରିବାକୁ ଯୋଜନା ରଖିଛନ୍ତି ଯାହାକୁ ଉନ୍ନତ ନିରୀକ୍ଷଣ ଓ ଅତ୍ୟାଧୁନିକ ଉପକରଣ ଜରିଆରେ ସମର୍ଥନକରାଯିବ । ତାହା ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଓ ସୁରକ୍ଷିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିପାରିବ ।ଓଡ଼ିଶାର ସବୁଜିମା ହେଉଛି ତାହାର ଗର୍ବ, କିନ୍ତୁ ମୌସୁମୀ ଋତୁରେ ବଢ଼ୁଥିବା ଗଛଲତା ଉପରେ ନଜର ନ ରଖିଲେ ତାହା ବିଦ୍ୟୁତଭିତ୍ତିଭୂମିକୁ ବିପଦରେ ପକାଇପାରେ । ଏହି ବୃକ୍ଷଲତା ହଟାଇବା ଅଭିଯାନ ହେଉଛି ବିଦ୍ୟୁତ ସଂପତି ଓ ଗ୍ରାହକମାନଙ୍କୁ ସୁରକ୍ଷିତରଖିବା ଏବଂ ଗ୍ରାହକଙ୍କ ପାଖରେ ବିଦ୍ୟୁତ ପହଂଚାଇବା ଦିଗରେ ଏକ ପ୍ରତିଷେଧମୂଳକ ପଦକ୍ଷେପ ।

# ସମୁଦ୍ରରେ ବୁଡିଲା ଭୁଟ୍‌ଭୁଟି : ଅଳ୍ପକେ ବର୍ତ୍ତିଲେ ୪ ମତ୍ସ୍ୟଜୀବୀ



ବାସୁଦେବପୁର, (ସବ୍ୟୁ): କଥାରେ ଅଛି ରଖେ ହରି ତ ମାରେ କିଏ । ବୟସର ଅପରାହ୍ନରେ ଦୁଇ ଦିନ ଜୀବନ ସହିତ ସଂଗ୍ରାମ କରି ସମୁଦ୍ରରୁ ଭାସି ଭାସି କୂଳରେ ପହଂଚିଛନ୍ତି । ବୟସ ୭୦ ଟପିଲାଣି । ଚୂଡାମଣୀ ଗ୍ରାମର ସପନ ମଳିକ । ନାମ ପେଟ ଖଣ୍ଡକ ପାଇଁ ଆଜି ବି ଜୀବନ ଜୀବିକା ସହିତ ଲଢେଇ କରିବାକୁ ପଡୁଛି । ସମୁଦ୍ରରେ ଭୁଟ୍‌ଭୁଟି ବୁଡି ଯିବାରୁ ଅଳ୍ପକେ ବର୍ତ୍ତିଗଲେ । ବାସୁଦେବପୁର ବ୍ଲକର ଚୂଡାମଣୀ ମୁହାଣରୁ ମାଛ ଧରିବାକୁ ଯାଇଥିବା ଭୁଟ୍‌ଭୁଟି ସମୁଦ୍ର ମଧ୍ୟରେ ବୁଡିଗଲା । ଜୀବନକୁ ବାଜି ଲଗାଇ ବର୍ତ୍ତିଗଲେ ୪ମତ୍ସ୍ୟଜୀବୀ । ଆହତ ମତ୍ସ୍ୟଜୀବୀଙ୍କୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଛି । ଚୂଡାମଣୀ ମୁହାଣରୁ ମାହିଡିମ୍ବା ଭୁଟ୍‌ଭୁଟି ୨୧ତାରିଖରେ ମାଛ ଧରିବାକୁ ସମୁଦ୍ର ଅଭିମୁଖେ ଯାଇଥିଲା । ଭୁଟ୍‌ଭୁଟିରେ ସପନ ମଳିକ,ପବନା ମଳିକ,ବନ ମଳିକ ଓ ପ୍ରକାଶ ମଳିକ ଚାରିଜଣ ମତ୍ସ୍ୟଜୀବୀ ଥିଲେ । ୨୩ତାରିଖ ସମୁଦ୍ରରେ ଲଙ୍ଗର ପକାଇ ମାଛ ଧରୁଥିଲେ । ଏତିକି ବେଳେ ଲଙ୍ଗର ଛିଡି ଯାଇଥିଲା । ପାଲ୍ ଟାଣି ଭୁଟ୍‌ଭୁଟିକୁ ଅଟକାଇ ଥିଲେ ।୨୪ତାରିଖ ଦିନ ଭୁଟ୍‌ଭୁଟି ବୁଡିଗଲା । ଜୀବନ ବିକଳରେ ମାଛ ସିଣ୍ଟେକ୍,ମାଛ ବାକ୍ସ ସୋଲ ସାହାର୍ଯ୍ୟରେ ସମୁଦ୍ରରେ ମତ୍ସ୍ୟଜୀବୀ ଭାସିଥିଲେ । ଭାସି ଭାସି ଆସି ବୁଧବାର ଦିନି କସିଆ ଠାରୁ କିଛି ଦୂରରେ ଥିବା ବନି ଜଙ୍ଗଲ ପାଖରେ ପହଂଚି ଥିଲେ । ସ୍ଥାନୀୟ ଲୋକ ସହାୟତାରେ କରିଥିଲେ । ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ପହଂଚାଇ ଥିଲେ । ଚାରି ମତ୍ସ୍ୟଜୀବୀଙ୍କୁ ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା କରି ଘରକୁ ଛାଡି ଦେଇଛନ୍ତି । ଏହି ଭୁଟ୍‌ଭୁଟିର ମାଲିକ ନଟବର ମଳିକଙ୍କ ପୁଅ ପବନା ମଳିକ ଭୁଟ୍‌ଭୁଟିରେ ଥିଲେ । ଚାରି ଦିନ ଧରି ଚାରି ମତ୍ସ୍ୟଜୀବୀ ପାଣିରେ ଜୀବନ ସହିତ ଲଢେଇ କରି ଶେଷରେ କୂଳରେ ପହଂଚି ଥିଲେ ବୋଲି କହିଛନ୍ତି ମତ୍ସ୍ୟଜୀବୀ ।


**AFFIDAVIT**

By virtue of an affidavit sworn before Executive Magistrate, Kanas dated. 11.08.2025, I Panchanan Das, Village-Baku, Srimakundapur, Dist-Puri declare that I have changed my son's name Suryaprasad Das to Sanjay Das. Henceforth, he shall be known as Sanjay Das for all purposes.

Sanjay Das

**AFFIDAVIT**

By virtue of an Affidavit before Notary Public, Bhubaneswar, **I, Anil Kumar Samantaray,** aged about 56 years, S/o.: Laxmidhar Samantaray, resident of At: Plot No.: 4306, Samantaray Colony, Kedargouri, P.S.: Shree Lingaraj, Bhubaneswar, Khordha, Odisha-751002 have changed my name from Anil Kumar Laxmidhar Samantaray to Anil Kumar Samantaray. Both Anil Kumar Samantaray and Anil Kumar Laxmidhar Samanatray is one and same person who is myself. Henceforth I shall be known as **Anil Kumar Samanatray** for all future purposes.

**ଚକ୍ରଧରପୁର ଡିଭିଜନରେ ଷ୍ଟେସନ ଟିକେଟ ବୁକିଂ ଏଜେଣ୍ଟ ନିଯୁକ୍ତି**

ନଂ : କମର୍ସିଆଲ.୮୨/ଏସ୍‌ଟିବିଏ/ସିକେପି ଡିଭିଜନ/୦୧ ଏନଏସଜି-୫/୨୦୨୫ ତାରିଖ ୨୭.୦୮.୨୦୨୫

ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ନିମ୍ନ ବର୍ଣ୍ଣିତ କାର୍ଯ୍ୟ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମରେ "ସିଙ୍ଗଲ ପ୍ୟାକେଟ ସିଷ୍ଟମ"ରେ ଲଫାପାବନ୍ଦ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ବ୍ୟକ୍ତିଗତ ଅମାନତ ଅର୍ଥ ସହିତ ବ୍ୟକ୍ତିଗତ ଟେଣ୍ଡର ଫର୍ମ ଏବଂ ଉଲ୍ଲିଖିତ ଷ୍ଟେସନ ସହିତ ସମର୍ଥିତ ଡକ୍ୟୁମେଣ୍ଟ ଲାଗି ଟେଣ୍ଡର ଫର୍ମ ପ୍ରତ୍ୟେକ ଷ୍ଟେସନ ପାଇଁ ପୃଥକ ପୃଥକ ଭାବେ ଦାଖଲ କରିବାକୁ ହେବ । କେବଳ ଗୋଟିଏ ଷ୍ଟେସନରେ ଏସ୍‌ଟିବିଏ ଭାବେ ଜଣେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇପାରିବ । ଅମାନତ ଅର୍ଥ ଓ ଟେଣ୍ଡର ଫର୍ମ ମୂଲ୍ୟ ନଥାଇ ଆବେଦନପତ୍ର କୁ ବିଚାରକୁ ନିଆଯିବ ନାହିଁ ଏବଂ ସିଧାସଳଖ ନାକଚ କରିଦିଆଯିବ । ଚୁକ୍ତି ବିବରଣୀ : ଚକ୍ରଧରପୁର ଡିଭିଜନରେ ମାତ୍ର ୦୩ (ତିନି) ବର୍ଷ ଅବଧି ପାଇଁ ୦୧(ଏକ) ଏନ୍‌ଏସ୍‌ଜି–୫ କ୍ୟାଟେଗୋରୀ ଷ୍ଟେସନରେ ଷ୍ଟେସନ ଟିକେଟ ବୁକିଂ ଏଜେଣ୍ଟ (ଏସଟିବିଏ) ନିଯୁକ୍ତି । ଏହି ଷ୍ଟେସନର ନାମ ହେଉଛି : ମନହୋରପୁର । ବିଭାଗୀୟ ମୂଲ୍ୟ : ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ଆବେଦନକାରୀଙ୍କ ମଧ୍ୟରୁ ପ୍ରାର୍ଥୀମାନଙ୍କୁ ଯେଉଁମାନେ କି ଅତି କମ୍‌ରେ କମିଶନ (୪ ପ୍ରତିଶ କମିଶନ ସ୍ଲାବ୍ ଉପରେ ) ଦେବେ ସେମାନଙ୍କୁ ଏସ୍‌ଟିବିଏ ଭାବେ ବଛାଯିବ । କମିଶନ ନିମ୍ନମତେ ପେଠ କରାଯିବ : ସ୍ଲାବ, ମାସିକିଆ ସେଲ୍‌ସ ଟର୍ଣ୍ଣ ଓଭର ଟଙ୍କାରେ, ମାସିକିଆ କମିଶନ ପ୍ରତିଶତ ଆକାରରେ ସେଲସ୍ ଟର୍ଣ୍ଣ ଓଭର ଉପରେ ଯଥାକ୍ରମେ ପେଠ ହେବ : ଯଥାକ୍ରମେ : ସ୍ଲାବ -୧ : ୧–୨୦,୦୦୦, ୨୫% (ସର୍ବନିମ୍ନ ୨,୫୦୦/– ଅନୁଯାୟୀ) । ସ୍ଲାବ -୨, ୨୦,୦୦୦୧–୧,୦୦,୦୦୦, ୧୫ % । ସ୍ଲାବ-୩, > ୧,୦୦,୦୦୦, (ଏନ୍‌ଏସଜି–୫ କ୍ୟାଟେଗୋରୀ ଷ୍ଟେସନଗୁଡିକ କ୍ଷେତ୍ରରେ ୪ % କିମ୍ବା ଉଲ୍ଲିଖିତ ରେଟ୍ ଯାହାକି ସର୍ବନିମ୍ନ ହୋଇଥିବ । କମିଶନ ମାସିକିଆ ଭିତ୍ତିରେ ହିସାବ କରାଯିବ, ଏହା ହଲ୍ ଏଜେଣ୍ଟଙ୍କ ପାଇଁ ହୋଇଥିବାରୁ (ବୋର୍ଡ ପତ୍ରାଙ୍କ ନମ୍ବର ୯୯/ଟିଜି–୪/ହଲଟ୍/ପଲିସି ତାରିଖ ୦୮.୦୯.୨୦୦୦) ଏବଂ ଆଇଆରସିଏମ ଭଲ୍ୟୁମ୍ ୨ ଅନୁଛେଦ ୨୪୨୫ ଆଇଟମ ନଂ. ୨୮ ଅନୁଯାୟୀ । ଏସ୍‌ଟିବିଏଙ୍କୁ କମିଶନ ରେଳବାଇ ଆକାଉଣ୍ଟକୁ ଅର୍ଥରାଶି କ୍ରେଡିଟ୍ କରାଯିବା ଜରିଆରେ ପେଠ କରାଯିବ । ରିହାତି ଟିକେଟ୍ କ୍ଷେତ୍ରରେ କମିଶନ ରେଳବାଇ ଦ୍ୱାରା ସଂଗ୍ରହ ହୋଇଥିବା ପ୍ରକୃତ ଭଡ଼ା ଉପରେ ହିସାବ କରାଯିବ । ଇଏମଡି : ଟ. ୫,୦୦୦/– । ଟେଣ୍ଡର ଫର୍ମ ମୂଲ୍ୟ : ଟ. ୧,୦୦୦/– ଯୁକ୍ତ ଜିଏସଟି @ ୧୮%= ଟ. ୧୮୦/– । ମୋଟ = ୧,୧୮୦/– ମାତ୍ର । ଟେଣ୍ଡର ପକାଇବାର ତାରିଖ ଓ ସମୟ : ୦୮.୧୦.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୩.୦୦ ଘଟିକା । ଟେଣ୍ଡର ଖୋଲା ତାରିଖ ଓ ସମୟ : ୦୮.୧୦.୨୦୨୫ ଅପରାହ୍ନ ୧୫.୩୦ ଘଟିକା । ଟେଣ୍ଡର ନୋଟିସ୍ ଏବଂ ଟେଣ୍ଡର ଡକ୍ୟୁମେଣ୍ଟ ୦୭.୧୦.୨୦୨୫ ରିଖ ୧୮.୦୦ ଘଟିକା ପର୍ଯ୍ୟନ୍ତ ୱେବସାଇଟ୍: http://www.ser.indianrailways.gov.in ରୁ ଡାଉନ୍‌ଲୋଡ୍ କରାଯାଇ ପାରିବ । କୌଣସି ଅପ୍ରିତିକର କାରଣରୁ ସେଦିନ ଅଫିସ୍ ବନ୍ଦ ରହିଲେ ଟେଣ୍ଡର ପରବର୍ତ୍ତୀ କାର୍ଯ୍ୟଦିବସର ପୂର୍ବାହ୍ନ ୧୦.୦୦ ଘଟିକାରୁ ୧୩.୦୦ ଘଟିକା ମଧ୍ୟରେ ପକାଯିବ ଓ ୧୫.୩୦ ଘଟିକାରରେ ଯଥାକ୍ରମେ ଖୋଲାଯିବ । ଟେଣ୍ଡର ଫର୍ମ ହସ୍ତାନ୍ତର ହେବନାହିଁ । କୌଣସି କାରଣ ନଦର୍ଶାଇ ଯେକୌଣସି ଟେଣ୍ଡର ଅଥବା ସମସ୍ତ ଟେଣ୍ଡରକୁ ବାତିଲ କରିଦେବାର ଅଧିକାର ରେଳବାଇର ଅଛି । ଯୋଗ୍ୟତା ମାନଦଣ୍ଡର ସବିଶେଷ ବିବରଣୀ ଟେଣ୍ଡର ଫର୍ମ / ୱେବସାଇଟ୍‌ରେ ଦେଖିପାରିବେ ।

(PR-566) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର

South Eastern Railway
We serve with a smile

GOVT. OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail: - eerw_anandapur@yahoo.co.in

O-647

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**On line-05 /ACE/RW/AND/2025-26**

**Construction of New Building of Patitapaban Degree College, Sainkul.**

No. 5211 // Date: 22.08.2025 //

Executive Engineer, Rural Works Division, Anandapur on behalf of **Government of Odisha invites PERCENTAGE (%) RATE** tender for Maintenance of Buildings through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works . The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer R.W. Division,Anandapur | NCB-On line EE/RW/AND/2025-26 | 30.08.2025 at 10.00 A.M. | 06.09.2025 up to 5.00 P.M. | 06.09.2025 up to 5.00 P.M. | 08.09.2025 at 11.30 A.M. |

OIPR : 25055/11/0025/2526

Sd/- Executive Engineer
R.W. Division, Anandapur


# ବାଲି ଗାଡ଼ିରୁ ଚାନ୍ଦା ଆଦାୟ : ମଣ୍ଡଳ ସଭାପତି ଗିରଫ

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଅନ୍ତର୍ଗତ ୩୭ ୯ ନଂ ଜୋନ ଶଳଣିଆଁ ମଣ୍ଡଳ ସଭାପତି ଜଗନ୍ନାଥ ବାରିକ କିଛି ମାସ ପୂର୍ବେ ବାଲିଗାଡ଼ିରୁ ଚାନ୍ଦା ଆଦାୟ କରୁଥିବା ସମୟରେ ଗାଡ଼ିଟି ଚାଳକ ନବଦବୁ ମଣ୍ଡଳ ସଭାପତି ଓ ଗାଡ଼ି ଚାଳକଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ମଣ୍ଡଳ ସଭାପତି ସରକାରୀ ଦଳର ହୋଇଥିବାରୁ ଗାଡ଼ିଟିକୁ ଜୋରଜବରଦସ୍ତ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକାଇ ରଖିଥିଲେ । ଏହି ଘଟଣା ନେଇ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୂର୍ବରୁ ୨ ଜଣଙ୍କୁ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇଥିବା ପରେ ସେମାନେ ଜାମିନରେ ଆସିଥିଲେ । ଉକ୍ତ ଘଟଣାରେ ମଣ୍ଡଳ ସଭାପତିଙ୍କ ସମେତ ଆଉ କିଛି ବ୍ୟକ୍ତିଙ୍କ ନାମରେ ଓ୍ୱ ।ସେଣ୍ଟ ରହିଥିଲା । ଏହି ଘଟଣାରେ କେତେକ ବ୍ୟକ୍ତି ଲୁଚି ରହିଥିବା ବେଳେ ମଣ୍ଡଳ ସଭାପତି ଜାମିନ ଆବେଦନ କରିଥିଲେ । କିନ୍ତୁ ଏହା ଖାରଜ ହୋଇଯିବାରୁ ତାଙ୍କୁ ଗତ ୨୫ ତାରିଖ ସୋମବାର ଦିନ ନନ୍ଦିପଦା ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇଛି । ଉକ୍ତ ଘଟଣା ନେଇ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ରଙ୍କୁ ଯୋଡ଼ା ଯୋଗ କରିବାରୁ କୌ ।ତହିଁ ସନ୍ତୋଷ ଜନକ ଉତ୍ତର ମିଳିନଥିଲା ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପୁରୀ ପୌରସଂସ୍ଥା ପକ୍ଷରୁ ପଥୋତ୍ସବ

ପୁରୀ (ସବ୍ୟୁ) : ପୁରୀ ପୌରପାଳିକା ପକ୍ଷରୁ ଆସନ୍ତା ୩୧ ତାରିଖରେ ପାଳନ କରିବାକୁ ଯାଉଛି ସ୍ୱାୟତ ଶାସନ ଦିବସ। ଏହାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ସପ୍ତାହ ବ୍ୟାପି ବିବିଧ କାର୍ଯ୍ୟକ୍ରମ।ତାହାର ଅଂଶ ସ୍ୱରୂପ ଆଜି ପ୍ରତ୍ୟୁଷରୁ ସୁଭାଷ ବୋଷ ଛକ ଠାରୁ ହରିହର ଛକ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା ରାହାଗିରି ବା ପଥୋତ୍ସବ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଭା ପ୍ରଦର୍ଶନ ଓ ନିଜର ପରିଚୟ ସୃଷ୍ଟି ପାଇଁ ପଥୋତ୍ସବ ଏକ ଉନ୍ନତ ମାଧ୍ୟମ ବୋଲି କହିଥିଲେ।ବିବିଧ କାର୍ଯ୍ୟକ୍ରମ ପରିବେଷଣ କରୁଥିବା କଳାକାର ଓ ଦଳ ମାନେ ନିଜର ଦକ୍ଷତା ଓ ନିଷ୍ଠା ବଳରେ ଜିଲ୍ଲା ପାଇଁ ସମ୍ବଳ ହୋଇ ବାହାରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ



ଭୋଇ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ପୌରପାଳିକା ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ,ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇ ସହଯୋଗ କରିଥିଲେ।ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମସ୍ତ କାର୍ଯ୍ୟକୁ ତତ୍ତ୍ୱାବଧାନ ସହ ପରିଚାଳନା କରିଥିଲେ।ନୃତ୍ୟ, ସଂଗୀତ, ଯୋଗ, ସାଇକେଲିଂ,ସଡକ ସୁରକ୍ଷା, ବୃକ୍ଷ ରୋପଣ ଇତ୍ୟାଦି ସଚେତନତା ସୃଷ୍ଟି,ପେଣ୍ଟିଂ, ରଙ୍ଗୋଲୀ, ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ, ବଭିନ୍ନ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା।ସେହିପରି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଯିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ମଞ୍ଚରେ ଓଲିଉଡ ଗାୟିକା ସୁଜ୍ଞାନୀ ମହାପାତ୍ର, ଗାୟକ ମୃଣ୍ମୟ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିବାବେଳେ ଶିବାନା ଓ ଗେଡାନା ଭାବରେ ପରିଚିତ ଧାରାବାହିକ ଅଭିନେତା ଆକର୍ଷଣୀୟ ଅଭିନୟ ପ୍ରଦର୍ଶନ କରିଥିଲେ ଓ ଉପସ୍ଥାପିକା ତଥା ଅଭିନେତ୍ରୀ ଅଙ୍କିତା ମହାନ୍ତି,ପୀୟୁଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ ।

## ପ୍ରଧାନଶିକ୍ଷକ ନିଲମ୍ବିତ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଏସ ଏନ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ୍କୁ ନିଲମ୍ବିତ କରିଛନ୍ତି । କିଛିଦିନ ତଳେ ଏହି ବିଦ୍ୟାଳୟ ଛାତ୍ର ଛାତ୍ରୀ ସ୍କୁଲ ପରିସରରେ ମଧ୍ୟାହ୍ନ ଭୋଜନ ଲାଗି ଜମା ହୋଇଥିବା କିଛି ଜାଳ ବର୍ଷାରେ ଓଦା ହୋଇଯିବା ଦେଖି ନିକଟ ବାରଣ୍ଡାକୁ ଉଠାଇ ଦେଇଥିଲେ ।ସେହି ଜାଳ ଉଠାଇବା ଫଟୋ କେହି ଉଠାଇ ତାକୁ ଭାଇରାଲ କରିବା ପରେ, ଏହି ବିଷୟ ଶିକ୍ଷା ବିଭାଗ ଦୃଷ୍ଟିକୁ ଆଣିଥିଲେ । ବିଭାଗୀୟ ବରିଷ୍ଠ କର୍ମକର୍ତ୍ତା ଅଭିଯୋଗ ପାଇଲା ପରେ ତାହାର ଅନୁସନ୍ଧାନ କରି ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣା ପଡିଛି । ପ୍ରଶାସନର ଏହି ଭଳି କାର୍ଯ୍ୟକୁ ବହୁ ବୁଦ୍ଧିଜୀବୀ, ପୁରାତନ ଛାତ୍ରଛାତ୍ରୀ ନା ପସନ୍ଦ କରିଛନ୍ତି ।

## ବୁସାନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବର ନୂତନ ପ୍ରତିଯୋଗିତା

# ନୀଳମାଧବ ପଣ୍ଡା ଏବଂ କ୍ୟାମେରା ଡି'ଓର୍‌ଙ୍କ 'ସ୍ୱାଙ୍ଗ ଷ୍ଟାରସ୍' ଭାରତୀୟ ଚଳଚ୍ଚିତ୍ର

ଭୁବନେଶ୍ୱର (ସବ୍ୟୁ) : ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା (ଆଇ ଆମ୍ କଲାମ, କଡ୍‌ଭୀ ହାୱା) ଙ୍କ ପ୍ରଯୋଜିତ ଏବଂ କାମେରା ଡି'ଓର୍ ବିଜେତା ବିମୁକ୍ତି ଜୟସୁନ୍ଦର (ଦି ଫୋର୍‌ସେକନ ଲ୍ୟାଣ୍ଡ)ଙ୍କ ଦ୍ୱାରା ନିର୍ଦ୍ଦେଶିତ ସ୍ୱାଙ୍ଗ ଷ୍ଟାରସ୍ ସମ୍ମାନଜନକ ବୁସାନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବର ୩୦ତମ ବର୍ଷରେ ଏକମାତ୍ର ଭାରତୀୟ ମିଳିତ-ପ୍ରଯୋଜିତ ଚଳଚ୍ଚିତ୍ର ଭାବରେ ସ୍ଥାନ ପାଇଛି। ବୁସାନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବ (ବିଆଇଏଫଏଫ୍) ତାହାର ୩୦ତମ ବର୍ଷ ଉପଲକ୍ଷେ ଏକ ନୂଆ ସ୍ୱିଫ୍ ପ୍ରତିଯୋଗିତା ବିଭାଗ ଆରମ୍ଭ କରିଛି, ଯାହା ଅଣ- ପ୍ରତିଦ୍ୱନ୍ଦ୍ୱିତା ପ୍ରକାରରୁ ଏକ ପ୍ରତିଯୋଗିତା ଢାଞ୍ଚାକୁ ରୂପାନ୍ତରିତ ହୋଇଛି। ପ୍ରତିଯୋଗିତାରେ ସାମିଲ ୧୪ଟି ଚଳଚ୍ଚିତ୍ର ବୁସାନ୍ ଆୱାର୍ଡସ୍‌ରେ ଶ୍ରେଷ୍ଠ ଚଳଚ୍ଚିତ୍ର,



ଶ୍ରେଷ୍ଠ ନିର୍ଦ୍ଦେଶକ, ସ୍ୱତନ୍ତ୍ର ଜୁରୀ ପୁରସ୍କାର, ଶ୍ରେଷ୍ଠ ଅଭିନେତା ଏବଂ କଳାତ୍ମକ ଅବଦାନ ଆଦି ପାଞ୍ଚଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଥାଇଲାଣ୍ଡର ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଏବଂ କଳାକାର ଆପିଚାପୋଙ୍ଗ ୱିରାସେଥାକୁଲଙ୍କ ଦ୍ୱାରା ପ୍ରସ୍ତୁତ ଟ୍ରଫି ବିଜେତାମାନଙ୍କୁ ପ୍ରଦାନ କରାଯିବ। ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା କହିଥିଲେ, "ଏକ ଚଳଚ୍ଚିତ୍ରର ପ୍ରଯୋଜନା ଅର୍ଥ କେବଳ ମାତ୍ର ଏକ ସୃଷ୍ଟି ନୁହେଁ। ମୋ ପାଇଁ ଚଳଚ୍ଚିତ୍ର ନିର୍ମାଣ ଏକ ଆଧ୍ୟାତ୍ମିକ ଯାତ୍ରା ଭଳି।

## କଳା ଶିକ୍ଷକ ରବୀନ୍ଦ୍ର ପାଇଲେ ଇଣ୍ଡିଆନ୍ ଆଇକନ୍ ଆର୍ଟିଷ୍ଟ ଆୱାର୍ଡ -୨୦୨୫

ଭୁବନେଶ୍ୱର (ସବ୍ୟୁ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିରେନ୍ଦ୍ର ମେମୋରିଆଲ ଫାଇନ୍ ଆର୍ଟ ଏବଂ କଲଚର୍ , ପଶ୍ଚିମ ବଙ୍ଗ ଦ୍ୱାରା ଆୟୋଜିତ ଇଣ୍ଡିଆନ୍ ଆଇକନ୍ ଆର୍ଟିଷ୍ଟ ଆୱାର୍ଡ -୨୦୨୫ ତ୍ରିପୁରାର ଅଗରତାଲାସ୍ଥିତ ସିଟି ସେଣ୍ଟର ଆର୍ଟ ଗ୍ୟାଲେରୀଠାରେ ପ୍ରଦାନ କରାଯାଇଅଛି। ଏହି ଭବ୍ୟ ସମାରୋହରେ ବିଶିଷ୍ଟ ଚିତ୍ରଶିଳ୍ପୀ ଅପରେଶ ପାଲ ମୁଖ୍ୟ ଅତିଥି,ବଙ୍ଗଳା ସମ୍ବାଦ 'ର ମୁଖ୍ୟ ସଂପାଦକ ସୁକୁମାର ମାମ୍ନା ଏବଂ ବରିଷ୍ଠ ପୋଲିସ ଅଧୀକ୍ଷକ ଦୀଲିପ ରାୟ ( ଆଇପିଏସ୍ , ତ୍ରିପୁରା ) ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କନିଷ୍ଠ ଓ ବରିଷ୍ଠ ବର୍ଗର ୫୬ ଜଣ କୃତି ଶିଳ୍ପୀମାନଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ପୁରସ୍କୃତ କରିବାସହ ଚିତ୍ରକଳା



ପ୍ରଦର୍ଶନୀର ଉଦ୍ଘାଟନ କରିଥିଲେ। ପ୍ରକାଶଥାଉକି ଓଡ଼ିଶାରୁ ଚଳିତ ବର୍ଷ ୩୨ ଜଣ ଲବ୍ଧ ପ୍ରତିଷ୍ଠିତ ଚିତ୍ରଶିଳ୍ପୀଙ୍କ ସମେତ ଫ୍ରାନ୍ସ,ଜର୍ମାନୀ, ବଙ୍ଗଳାଦେଶ, ଶ୍ରୀଲଙ୍କା ସହ ୩୨ ଦେଶର ୫୬୦ ଜଣ ସୁଦକ୍ଷ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଥିବା ସ୍ଥଳେ ଓଡ଼ିଶାରୁ ପାରମ୍ପରିକ ଚିତ୍ରଶିଳ୍ପୀ ତଥା ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୨ର କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ସ୍ୱଚିତ୍ରିତ ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା ଏବଂ କନ୍ଦର୍ପ ହସ୍ତୀ ବିଷୟବସ୍ତୁ ଆଧାରିତ ପଟ୍ଟଚିତ୍ର ପାଇଁ ଚଳିତ ବର୍ଷ ଇଣ୍ଡିଆନ୍ ଆଇକନ୍ ଆର୍ଟିଷ୍ଟ ଆୱାର୍ଡ -୨୦୨୫ ପାଇବା ପାଇଁ ବିଚାରକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଶେଷ କାରଣରୁ ଅନୁପସ୍ଥିତ ଥିବା ରବୀନ୍ଦ୍ର ଡାକ ଯୋଗେ ପ୍ରଶସ୍ତି ପତ୍ର ଏବଂ ମାନପତ୍ର ଗ୍ରହଣ କରି ଓଡ଼ିଶା ତଥା ଶିଳ୍ପୀକୁଳ ପାଇଁ ଗୌରବ ସାଉଁଟିଛନ୍ତି।

# ଜୟନ୍ତ ଦାସ ଆବେଦନକୁ ଖାରଜ କଲେ ହାଇକୋର୍ଟ

ପୁରୀ (ସବ୍ୟୁ): ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଆଇନ ୨୦୦୦ର ଧାରା ୭୮ ଓ ୮୦ ଅନୁଯାୟୀ ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ସାଇବର ଥାନା ସହିତ ସମସ୍ତ ଲୋକାଲ ଥାନା ଆଇଟି ଆକ୍ଟ ବଳରେ ମାମଲା ରୁଜୁ କରି ତଦନ୍ତ କରି ପାରିବେ ବୋଲି ଏକ ମାମଲା ବିଚାର କରି ଗୁରୁତ୍ୱ ପୂର୍ଣ୍ଣ ରାୟ ଦେଇଛନ୍ତି ଓଡ଼ିଶା ହାଇକୋର୍ଟଙ୍କ ମାନ୍ୟବର ଜଷ୍ଟିସ ଚିତ୍ତ ରଞ୍ଜନ ଦାସ। ଯାହା ଫଳରେ ୨୦୨୨ ମସିହାରୁ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ବିଚାର ପାଇଁ ପଡ଼ି ରହି ଥିବା ମାମଲାର ପୂର୍ଣ୍ଣ ଛେଦ ପଡ଼ିଛି। ଗତ ୨୨ ତାରିଖ ଦିନ ଓଡ଼ିଶା ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ ଚିତ୍ତ ରଞ୍ଜନ ଦାସ ମାମଲାର ବିଚାର କରି ସାଇବର ଅପରାଧି ଜୟନ୍ତର ଦରଖାସ୍ତକୁ ଖାରଜ କରିଛନ୍ତି। ପ୍ରକାଶ ଯେ, ଅପରାଧି ଜୟନ୍ତ ଦାସ ୨୦୧୯ ମସିହାରେ ପୁରୀ ସହରର ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଫଟୋ ସହିତ ବିଭିନ୍ନ ସମ୍ମାନହାନି ସୂଚକ ମନ୍ତବ୍ୟ ଦେଇ ବାରମ୍ବାର ତାର ଫେସ୍ ବୁକ୍ ଓ ଟୁଇଟର ଆକାଉଣ୍ଟରେ ଉଦ୍ଦେଶ୍ୟ ମୂଳକ ଭାବେ ପୋଷ୍ଟ କରି ଥିଲା। ଏନେଇ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ପୁରୀ କୁମ୍ଭାରପଡ଼ା ଥାନା, କଟକ କ୍ରାଇମବ୍ରାଞ୍ଚ୍ ଏସପି ଓ ତତ୍କାଳୀନ ପୂରୀ ଏସ୍ପିଙ୍କୁ ଲିଖିତ ରୂପେ ଜଣାଇ ଥିଲେ। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ତତ୍କାଳୀନ କୁମ୍ଭାରପଡ଼ା ଥାନା ଆଇଆଇସି ଅଭିମନ୍ୟୁ ନାୟକ କେଶ ନମ୍ବର ୨୭/୨୦୨୨ ତା ୨୭/୨/୨୦୧୯ ରିଖରେ ଆଇପିସିର ଦଫା ୪୬୫/୪୬୯/୫୦୦ ଓ ଆଇଟି ଆକ୍ଟ ଦଫା ୬୬(ଗ) ବଳରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ନାୟକ ଏଠାରୁ ଅନ୍ୟତ୍ର ବଦଳି ହୋଇ ଥିଲେ। ତାଙ୍କ ସ୍ଥାନରେ କୁଳମଣି ସେଠି ଆଇଆଇସି ରୂପେ କୁମ୍ଭାରପଡ଼ା ଥାନାରେ ଯୋଗ ଦେଇଥିଲେ। ଶ୍ରୀ ସେଠୀ ତଦନ୍ତ ଭାର ହାତକୁ ନେଇ ଥିଲେ। ତଦନ୍ତ ପରେ ଶ୍ରୀ ସେଠି ଅଭିଯୁକ୍ତ ଜୟନ୍ତ ବିରୋଧରେ ପୁରୀ ଏସ୍ଡିଜେମ୍ କୋର୍ଟଙ୍କ ନିକଟରେ ମାମଲା ବିଚାର ପାଇଁ ଚାର୍ଜ ସିଟ ଦାଖଲ କରି ଥିଲେ। କୋର୍ଟ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଅଭିଯୁକ୍ତ ଜୟନ୍ତ ବିରୋଧରେ ମାମଲାର ବିଚାର ପାଇଁ କଗନିଜିଆନ୍ସ ନେଇ ଥିଲେ। ଅଭିଯୁକ୍ତ ଜୟନ୍ତକୁ କୋର୍ଟରେ ହଜାର ପାଇଁ ସମନ ଜାରି କରି ଥିଲେ। ଅଭିଯୁକ୍ତ ଜୟନ୍ତ ପୁରୀ ଏସଡିଜେମ୍ କୋର୍ଟଙ୍କ କଗନିଜିଆନ୍ସ ଆଦେଶ ଏବଂ କୁମ୍ଭାରପଡ଼ା ଥାନା ପୋଲିସର ଆଇଟି ଆକ୍ଟ ବଳରେ ରୁଜୁ ହୋଇ ଥିବା ମାମଲାର ତଦନ୍ତ କ୍ଷମତା ନାହିଁ ବୋଲି ଦର୍ଶାଇ ତଦନ୍ତ ରିପୋର୍ଟକୁ ଖାରଜ କରିବା ପାଇଁ ଚ୍ୟାଲେଞ୍ଜ କରି ମାନ୍ୟବର ହାଇକୋର୍ଟଙ୍କ ନିକଟରେ ସିଆରଏଲ୍ଏମସି ନମ୍ବର ୪୭୩/୨୨ କ୍ରମେ ରାଜ୍ୟ ସରକାର ଓ ଅଭିଯୋଗକାରି ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକଙ୍କୁ ପକ୍ଷ ଭୁକ୍ତ କରି ମାମଲା ରୁଜୁ କରି ଥିଲା। ମାନ୍ୟବର କୋର୍ଟ ଅପରାଧି ଜୟନ୍ତର ଦରଖାସ୍ତ ଉପରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର, କୁମ୍ଭାରପଡ଼ା ଥାନା ଆଇଆଇସି ଓ ଅଭିଯୋଗ କାରି ଶ୍ରୀ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇ ଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୋଗକାରି ବିଶ୍ୱଜିତ୍ ସତ୍ୟପାଠ ମାଧ୍ୟମରେ ନିଜର ପକ୍ଷ ରଖିଥିଲେ। ସେହିପରି କୁମ୍ଭାରପଡ଼ା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ କୋର୍ଟଙ୍କ ନିକଟରେ ସତ୍ୟ ପାଠ ଦାଖଲ କରି ଥିଲେ। ଉକ୍ତ ସତ୍ୟ ପାଠରେ ଆଇଟି ଆକ୍ଟ ଦଫା ୭୮ ଓ ୮୦ ବଳରେ ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ସମେତ ଯେ କୌଣସି ଲୋକାଲ ଥାନା ମାମଲା ରୁଜୁ କରି ପାରିବେ ବୋଲି କୋର୍ଟଙ୍କୁ ଅବଗତ କରି ଥିଲେ। ତଦନ୍ତ ଜଣେ ଇନ୍ସପେକ୍ଟର ପାହ୍ୟାର ଅଫିସର କରିବେ ବୋଲି ନିୟମ ରହିଛି ବୋଲି କୋର୍ଟଙ୍କୁ ଅବଗତ କରି ଥିଲେ। ନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଜୟନ୍ତ ବିରୋଧରେ ମାମଲା ବିଚାର ପାଇଁ ଯଥେଷ୍ଟ ତଥ୍ୟ ପ୍ରମାଣ ରହିଛି। ଅଭିଯୁକ୍ତ ଜୟନ୍ତ ଜଣେ ପେଶାଦାର ଅପରାଧୀ ଅଟେ। କୁମ୍ଭାରପଡ଼ା ଥାନାରେ ତାର ନାମରେ ୪ ଗୋଟି ମାମଲା ରହିଛି ବୋଲି ଶ୍ରୀ ସାହୁ କୋର୍ଟଙ୍କୁ ଜଣାଇ ଥିଲେ। କୋର୍ଟ ଉଭୟ ପକ୍ଷଙ୍କ ଜବାବ ସୁଆଲ ଶୁଣିବା ପରେ ଅଭିଯୁକ୍ତ ଜୟନ୍ତର ମାମଲାକୁ ଖାରଜ କରିଛନ୍ତି। ଅଭିଯୁକ୍ତ ଜୟନ୍ତ ପକ୍ଷରୁ ଆଇନଜିବୀ ଶିବ ଶଙ୍କର ମହାନ୍ତି ମାମଲା ଲଢୁଥିବା ବେଳେ ଅଭିଯୋଗକାରି ସାମ୍ବାଦିକ ଶ୍ରୀ ପଟ୍ଟନାୟକ ତରଫରୁ ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ସମୀର କୁମାର ମିଶ୍ର ମାମଲା ପରିଚାଳନା କରୁ ଥିଲେ।

## ନିଭା ବୁପା ପୁନଃ ଭରସା ୩.୦ କୌଣସି ସୀମା ବିନା କଭରେଜ୍ ପ୍ରଦାନ କରେ

ଭୁବନେଶ୍ୱର (ସବ୍ୟୁ): ନିଭା ବୁପା ସ୍ୱାସ୍ଥ୍ୟ ବୀମା କମ୍ପାନୀ ଏହାର ସଦ୍ୟତମ ଫ୍ଲାଗସିପ୍ ଉତ୍ପାଦ ର ଶୁଭାରମ୍ଭ ଘୋଷଣା କରିଛି-ପୁନଃ ଭରସା୩.୦,ଯାହା ଏକ ନୂତନ ଉଦ୍ଭାବନ ଯାହା ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡ଼ିକୁ ଏପର୍ଯ୍ୟନ୍ତ କିପରି ପରିକଳ୍ପନା ଏବଂ ଡିଜାଇନ୍ କରାଯାଇଛି ତାହା ପୁନଃ ପରିଭାଷିତ କରିବାକୁ ପ୍ରସ୍ତୁତଅଟେ ।ଅସୀମିତ ମୂଳ ବୀମା ରାଶି ପ୍ରବର୍ତ୍ତନ ସହିତ, ପୁନଃ ଭରସା ୩.୦ ଏକ ଯୁଗକୁ ସମାପ୍ତ କରିବ ଯେଉଁଠାରେ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଉତ୍ପାଦ ନବସୃଜନ ମୁଖ୍ୟତଃ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଖର୍ଚ୍ଚକୁ ପୂରଣ କରିବା ପାଇଁ ବର୍ଦ୍ଧିତ ବୀମା ରାଶି ପ୍ରଦାନ କରିବା ସହିତ ନୋ କ୍ଲେମ୍ ବୋନସ୍, ପରିବାର ଫ୍ଲୋଟର୍ ଯୋଜନା, ମୂଳ ବୀମା ରାଶି ପୁନରୁଦ୍ଧାର/ପୁନଃସ୍ଥାପନ, ଅବ୍ୟବହୃତ ମୂଳ ବୀମା ରାଶି ଏବଂ ସପ୍ଲିମେଣ୍ଟାରୀ ଟପ୍-ଅପ୍ ଯୋଜନାକୁ ଆଗକୁ ବଢ଼ାଇବା, ଏହି ସମସ୍ତ ନବସୃଜନକୁ ଅପ୍ରଚଳିତ କରିଦେବ। ପାରମ୍ପରିକ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡ଼ିକରେ, ଗ୍ରାହକମାନେ ସେମାନଙ୍କ ବୀମା ରାଶି ପର୍ଯ୍ୟାପ୍ତ ହେବା ନେଇ ନିରନ୍ତର ଚିନ୍ତିତ ରହିଥାନ୍ତି।ପୁନଃ ଭରସା ୩.୦ ଏହି ସମସ୍ୟାକୁ ସବୁଦିନ ପାଇଁ ଦୂର କରିଥାଏ।ଏହାର ସମସ୍ତ ପ୍ରକାରରେ-କ୍ଲାସିକ୍, ସିଲେକ୍ଟ, ଏଲିଟ୍ ଏବଂ ବ୍ଲାକ୍-ଉତ୍ପାଦ ଅସୀମିତ ମୂଳ ବୀମା ରାଶି ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ଖର୍ଚ୍ଚ ପରିବର୍ତ୍ତେ ପୁନରୁଦ୍ଧାର ଉପରେ ଧ୍ୟାନ ଦେବା ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସ୍ୱାଧୀନତା ଦେଇଥାଏ।କେତେକ ଦାବି କିମ୍ବା ନିର୍ଦ୍ଦିଷ୍ଟ ରୋଗ ପର୍ଯ୍ୟନ୍ତ କଭରେଜକୁ ସୀମିତ କରୁଥିବା ଅନ୍ୟ ଉତ୍ପାଦଗୁଡ଼ିକ ତୁଳନାରେ, ଏହି ଉତ୍ପାଦ ପ୍ରତ୍ୟେକ ଦାବି, ପ୍ରତ୍ୟେକ ଥର ଏବଂ ସମସ୍ତ ରୋଗ ପାଇଁ ଅସୀମିତ କଭରେଜ ପ୍ରଦାନ କରିଥାଏ।

## ଅଧ୍ୟାପକ ସୁବ୍ରତ ସାମନ୍ତରାୟ (ବାବୁ)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

ଖୋର୍ଦ୍ଧା (ସବ୍ୟୁ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର ସରକାରୀ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଉଦ୍ୟାନ କୃଷି ବିଭାଗର ଅଧ୍ୟାପକ ତଥା ଖୋର୍ଦ୍ଧା ଭାଲିଆବାଡ଼ି ଅଂଚଳର ସୁବ୍ରତ କୁମାର ସାମନ୍ତରାୟ (ବାବୁ)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରଣପୁର ବ୍ଲକ୍ ଅଧୀନ ନିଜଗ୍ରାମ ନାକୀଠଣାରେ ପାଳିତ ହୋଇଅଛି। ଏଥିରେ ଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଦେବେନ୍ଦ୍ର କୁମାର ମାନସିଂହ, ପ୍ରତାପ କିଶୋର ଛୋଟରାୟ, ଭାଗିରଥି ସାହୁ, ଅଧ୍ୟାପିକା ସଂଯୁକ୍ତା ପଟ୍ଟନାୟକ, ଦିଗମ୍ବର ବଳିୟାରସିଂହ, ପ୍ରଦୋଷ କୁମାର ମହାରଥୀ, ବିଭିନ୍ନ ବିଭାଗର ଅଧ୍ୟାପକ ଖୋର୍ଦ୍ଧା ଏବଂ ନିଜ ଅଂଚଳର ବହୁ ସମାଜସେବୀ ତାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳୀ ସାମନ୍ତରାୟ, ପୁତ୍ର ତପୁ, ସାନ ଭାଇ କାବୁ, ପରିବାର ବର୍ଗ, ବନ୍ଧୁ, ସହପାଠୀ ଓ ଗ୍ରାମବାସୀବୃନ୍ଦ ସ୍ୱର୍ଗତ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଫ୍ଲିପକାର୍ଟ ଏସ୍‌ବିଆଇ କ୍ରେଡିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ପିଓର-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ ଏବଂ ଭାରତର ଘରୋଇ ଇ-କମର୍ସ ବଜାର ଫ୍ଲିପକାର୍ଟ ମିଳିତ ଭାବରେ 'ଫ୍ଲିପକାର୍ଟ ଏସବିଆଇ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଘୋଷଣା କରିଛନ୍ତି। ଏହି ଏକକ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ର ଅଧ୍ୟକ୍ଷ ଚଲ୍ଲା ଶ୍ରୀନିବାସୁଲୁ ସେଟ୍ଟୀ ଏବଂ ଏସବିଆଇର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର ତେୱାରୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି। ବିଶ୍ୱସ୍ତ ଗ୍ରାହକମାନଙ୍କୁ ସେମାନଙ୍କ ଅଧିକାଂଶ କ୍ରୟ ଉପରେ ଏକ ପୁରସ୍କାରଦାୟକ ସପିଂ ଅଭିଜ୍ଞତା ପ୍ରଦାନ କରିବା



ପାଇଁ ଫ୍ଲିପକାର୍ଟ ଏସବିଆଇ କାର୍ଡକୁ ସତର୍କତାର ସହିତ କ୍ୟୁରେଟେଡ୍ କ୍ୟାସବ୍ୟାକ୍ ଲାଭ ସହିତ ଡିଜାଇନ୍ କରାଯାଇଛି। ଏହି ଶୁଭାରମ୍ଭ ଏସବିଆଇ କାର୍ଡ ଏବଂ ଫ୍ଲିପକାର୍ଟ ର କ୍ରେଡିଟ୍ ଦ୍ୱାରା ଗ୍ରାହକମାନଙ୍କୁ ଅଧିକ ମୂଲ୍ୟ, ନମନୀୟତା ଏବଂ ଆନୁଷ୍ଠାନିକ କ୍ରେଡିଟର ଉପଲବ୍ଧତା ସହିତ ସଶକ୍ତ କରିବା ପାଇଁ ଚାଲିଥିବା ପ୍ରୟାସକୁ ପ୍ରତିଫଳିତ କରେ ଏବଂ ସେମାନଙ୍କର ସାମଗ୍ରିକ ସପିଂ ଯାତ୍ରାକୁ ଆନନ୍ଦଦାୟକ କରିଥାଏ। ଗ୍ରାହକମାନେ ଏସବିଆଇ କାର୍ଡ ୱେବସାଇଟ୍ SBI Card.com ପରିଦର୍ଶନ କରି ଫ୍ଲିପକାର୍ଟ ଆପ୍ ଏବଂ ଏସବିଆଇ କାର୍ଡ ସ୍ପ୍ରିଣ୍ଟ ମାଧ୍ୟମରେ ଡିଜିଟାଲ ଭାବରେ କ୍ରେଡିଟ୍ କାର୍ଡ ପାଇଁ ଆବେଦନ କରିପାରିବେ।

## ଜନ୍ମମାଟିରେ ପୂର୍ବତନ ସିଏଜି ଗିରିଶ ମୁର୍ମୁ

# କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ କାର୍ଯ୍ୟକ୍ଷମ ଖୁବ୍‌ଶୀଘ୍ର

ବେତନଟୀ(ସବ୍ୟୁ) : ବହୁ ଦିନ ପରେ ଜନ୍ମମାଟି ବେତନଟୀ ଉପକଣ୍ଠ କାଞ୍ଚିଶୋଳ ଗ୍ରାମରେ ନିଜ ପରିବାରବର୍ଗଙ୍କୁ ନେଇ ବେଶ କିଛି ସମୟ ଅତିବାହିତ କରିଲେ ଭାରତର ପୂର୍ବତନ ସିଏଜି ତଥା ଜମ୍ମୁ କାଶ୍ମୀରର ର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶଚନ୍ଦ୍ର ମୁର୍ମୁ । ଏହି ଅବସରରେ କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଥିବା ନେଇ ନିଜର ପରିବାର ଏବଂ ସ୍ଥାନୀୟ ଅଞ୍ଚଳବାବାସୀଙ୍କ ସହିତ ଦୀର୍ଘ ସମୟ ମୟ ଧରି ଆଲୋଚନା କଲେ ଶ୍ରୀଯୁକ୍ତ ମୁର୍ମୁ । ଜନ୍ମମାଟି କାଞ୍ଚିଶୋଳ ଗ୍ରାମରେ ଖୁବଶୀଘ୍ର କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ କାର୍ଯ୍ୟକ୍ଷମ



ହେବାକୁ ଯାଉଥିବା ନେଇ ଗିରୀଶଚନ୍ଦ୍ର ମୁର୍ମୁ ସ୍ଥାନୀୟ ଅଞ୍ଚଳବାସୀ ପରିବାରବର୍ଗଙ୍କ ସହିତ ଆଲୋଚନା କରିଥିଲେ । କାଞ୍ଚିଶୋଳ ଠାରେ କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବଡସାହି, ବାରିପଦା , ମୋରଡା ନିର୍ବାଚନମଣ୍ଡଳୀ ସମେତ ସର୍ବୋପରି ମୟୂରଭଞ୍ଜ ଜିଲ୍ଲାର ହଜାର ହଜାର ଜନସାଧାରଣ କିଭଳି ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇପାରିବେ । ଏହି ଅବସରରେ ଗିରୀଶଚନ୍ଦ୍ର ମୁର୍ମୁଙ୍କ ସହିତ ସାଙ୍ଗରେ ଧର୍ମପତ୍ନୀ ତଥା ଶୁଭ୍ରା ପ୍ରିୟମ୍ବା ଫାଉଣ୍ଡେସନର ଚେୟାରମ୍ୟାନ ସ୍ମିତା ଶୁକ୍ଳା ମୁର୍ମୁ, ପୁଅ ରୋହନ ମୁର୍ମୁ, ଝିଅ ରୁଚିକା ମୁର୍ମୁ ଏବଂ ଜ୍ୱାଇଁ ଯତୀନ ଆନନ୍ଦ ମଧ୍ୟ ଉପସ୍ଥିତ ରହିଥିଲେ। ଏହା ପରେ ଶ୍ରୀଯୁକ୍ତ ମୁର୍ମୁ ଗରୁଡବସାସ୍ଥିତ ଦିବ୍ୟାଙ୍ଗ ବିଦ୍ୟାଳୟକୁ ଆସିଥିଲେ ।ସେଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ନେଇ କିଭଳି ସାଙ୍କେତିକ ଭାଷା ମାଧ୍ୟମରେ ନିଜର ଭାବକୁ ପରିପ୍ରକାଶ କରୁଥିବାର ଦେଖି ସନ୍ତୋଷବ୍ୟକ୍ତ କରିଥିଲେ । ପୂର୍ବବର୍ଷ ପରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ଏବଂ ଆବଶ୍ୟକ ସାଜ ସରଞ୍ଜାମ ଯୋଗାଇ ଦେଇଥିବା ବେଳେ ଆଜିର ଏହି ଗସ୍ତ ସମୟରେ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ । ଏହି ଅବସରରେ ଗିରୀଶଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଦିଲ୍ଲୀପ ମୁର୍ମୁ , ମନୋଜ ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ପରିବାରବର୍ଗ , ଅଞ୍ଚଳ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ସ୍କୁଲ ପକ୍ଷରୁ ପରିଚାଳକ ଦିଲ୍ଲୀପ କୁମାର ପରିଡା, ଜ୍ଞାନରଞ୍ଜନ ପରି ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ । ସୁରକ୍ଷା ଦୃଷ୍ଟିରୁ ବେତନଟୀ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ସୁନାଚେନ ଲୁଟ ଉଦ୍ୟମ, ଜଣେ ଗିରଫ

କାକଟପୁର ,(ସବ୍ୟୁ): ମଙ୍ଗଳବାର ସନ୍ଧ୍ୟାରେ କାକଟପୁର ଥାନା ଅଧିନସ୍ଥ ବିଭୁତିପୁର ଗ୍ରାମର ନଳିନୀ ଚାନ୍ଦ ଦାଣ୍ଡ ଓଳାଉଥିବା ସମୟରେ ୨ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ନଳିନୀଙ୍କୁ କାକଟପୁର ଯିବାପାଇଁ ବାଟ ପଚାରିବା ସହ ଅନ୍ୟମନସ୍କ ଥିବା ଦେଖି ତାଙ୍କ ବେକରୁ ଏକ ପନ୍ଦର ଗ୍ରାମର ସୁନା ଚେନକୁ ଛିଣ୍ଡାଇବାକୁ ଉଦ୍ୟମ କରୁଥିଲେ । ହେଲେ ନଳିନୀ ପାଟି କରିବାରୁ ଗ୍ରାମବାସୀମାନେ ଆସି ପହଞ୍ଚିବା ଜାଣି ଲୁଟେରା ମାନେ ଖସି ଯିବା ସମୟରେ ତାଙ୍କର ଏକ ମୋବାଇଲ ପଡିଯାଇଥିଲା । ନଳିନୀ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୁଟେରାଙ୍କ ମୋବାଇଲ ଫୋନ ଉଦ୍ଧାର କରି ତଦନ୍ତ କରିବା ପରେ ଗୋପ ଅଞ୍ଚଳର ରମଜାନ ଖାଁ (ଡୁବୁଲୁ)କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରିଛି । ଏହି ଚଢ଼ାଉରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ପ୍ରିୟଦର୍ଶିନୀ ବରାଳ, ଏଏସଆଇ ପ୍ରମୋଦ ସେଠୀ, କନେଷ୍ଟବଳ ବବ୍ରୁବାହାନ ମହାନ୍ତି ପ୍ରମୁଖ ସାମିଲ ଥିଲେ । ଏ ସଂକ୍ରାନ୍ତରେ ଥାନା କେଶ ନମ୍ବର ୨୪୨/୨୫ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସଆଇ ପ୍ରିୟଦର୍ଶିନୀ ବରାଳ ସୂଚନା ଦେଇଛନ୍ତି ।

## ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକାରୀ ହେଲା ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ, ନନ୍-ଇନଭେସିଭ୍ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି, ଔଷଧ ପ୍ରତିରୋଧୀ ଏବଂ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବା।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଏହି ନ୍ୟୁରୋମଡ୍ୟୁଲେସନ୍ କେନ୍ଦ୍ରର ଶୁଭାରମ୍ଭ ଏମ୍ସ ଭୁବନେଶ୍ୱର ପାଇଁ ଏକ ବିଶେଷ ସଫଳତା। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ସର୍ବଶେଷ ଏବଂ ପ୍ରଭାବଶାଳୀ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଆଣିଛି। ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍ସ ଭୁବନେଶ୍ୱରରେ ପ୍ରତିବଦ୍ଧତାକୁ ସଫଳତାର ସହିତ ପ୍ରତିଫଳିତ କରିବା ନେଇ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ।

କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍(ଆର୍‌ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଏବଂ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନଭେସିଭ କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଏବଂ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ଉଦ୍‌ଘାଟନ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପକମାନଙ୍କ ସମେତ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବା ସହିତ ଏକ ନୂତନ ସମ୍ଭାବନା ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର। ଏମ୍ସ ଭୁବନେଶ୍ୱରରେ ଏହି ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହିତ, ପୂର୍ବ ଭାରତରେ ଉପଲବ୍ଧ ମାନସିକ ଚିକିତ୍ସାର ଗୁଣବତ୍ତା ଏବଂ ପରିସରକୁ ବୃଦ୍ଧି କରି କ୍ଲିନିକାଲ୍ ଯତ୍ନ ଏବଂ ଗବେଷଣା ଭଳି ଉଭୟ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ ପାଇଛି।

# ସେୟାର୍ ବଜାରରେ ପଡ଼ିଲା ଶୁଳ୍କ ବୃଦ୍ଧି ପ୍ରଭାବ

ମୁମ୍ବାଇ: ଗୁରୁବାର ଦିନ ଷ୍ଟକ୍ ବଜାର ଖୋଲିବା ମାତ୍ରେ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ ହୋଇଥିବା ୫୦ ପ୍ରତିଶତ ଶୁଳ୍କ ପ୍ରଭାବ ଦେଖିବାକୁ ମିଳିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ମାଡ଼ରେ ଭୁଶୁଡ଼ି ପଡ଼ିଛି ଭାରତର ସେୟାର୍ ବଜାର୍ । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର (ବିଏସ୍‌ଇ) ୩୦-ସେୟାର ସେନସେକ୍ସ ସୂଚକାଙ୍କ ଏକ ବଡ଼ ହ୍ରାସ ସହିତ ଖୋଲିଛି । ଜାଣିବାକୁ ମିଳିଛି ଯେ ବିଏସ୍‌ଇ ୬୫୭ ପଏଣ୍ଟ ହ୍ରାସ ପାଇ ୮୦,୧୨୪ ସ୍ତରରେ ପହଞ୍ଚିଛି । ସେନସେକ୍ସ ପରି, ନିଫଟି ମଧ୍ୟ ଏହାର ପୂର୍ବ ବନ୍ଦ ତୁଳନାରେ ହ୍ରାସ ସହିତ କାରବାର ଆରମ୍ଭ କରିଥିଲା ଏବଂ ୨୦୦ ପଏଣ୍ଟ ହ୍ରାସ ସହିତ କାରବାର କରୁଥିବା ଦେଖାଯାଇଥିଲା । ବଜାରରେ ହ୍ରାସ ମଧ୍ୟରେ, ଆଇଟି-ଟେକ୍ କମ୍ପାନିଗୁଡ଼ିକ ସହିତ ବ୍ୟାଙ୍କିଙ୍ଗ୍ ଷ୍ଟକ୍ ମଧ୍ୟ ହ୍ରାସ ପାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନିଷ୍ପତ୍ତିର



ପ୍ରଭାବ ଭାରତୀୟ ଷ୍ଟକ୍ ମାର୍କେଟ୍ ଉପରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଆରମ୍ଭ କରିଛି ।ଟ୍ରମ୍ପ ପ୍ରଶାସନ ପୂର୍ବରୁ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲେ । ଭାରତ ରୁଷିଆରୁ ତେଲ କିଣୁଥିବାରୁ ଏବେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଅତିରିକ୍ତ ୨୫% ଟିକସ ଲାଗୁ କରାଯାଇଛି । ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇ ଯାଇଥିବା ବେଳେ ଏହି ନିଷ୍ପତ୍ତି ଦ୍ୱାରା ଭାରତକୁ ମୋଟ ୫୦% ଶୁଳ୍କ ବୋଝ ବହନ କରିବାକୁ ପଡିବ ।

# ୩୧ରେ ମୋଦୀ-ଜିନପିଙ୍ଗ୍ କଥାବାର୍ତ୍ତା

ନୂଆଦିଲ୍ଲୀ: ଆଗାମୀ ୩୧ ତାରିଖରେ ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ସାକ୍ଷାତ କରିବେ । ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପର୍କ ପାଇଁ ଏହି ଦ୍ୱିପାକ୍ଷିକ ବୈଠକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଉଭୟ ନେତା ଆମେରିକାର ଶୁଳ୍କ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ସୂଚନା ରହିଛି ।ଏହି ଦୁଇ ଦିନିଆ ଶିଖର ସମ୍ମିଳନୀ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଯେଉଁଥିରେ ୨୦ରୁ ଅଧିକ ବିଶ୍ୱ ନେତା ଯୋଗଦେବେ । ଏଥିରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଉପସ୍ଥିତ



ରହିବେ । ଆମେରିକା ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ଭାରତରେ ଏବେ ଚିନ୍ତାର କାରଣ ପାଲଟିଛି । ତେବେ ଆମେରିକାର ଉପରେ ଭାରତ ଏପର୍ଯ୍ୟନ୍ତ କୌଣସି ବି ପ୍ରତିକ୍ରିୟା ଦେଇନାହିଁ । ତେଣୁ କୁହାଯାଉଛି ଏହି କାରଣରୁ ଏବେ ଆମେରିକା ଭାରତର ନୀରବତାରେ ଚିନ୍ତିତ ହୋଇପଡିଛି । ଆଉ ଏଥିପାଇଁ ଆମେରିକା ପୁଣିଥରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଇଙ୍ଗିତ କରିଛି । ଉଲ୍ଲେଖଯୋଗ୍ୟ, ଆମେରିକା ଲଗାଇଥିବା ଶୁଳ୍କ ପ୍ରଭାବରେ ସେଠାରେ ଭାରତୀୟ ଜିନିଷ ୩୫ ପ୍ରତିଶତ ମହଙ୍ଗା ହୋଇଯିବ । ତାହା ୪୮୦୦ କୋଟି ଡଲାରର ରପ୍ତାନିକୁ ସିଧାସଳଖ ପ୍ରଭାବିତ କରିବ ।

## ଆମେରିକାକୁ ଜବାବ ଦିଅ

# ସ୍ୱଦେଶୀ ଜିନିଷ ବ୍ୟବହାର କର

ନୂଆଦିଲ୍ଲୀ: ଆମେରିକା ଦ୍ୱାରା ଭାରତ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ କାର୍ଯ୍ୟକାରୀ ହୋଇଛି । ଏହା ଭାରତର ଲକ୍ଷ ଲକ୍ଷ ଚାକିରି ପ୍ରତି ବିପଦ ସୃଷ୍ଟି କରିଥିବା ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ସତର୍କ କରାଇଛି । ଏହା ମଧ୍ୟରେ ଆରଏସଏସ ମୁଖ୍ୟ ମୋହନ ଭାଗବତ ସ୍ୱଦେଶୀ ମନ୍ତ୍ରର ପୁନରାବୃତ୍ତି କରିଛନ୍ତ । ସେ ଏକ ଅତି ସରଳ ଉଦାହରଣ ଦେଇ କହିଛନ୍ତି ଯେ, ଯେଉଁ ଜିନିଷ ଆମ ଘରେ, ଆମ ଦେଶରେ ଅଛି ସେ ଜିନିଷ ଆମେ କାହିଁକି ଆମଦାନୀ କରିବା? ଯଦି ଆପଣ ଗ୍ରୀଷ୍ମ ଋତୁରେ ଏକ ଭଲ ଲେମ୍ବୁ ପାଣି ବା ଶିକଞ୍ଜି ତିଆରି କରି ପିଇପାରିବେ, ତେବେ ବାହାରୁ କୋକା କୋଲା-ସ୍ପ୍ରାଇଟ୍ କାହିଁକି ଆମଦାନୀ କରିବା? ଯଦି ଆମେ ଘରେ ଭଲ ଏବଂ ପୁଷ୍ଟିକର ଖାଦ୍ୟ ଖାଇପାରିବା, ତେବେ ପିଜା-ବର୍ଗର ଇତ୍ୟାଦି କାହିଁକି ଆମଦାନୀ କରିବା? ଡାକ୍ତରମାନେ ମଧ୍ୟ ଏହି ଜିନିଷଗୁଡ଼ିକୁ ବାରଣ କରନ୍ତି ।

ଆମେରିକା ଦ୍ୱାରା ଲାଗୁ ହୋଇଥିବା ୫୦% ଶୁଳ୍କ ମଧ୍ୟରେ ସେ ଏକ ଦୃଢ଼ ବାର୍ତ୍ତା ଦେଇ କହିଛନ୍ତି ଯେ, ଆନ୍ତର୍ଜାତୀୟ ବାଣିଜ୍ୟ କୌଣସି ଚାପରେ ନୁହେଁ, ବରଂ ସ୍ୱେଚ୍ଛାକୃତ ଭାବରେ କରାଯିବା ଉଚିତ । ଭାରତକୁ ସ୍ୱାବଲମ୍ବୀ ହେବା ଏବଂ ଏପରି ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସ୍ୱଦେଶୀ ଜିନିଷକୁ ଗ୍ରହଣ କରି ଏହାର ବ୍ୟବହାର କରିବା ଉଚିତ । ଆନ୍ତର୍ଜାତୀୟ ବାଣିଜ୍ୟରେ ସମସ୍ୟା ଆରମ୍ଭ ହେଲାଣି । ସାଧାରଣ ଭାରତୀୟ ନାଗରିକଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ସ୍ୱଦେଶୀ ସାମଗ୍ରୀକୁ ପ୍ରାଥମିକତା ଦେବା । ବିଦେଶୀ ସାମଗ୍ରୀ ବଦଳରେ ସ୍ଥାନୀୟ ଉତ୍ପାଦ କିଣିବା । ଆମ ଦେଶର ଗ୍ରାମୀଣ ଏବଂ ସହରାଞ୍ଚଳ ଶିଳ୍ପକୁ ସମର୍ଥନ କରିବା ଦ୍ୱାରା ଦେଶ ଆର୍ଥିକ ସ୍ତରରେ ମଜବୁତ ହେବ

# ୩ ଜୈଶ ଆତଙ୍କୀଙ୍କ ଅନୁପ୍ରବେଶ : ବିହାରରେ ହାଇଆଲର୍ଟ

ପାଟନା : ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦର ୩ ଜଣ ସଦସ୍ୟ ବିହାରରେ ପ୍ରବେଶ କରିଥିବା ଗୁଇନ୍ଦା ବିଭାଗ ସୂଚନା ଦେଇଛି । ସେମାନେ ନେପାଳ ଦେଇ ବିହାରରେ ପ୍ରବେଶ କରିଛନ୍ତି । ତାଲିମପ୍ରାପ୍ତ ୩ ଜୈଶ ଆତଙ୍କୀ ନିର୍ବାଚନ ପୂର୍ବରୁ ବିହାରରେ ବଡ଼ଧରଣର ହମଲା କରିବାକୁ ଯୋଜନା କରୁଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି । ଗୁଇନ୍ଦା ସୂଚନା ଆଧାରରେ ବିହାର ପୁଲିସ ମୁଖ୍ୟାଳୟ ପକ୍ଷରୁ ପୂରା ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି । ବିହାରରେ ପ୍ରବେଶ କରିଥିବା ୩ କୁଖ୍ୟାତ ଜୈଶ ଆତଙ୍କବାଦୀ ହେଲେ ରାଓ୍ୱଲପିଣ୍ଡିର ହସନୈନ ଅଲୀ, ଉମରକୋଟର ଆଦିଲ ହୁସେନ ଓ ବାହବଲପୁରର ମହମ୍ମଦ ଉସମାନ । ୩ ଜୈଶ ଆତଙ୍କବାଦୀଙ୍କ ସ୍କେଚ ମଧ୍ୟ ପୁଲିସ୍ ଓ ଗୁଇନ୍ଦା




ବିଭାଗ ପକ୍ଷରୁ ଜାରି କରାଯାଇଛି । ସେମାନଙ୍କ ସମ୍ପର୍କରେ ସୂଚନା ପାଇଁ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା ହୋଇଛି । ଗୁଇନ୍ଦା ସୂଚନାରେ କୁହାଯାଇଛି ଯେ ଏହି ୩ ଆତଙ୍କବାଦୀ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ପାକିସ୍ତାନରୁ କାଠମାଣ୍ଡୁରେ ପହଞ୍ଚିଥିଲେ । ଏହାପରେ ଅଗଷ୍ଟ ଶେଷ ସପ୍ତାହ ଅର୍ଥାତ ଚଳିତ ସପ୍ତାହରେ ସେମାନେ ବିହାରରେ ପ୍ରବେଶ କରିଛନ୍ତି । ଗୁଇନ୍ଦା ସୂଚନା ପରେ ବିହାର ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ସୀମାନ୍ତ ଜିଲ୍ଲାର ଅଧିକାରୀମାନଙ୍କ ସହ ୩ ଆତଙ୍କବାଦୀଙ୍କ ପାସପୋର୍ଟ ତଥ୍ୟ ଶେୟାର କରାଯାଇଛି । ସର୍ଭେଲାନ୍ସକୁ ବାଇବା ସହ ଗୁପ୍ତ ତଥ୍ୟ ଏକାଠି କରିବାକୁ ସୁରକ୍ଷା



ଏଜେନ୍ସି ପକ୍ଷରୁ କୁହାଯାଇଛି । ଯେକୌଣସି ସନ୍ଦିଗ୍ଧ ଗତିବିଧି ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଜିଲ୍ଲା ଗୁଇନ୍ଦାୟୁନିଟକୁ ନିର୍ଦ୍ଦେଶ ଦିଆଯାଇଛି ।

ଅପରେସନ ସିନ୍ଦୂର ଓ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପୂର୍ବରୁ ହିଁ ଭାରତ-ନେପାଳ ଓ ସୀମାଞ୍ଚଳ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ଏବେ ଆତଙ୍କବାଦୀଙ୍କ ପ୍ରବେଶ ଖବର ମିଳିବା ପରେ ମଧୁବାଣୀ, ସୀତାମାରହି, ସୁପାଉଲ, ଅରରିଆ, ପୂର୍ବ ଓ ପଶ୍ଚିମ ଚମ୍ପାରନ ଜିଲ୍ଲାରେ ପ୍ୟାଟ୍ରୋଲିଂକୁ ବଢାଇ ଦିଆଯାଇଛି । ସବୁ ସୁରକ୍ଷା ଏଜେନ୍ସି ଆଲର୍ଟରେ ରହିଛନ୍ତି ।

# ଅନୁପ୍ରବେଶ ଉଦ୍ୟମ ପଣ୍ଡ, ଟଳିଲେ ୨ଆତଙ୍କବାଦୀ




ଶ୍ରୀନଗର: ଗୁରୁବାର ଭାରତ ସୀମାକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ୨ଜଣଙ୍କ ଜୀବନ ଯାଇଥିବା ଜଣାଯାଇଛି । ଜମ୍ମୁ-କଶ୍ମୀର ବନ୍ଦିପୋରାରେ ଘଟିଛି ଏହି ଘଟଣା । ନୌଶେରାର ଗୁରେଜ୍ ସେକଟରରେ ମଧ୍ୟ ସେନା ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛି । ଅପରେସନ୍ ସିନ୍ଦୂର ପରଠାରୁ ସେନା ଅନେକ ଆତଙ୍କବାଦୀଙ୍କୁ ନିହତ କରିଛି । ସୂଚନା ମିଳିଛି ଯେ, ମୃତ ଆତଙ୍କବାଦୀମାନଙ୍କୁ ନିୟନ୍ତ୍ରଣ ରେଖା ନିକଟରେ ଦେଖାଯାଇଥିଲା, ସେମାନେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ଏହା ଦେଖି ରୋକିବା ପାଇଁ ଉଦ୍ୟମ କରିବାରୁ ଆତଙ୍କବାଦୀମାନେ ଯବାନଙ୍କ ଉପରେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଏହାର ଜବାବରେ ସେନା ପାଲଟା ଗୁଳିଚାଳନା କରିବାରୁ ୨ଆତଙ୍କବାଦୀଙ୍କ ଜୀବନ ଯାଇଥିଲା । ଏହି ଅଭିଯାନ ବିଷୟରେ ସୂଚନା ଦେଇ ଭାରତୀୟ ସେନାର ଚିନାର କୋର୍ପସ ଏକ୍ସ ପୋଷ୍ଟ ମାଧ୍ୟମରେ ଜଣାଇଛନ୍ତି ଯେ, ଜମ୍ମୁ ଏବଂ କଶ୍ମୀର ପୁଲିସ ସମ୍ଭାବ୍ୟ ଅନୁପ୍ରବେଶ ପ୍ରୟାସ ବିଷୟରେ ଗୁପ୍ତ ସୂଚନା ପ୍ରଦାନ କରିଥିଲା ।ଏହାକୁ ଆଧାର କରି, ଭାରତୀୟ ସେନା ଏବଂ ଜମ୍ମୁ-କାଶ୍ମୀର ପୁଲିସ ଗୁରେଜ ସେକଟରରେ ଏକ ମିଳିତ ଅଭିଯାନ ଆରମ୍ଭ କରିଥିଲେ । ଏହି ସମୟରେ ଅନୁପ୍ରବେଶ କରୁଥିବା ଆତଙ୍କବାଦୀ ଗୁଳି ଚଳାଇବାରୁ ସେନା ଯବାନ ପାଲଟା ଗୁଳିଚାଳନା କରିଥିଲେ, ଯାହାଫଳରେ ୨ଜଣ ଆତଙ୍କବାଦୀ ନିହତ ହୋଇଥିଲେ । ଏହି ଅଭିଯାନ ଏବେ ବି ଜାରି ରହିଛି ।

# ଭୁଶୁଡ଼ିଲା ବିଲଡିଂ : ଚାଲିଗଲା ୧୫ ଜୀବନ

ମୁମ୍ବାଇ :ଜନ୍ମ ଦିନ ପାଳନ ଚାଲିଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଥିଲା ବିରାଟକାୟ ବିଲଡିଂର କିଛି ଅଂଶ । ଆଉ ଏହା ତଳେ ଚାପି ହୋଇ ବର୍ଥ ଡେ ଗର୍ଲ, ତାଙ୍କ ମା'ଙ୍କ ସମେତ ୧୫ ଜଣ ପ୍ରାଣ ହରାଇଛନ୍ତି ।ବାପା ଜଣଙ୍କ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଏପରି ଦୁଃଖଦ ଘଟଣା ମହାରାଷ୍ଟ୍ର ପାଲଘର ଜିଲ୍ଲା ଅନ୍ତର୍ଗତ ବିରାର ଅଧୀନରେ ଥିବା ବିଜୟ ନଗରରେ ଘଟିଛି ।ବିଲଡିଂର ୪ର୍ଥ ମହଲାରେ ଝିଅର ଜନ୍ମ ଦିନ ପାର୍ଟି ଚାଲିଥିଲା । ଏତିକି ବେଳେ ବିଲଡିଂର ଗୋଟିଏ ଭାଗରେ ଥିବା ୧୨ଟି ଫ୍ଲାଟ ଭୁଶୁଡ଼ି ପଡ଼ିଥିଲା ।ଏଥିଯୋଗୁ ଏଠାରେ ରହୁଥିବା ଲୋକ ଓ ଜନ୍ମ ଦିନ ପାର୍ଟିକୁ ନିମନ୍ତ୍ରିତ ହୋଇଥିବା ଅତିଥିମାନେ ଧ୍ୱଂସାବଶେଷ ତଳେ ଚାପି ହୋଇ ଯାଇଥିଲେ । ଘଟଣା ସ୍ଥଳରେ ୬ ଜଣ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୬ ଜଣ ଆଖି ବୁଜିଛନ୍ତି ।ଉଦ୍ଧାର କାର୍ଯ୍ୟ ସମୟରେ ୩ ଜଣଙ୍କ ମୃତଦେହ ଧ୍ୱଂସାବଶେଷ ତଳୁ ମିଳିଛି । ଫଳରେ ମୋଟ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ମୃତକଙ୍କ ମଧ୍ୟ ବର୍ଷକର ଝିଅ ଓ ତାଙ୍କ ମା' ମଧ୍ୟ ରହିଛନ୍ତି । ପାଲଘର ଜିଲ୍ଲାପାଳ ଡ. ଇନ୍ଦୁ ରାଣୀ ଜାଖର କହିଛନ୍ତି ଯେ ବର୍ତ୍ତମାନ ୯ ଜଣଙ୍କୁ ଧ୍ୱଂସାବଶେଷ ତଳୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ବି ଉଦ୍ଧାରକାରୀ




ଟିମ ଧ୍ୱଂସାବଶେଷ ତଳେ ଆଉ କେହି ଫସି ରହିଛନ୍ତି କି ନାହିଁ, ତା'ର ଯାଞ୍ଚ କରୁଛନ୍ତି । ସେହିପରି ରାମବାଇ ଆପାର୍ଟମେଣ୍ଟକୁ ତିଆରି କରିଥିବା ବିଲଡରଙ୍କୁ ଗିରଫ କରାଯାଇଛି । ସେ ବେଆଇନ ଭାବେ ବିଲଡିଂକୁ ନିର୍ମାଣ କରି ଲୋକଙ୍କୁ ରହିବାକୁ ଅନୁମତି ଦେଇଥିଲେ ।ଏନେଇ ବସାଇ ବିରାର ମ୍ୟୁନିସପାଲ କର୍ପୋରେସନର ଅଭିଯୋଗ କରିବାରୁ ବିଲଡରଙ୍କୁ ଗିରଫ କରାଯାଇଛି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ବିବେକାନନ୍ଦ କଦମ କହିଛନ୍ତି ଯେ ଘଟଣା ଘଟିଥିବା ୫୦ ଫ୍ଲାଟ ବିଶିଷ୍ଟ ରାମବାଇ ଆପାର୍ଟମେଣ୍ଟ ୨୦୧୨ରେ ନିର୍ମାଣ ହୋଇଥିଲା । ବିଲଡିଂର ଗୋଟିଏ ପାଖ ଭୁଶୁଡ଼ିଥିବା ବେଳେ ଏଠାରେ ମୋଟ ୧୨ଟି ଫ୍ଲାଟ ରହିଥିଲା । ଘଟଣା ପରେ ବିଲଡିଂ ଚାରିପାଖରେ ଥିବା ଘର ଗୁଡ଼ିକୁ ଖାଲି କରି ଦିଆଯାଇଛି । ଲୋକମାନେ ଏବେ ସୁକ୍ଷିତ ସ୍ଥାନରେ ରହିଛନ୍ତି । ପ୍ରଭାବିତ ଲୋକଙ୍କୁ ଚନ୍ଦନସର ସାମଜ ମନ୍ଦିରରେ ଅସ୍ଥାୟୀ ରୂପେ ରଖାଯାଇଛିଛ ସେମାନଙ୍କୁ ଖାଦ୍ୟ, ପାଣି, ମେଡିକାଲ ସହାୟତା ଓ ଅନ୍ୟାନ୍ୟ ଜରୁରୀ ଜିନିଷ ଯୋଗାଇ ଦିଆଯାଇଛି ।

# ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ : ରାଜନାଥ

ଆମ୍ବେଦକରନଗର: ପାକିସ୍ତାନ ସହ ଚାଲିଥିବା ଉତ୍ତେଜନା ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ସଶସ୍ତ୍ର ବାହିନୀକୁ ଦୀର୍ଘ ସଂଘର୍ଷ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତ । ମଧ୍ୟପ୍ରଦେଶର ଡ.ଆମ୍ବେଦକରନଗର ସ୍ଥିତ ସୈନ୍ୟ ଛାଉଣୀରେ ଆୟୋଜିତ "ରଣ ସଂବାଦ ୨୦୨୫' ସମ୍ମିଳନୀରେ ସେ କହିଛନ୍ତି ଯେ, ଅଣପ୍ରତ୍ୟାଶିତ ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେନାକୁ ସ୍ୱଓ୍ୱଳ୍ପକାଳୀନ ସଂଘର୍ଷ ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ହେବ । ରାଜନାଥ ସ୍ପଷ୍ଟ କରିଛନ୍ତି ଯେ, ଭାରତ କାହାର ଜମି ଚାହେଁ ନାହିଁ, କିନ୍ତୁ ନିଜ ଅଞ୍ଚଳର ଅଖଣ୍ଡତା ରକ୍ଷା ପାଇଁ ଯେକୌଣସି ସୀମା ଅତିକ୍ରମ କରିବାକୁ ପ୍ରସ୍ତୁତ । "ଅପରେସନ ସିନ୍ଦୂର'ର ସଫଳତା ପାଇଁ ରାଜନାଥ ତିନି ସେନାର ପ୍ରଶଂସା କରିଛନ୍ତି । ଏହାକୁ ସ୍ୱଦେଶୀ ମଞ୍ଚ, ଉପକରଣ ଓ ଅସ୍ତ୍ରଶସ୍ତ୍ରର ସଫଳତାର ଉଜ୍ଜ୍ୱଳ ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତ । ଏହି ଅଭିଯାନ ପାକିସ୍ତାନରେ ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନାର ସାହସ ଓ ତୀବ୍ରତାକୁ ପ୍ରଦର୍ଶନ କରିଛି । ସିଂହ କହିଛନ୍ତି, ଏହା ପ୍ରଯୁକ୍ତି-ଚାଳିତ ଯୁଦ୍ଧର ଏକ ଅଦ୍ଭୁତ ନିଦର୍ଶନ ।

"ରଣ ସଂବାଦ ୨୦୨୫'ରେ ତିନି ସେନାର ଅଧିକାରୀମାନେ ପ୍ରତିରକ୍ଷା କ୍ଷେତ୍ରର ବର୍ତ୍ତମାନ



ଓ ଭବିଷ୍ୟତ ଚ୍ୟାଲେଞ୍ଜ ଏବଂ ସେଗୁଡ଼ିକର ସମାଧାନ ଉପରେ ଆଲୋଚନା କରିଛନ୍ତି । ଏହି ସମ୍ମିଳନୀରେ କେତେକ ମିଳିତ ସିଦ୍ଧାନ୍ତ ମଧ୍ୟ ପ୍ରକାଶ କରାଯାଇଛି । ସେନା ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଏହି କାର୍ଯ୍ୟକ୍ରମର ଯୋଜନା "ଅପରେସନ ସିନ୍ଦୂରର' ଆରମ୍ଭ ହେବା ପୂର୍ବରୁ ହିଁ ପ୍ରସ୍ତୁତ ହୋଇଥିଲା । ଆତ୍ମନିର୍ଭରତାକୁ ଅଗ୍ରାଧିକାର ଦେଇ ରାଜନାଥ କହିଛନ୍ତି, ଭାରତ ଏହି ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି, କିନ୍ତୁ ଆଗକୁ ଆହୁରି ବାଟ ଚାଲିବାକୁ ବାକି ଅଛି ।

# ୧୮ ବର୍ଷ ପରେ ଜେଲରୁ ମୁକୁଳିବ ଗ୍ୟାଙ୍ଗଷ୍ଟର ଅରୁଣ ଗାଓ୍ୱଲି

ନାଗପୁର : ସୁପ୍ରିମକୋର୍ଟ ମୁମ୍ବାଇର କୁଖ୍ୟାତ ଗ୍ୟାଙ୍ଗଷ୍ଟର ତଥା ପୂର୍ବତନ ବିଧାୟକ ଅରୁଣ ଗାଓ୍ୱଲିଙ୍କ ଜାମିନକୁ ମଞ୍ଜୁର କରିଛନ୍ତି। ଫଳରେ, ପ୍ରାୟ ୧୮ ବର୍ଷ ପରେ ସେ ଜେଲରୁ ବାହାରକୁ ଆସିବ । ଗାଓ୍ୱଲି ମୁମ୍ବାଇ ଶିବସେନା କାଉନସିଲର କମଳାକର ଜାମସାଣ୍ଡେକରଙ୍କ ହତ୍ୟା ମାମଲାରେ ଜେଲରେ ଥିଲା। ସେ ନାଗପୁର କେନ୍ଦ୍ରୀୟ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲା ।ଓକିଲ ମୀର ନାଗମାନ ଅଲି କହିଛନ୍ତି ଯେ ସୁପ୍ରିମକୋର୍ଟ ଗାଓ୍ୱଲିକୁ ଜାମିନ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ ମହକିଲ ୧୮ ବର୍ଷ ଜେଲ ଦଣ୍ଡ ଭୋଗିଛନ୍ତି ଏବଂ ଏବେ ତାଙ୍କ ବୟସ ୭୩ ବର୍ଷ। ଏହି ଦୁଇଟି ଆଧାରରେ, ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଅରୁଣ ଗାଓ୍ୱଲି ଆଗାମୀ ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ନାଗପୁର କେନ୍ଦ୍ରୀୟ ଜେଲରୁ ବାହାରକୁ ଆସିବ। ଡନ୍ ଗାଓ୍ୱଲି ପକ୍ଷରୁ ମୀର ନାଗମାନ ଅଲି ଏବଂ ହାଡକର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।୨୦୦୭ ମସିହାରେ ମୁମ୍ବାଇର ଶିବସେନା କାଉନସିଲର କମଳାକର ଜାମସାଣ୍ଡେକରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ୨୦୧୨ ମସିହାରେ ମୁମ୍ବାଇ ସେସନ୍ସ କୋର୍ଟ ଗାଓ୍ୱଲିକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ସୁପ୍ରିମକୋର୍ଟ ପାଇଁ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଆଲୋକ ଆରାଧେ ଏବଂ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ବିପୁଲ ଏମ୍ ପାଞ୍ଚୋଲିଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘଓ୍ୱାଲ "ଏକ୍ସ'ରେ ଘୋଷଣା କରି କହିଛନ୍ତି ଯେ, ଦୁଇ ନୂଆ ବିଚାରପତିଙ୍କ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ଶପଥ ଗ୍ରହଣ କରିବାର ରାସ୍ତା ସଫା ହୋଇଛି । କଲେଜିୟମ୍ ଏହାର ସଂକଳ୍ପ ପାରିତ କରିବାର ୪୮ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏହି ବିଜ୍ଞପ୍ତି ଦ୍ରୁତ ଗତିରେ ଆସିଛି ।

# ଆତତାୟୀ ବନ୍ଧୁକରେ ଅଜବ ଲେଖା

## ଭାରତ ଉପରେ ବୋମା ପକାଅ

ମିନିଆନାପୋଲିସ : ଆମେରିକାର ମିନିଆନାପୋଲିସ ସ୍ଥିତ ଏକ ସ୍କୁଲରେ ହୋଇଥିବା ଗୁଳିକାଣ୍ଡକୁ ନେଇ ଏକ ବଡ଼ ଖୁଲାସା କରିଛି ଏଫବିଆଇ । ଏଫବିଆଇ କହିଛି ଯେ ଗୁଳିକାଣ୍ଡ କରିଥିବା ବ୍ୟକ୍ତି ରବିନ ଓ୍ୱେଷ୍ଟମ୍ୟାନ ଧାର୍ମିକ ଘୃଣା ଓ ଆତଙ୍କବାଦୀ ଚିନ୍ତାଧାରା ଦ୍ୱାରା ଗଭୀରଭାବେ ପ୍ରଭାବିତ ଥିଲା । ଏପରିକି ସେ ଚାହୁଁଥିଲା ଯେ ଭାରତ ଉପରେ ପରମାଣୁ ବୋମା ପକାଯିବା ଉଚିତ । ଆକ୍ରମଣକାରୀ ରବିନ ଏହି ଗୁଳିକାଣ୍ଡ କରିବା ପୂର୍ବରୁ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଥିଲା ।ସେ ଜଣେ ଯୁବକ ହୋଇଥିଲେ ବି ନିଜକୁ କିନ୍ନର ବୋଲି ପରିଚୟ ଦେଉଥିଲା । ତା ନିକଟରେ ଏକାଧିକ ବନ୍ଧୁକ ଓ ମାଗାଜିନ ଥିଲା । ସେଗୁଡ଼ିକ ଉପରେ ବିଭିନ୍ନ ପ୍ରକାରର କଠୋରପନ୍ଥୀ ଓ ଘୃଣାସୃଷ୍ଟିକାରୀ ବାର୍ତ୍ତା ଲେଖାଥିଲା ।ଆକ୍ରମଣକାରୀ ରବିନ ଏହି ଗୁଳିକାଣ୍ଡ କରିବା ପୂର୍ବରୁ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଥିଲା । ସେ ଜଣେ ଯୁବକ ହୋଇଥିଲେ ବି ନିଜକୁ କିନ୍ନର ବୋଲି ପରିଚୟ ଦେଉଥିଲା ତା ନିକଟରେ ଏକାଧିକ ବନ୍ଧୁକ ଓ ମାଗାଜିନ ଥିଲା ସେଗୁଡ଼ିକ ଉପରେ ବିଭିନ୍ନ ପ୍ରକାରର କଠୋରପନ୍ଥୀ ଓ ଘୃଣାସୃଷ୍ଟିକାରୀ ବାର୍ତ୍ତା ଲେଖାଥିଲା ଗୋଟିଏ ବନ୍ଧୁକରେ ଲେଖାଥିଲା "ଟ୍ରମ୍ପଙ୍କୁ ତୁରନ୍ତ ମାରିଦିଅ' ।ସେହିପରି ଆଉ ଏକ ସ୍ଥାନରେ ଲେଖାଥିଲା, ଭାରତ ଉପରେ ପରମାଣୁ ବମା ପକାଅ, ଇସ୍ରାଏଲର ପତନ ହେବ, ଆମେ ଫିନିକ୍ସ ପୁଣି ଥରେ ଉପରକୁ ଉଠିବୁ । ଆଉ ଏକ ମାଗାଜିନରେ ଲେଖାଥିଲା, ଏହା ପିଲାମାନଙ୍କ ପାଇଁ । ସୂଚନାଯୋଗ୍ୟ ଯେ ଗତକାଲି ସ୍କୁଲରେ ପିଲାମାନେ ପ୍ରାର୍ଥନା କରୁଥିବାବେଳେ ଏହି ବ୍ୟକ୍ତି ପିଲାମାନଙ୍କ ଉପରେ ଗୁଳିଚଳାଇଥିଲା । ଏଥିରେ ୨ ଜଣ ସ୍କୁଲ ପିଲା ମୃତ୍ୟୁବରଣ କରିଥିବାବେଳେ ସେ ନିଜେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲା ।

# ଡିଜିଟାଲ ଆରେଷ୍ଟ କରି ନେଇ ଗଲେ ୧.୨୯ କୋଟି

ଲକ୍ଷ୍ନୌ: ସାଇବର ଠକେଇର ଆଉ ଗୋଟିଏ ଘଟଣା ଉତ୍ତର ପ୍ରଦେଶର ଲକ୍ଷ୍ନୌରୁ ଆସିଛି । ଏଠାରେ ସାଇବର ଠକମାନେ ଜଣେ ୧୦୦ ବର୍ଷୀୟ ବୃଦ୍ଧଙ୍କୁ ଡିଜିଟାଲ ଆରେଷ୍ଟ କରି ତାଙ୍କ ପୁଅଙ୍କ ଠାରୁ ନେଇ ଯାଇଛନ୍ତି ୧.୨୯ କୋଟି ଟଙ୍କା । ଠକମାନେ ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ଏଭଳି କାଣ୍ଡ ଘଟାଇଛନ୍ତି ।

ପୁଲିସର କହିବା କଥା ଯେ ସାଇବର ଠକମାନେ ବୃଦ୍ଧଙ୍କୁ ତଥା କଥିତ ଡିଜିଟାଲ ଆରେଷ୍ଟ କରି ୬ ଦିନ କାଳ ରଖିଥିଲେ । ତାଙ୍କୁ ଗୋଟିଏ ଘରେ ରହିବାକୁ ବାଧ କରାଯିବା ସହ ଫୋନ ଓ ଭିଡିଓ କଲ ଦ୍ୱାରା ତାଙ୍କ ଉପରେ ନଜର ରଖାଯାଇଥିଲା । ସେମାନେ ବୃଦ୍ଧ ଓ ତାଙ୍କ ପୁଅଙ୍କୁ ଆଇନର ଭୟ ଦେଖାଇଥିଲେ ।

ଏହାପରେ ବୃଦ୍ଧଙ୍କ ପୁଅ ସୁରିନ୍ଦର ପାଲ ସିଂହ ଭୟରେ ଗୁଜରାଟ, ଗୋଆ ଓ ଜଲଗାଓଁରେ ଥିବା ବିଭିନ୍ନ ଆକାଉଣ୍ଟକୁ ସାଇବର ଠକଙ୍କ ନିର୍ଦ୍ଦେଶରେ ୧.୨୯ କୋଟି ଟଙ୍କା ପଠାଇଥିଲେ । ନିଜକୁ ସିବିଆଇ ଅଧିକାରୀ କହୁଥିବା ସାଇବର



ଠକମାନେ ଶ୍ରୀ ସିଂହଙ୍କୁ ତାଙ୍କ ଟଙ୍କା ଯାଞ୍ଚ କରିବା ପରେ ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଟଙ୍କା ମିଳିବା ପରେ ସେମାନେ ଧରାଛୁଆଁ ନ ଦେବାରୁ ଶ୍ରୀ ସିଂହ ସାଇବର ଠକାମୀର ଶିକାର ହୋଇଥିବା ଅନୁଭବ କରି ପୁଲିସରଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ପାଇବା ପରେ ପୁଲିସର ସାଇବର ଟିମ ଘଟଣାର ତଦନ୍ତ ଆରମ୍ଭ କରିଛି । କିନ୍ତୁ ଏଯାଏ ସାଇବର ଠକଙ୍କ ସମ୍ପର୍କରେ କୌଣସି ବି ସୂଚନା ମିଳିନାହିଁ ।

# ଏଆଇଏଫ୍ଏଫ୍‌କୁ ଚେତାବନୀ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି) : ଭାରତୀୟ ଫୁଟବଲ ଫେଡେରେସନ୍ ଉପରେ ଏବେ ଅନ୍ତର୍ଜାତୀୟ ପ୍ରତିବନ୍ଧକ ବିପଦ ଘନେଇବାରେ ଲାଗିଛି । ଅକ୍ଟୋବର ୩୦ ସୁଦ୍ଧା ନୂତନ ସମ୍ବିଧାନ ଆପଣାଇବା ସହ ଏହାର ଅନୁପାଳନ କରିବା ପାଇଁ ଅନ୍ତର୍ଜାତୀୟ ଫୁଟବଲ ଫେଡେରେସନ୍ ଏବଂ ଏସୀୟ ଫୁଟବଲ ସଂଘ ଭାରତୀୟ ଫୁଟବଲ ଫେଡେରେସନକୁ ଚେତାବନୀ ଦେଇଛନ୍ତି । ୨୦୧୭ରେ ସୁପ୍ରିମକୋର୍ଟରେ ହୋଇଥିବା ମାମଲା ଏବେବି ପଡିରହିଛି । ନ୍ୟାୟାଳୟ ଏ ସମ୍ପର୍କରେ ଶୁଣାଣି କରିପାରନ୍ତି । ଯଦି ସବୁ କିଛି ସମୟ ଅନୁସାରେ ନହେବ ତେବେ ଭାରତୀୟ ସଂଘ ଉପରେ ନିଲମ୍ବନ ଲଗାଯିବ । ୨୦୨୨ରେ ଫିଫା ତୃତୀୟ ପକ୍ଷର ହସ୍ତକ୍ଷେପ ନେଇ ଏଆଇଏଫଏଫ୍‌କୁ ନିଲମ୍ବିତ କରିଥିଲା । ସେ ସମୟରେ ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ କମିଟିକୁ ଅସ୍ଥାୟୀ ଭାବେ ଏଆଇଏଫ୍ଏଫ୍‌କୁ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ କମିଟି ଭଙ୍ଗା ଯିବା ସହ ଏହି ନିଲମ୍ବନ ଆଦେଶ ଉଠାଇ ଦିଆଯାଇଥିଲା । ଆଗାମୀ ବୈଠକରେ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଏକ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଭାରତୀୟ ସଂଘ ପକ୍ଷରୁ କୁହାଯାଇଛି ।




# ସାମିଙ୍କ ଫୋକସ୍‌ରେ ଘରୋଇ କ୍ରିକେଟ୍




ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି) : ଆହାତ ସମସ୍ୟା ପାଇଁ ବିଗତ କିଛି ମାସ ହେବ ବଡ ବଡ ପ୍ରତିଯୋଗିତାରୁ ମହମ୍ମଦ ସାମିଙ୍କୁ ପ୍ରତିଯୋଗିତାରୁ ବାଦ୍ ଦିଆଯାଉଛି । ତଥାପି ସେ ନିରାଶ କିମ୍ବା ହତାଶ ହୋଇନାହାଁନ୍ତି । ଘରୋଇ କ୍ରିକେଟ୍ ଜରିଆରେ ସାମି ଜାତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ବାନ୍ଧିଛନ୍ତି । ଏବେ ତାଙ୍କ ଫୋକସରେ ରହିଛି ଘରୋଇ କ୍ରିକେଟ୍ ରଣଜୀ ଟ୍ରଫି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁଣି ଥରେ ଚୟନକର୍ତ୍ତା ଆସ୍ଥା ଭାଜନ ହେବାକୁ ଆଶା ରଖିଛନ୍ତି । ଲକ୍ଷ୍ୟ ଅଛି ୨୦୨୭ ଦିନିକିଆ ବିଶ୍ୱ କପ୍ ଖେଳିବା । ୨୦୨୩ ଦିନିକିଆ ବିଶ୍ୱ କପରେ ଭାରତ ଅଳ୍ପକେ ଟାଇଟଲରୁ ବଞ୍ଚିତ ହୋଇଥିଲା । ବିଶ୍ୱ କପ୍‌ରେ ସାମି ଦରଦାର ପ୍ରଦର୍ଶନ କରୁଥିଲେ । ତେଣୁ କ୍ରିକେଟ୍ ଜୀବନ ଶେଷ କରିବା ଆଗରୁ ସାମି ହାତରେ ଦିନିକିଆ ବିଶ୍ୱ କପ୍ ଟ୍ରଫି ତୋଳି ଧରିବାକୁ ଆଶା ରଖିଛନ୍ତି । ପ୍ରଥମେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଓ ପରେ ଏସିଆ କପ୍‌ରେ ଦ୍ରୁତ ବୋଲର ସାମିଙ୍କୁ ବାଦ୍ ଦିଆଯାଇଥିଲା । ଫିଟନେସ୍ ସମସ୍ୟା ଦେଇ ଗତିକରୁଥିବା ସାମି ଭାରତୀୟ ଦଳରୁ ବାଦ୍ ପଡୁଥିବାରୁ ଅବସର ଚର୍ଚ୍ଚା ଜୋର ଧରିଛି । ଏସବୁ ଭିତରେ ସାମି ଅବସର ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଜାତୀୟ ଦଳକୁ ଫେରିବା ପାଇଁ ସେ ଘରୋଇ କ୍ରିକେଟ୍ ଖେଳିବା ଜାରି ରଖିବେ ବୋଲି କହିଛନ୍ତି । ଶେଷ ଥର ପାଇଁ ମହମ୍ମଦ ସାମି ଚାମ୍ପିଅନ୍ସ ଟ୍ରଫିରେ ନଜର ଆସିଥିଲେ । ଅବସର ପାଇଁ ସେ କୌଣସି ଯୋଜନା କରିନାହାଁନ୍ତି । ତାଙ୍କ ଭିତରେ ଅନେକ କ୍ରିକେଟ୍ ବାକି ରହିଛି । ଏବେ ସେ ଘରୋଇ କ୍ରିକେଟ୍‌ରେ ଅଧିକ ପରିଶ୍ରମ କରିବେ । ଭାରତୀୟ ଦଳକୁ ଫେରି ଦିନିକିଆ ବିଶ୍ୱ କପ୍ ଖେଳିବେ । ଯଦି ମୋର କାହା ସହ କିଛି ସମସ୍ୟା ରହିଛି ତାହା ହେଲେ ମୋତେ କହିପାରିବେ । ଯଦି ମୁଁ ଅବସର ନେଲେ କାହା ଜୀବନରେ ଭଲ ପରିବର୍ତ୍ତନ ହେବ ତାହା ହେଲେ ମୁଁ ଅବସର ନେବାକୁ ପ୍ରସ୍ତୁତ । ମୁଁ କାହା କ୍ୟାରିୟରକୁ ନଷ୍ଟ କରି ଦେଇଛି ଯେ, ଆପଣମାନେ ମୋତେ ଅବସର ନେବାକୁ କହୁଛନ୍ତି ? ଯେଉଁ ଦିନ ମୁଁ ବିରକ୍ତ ଅନୁଭବ କରିବି ସେ ଦିନ ମୁଁ ଛାଡିଦେବି ।

ଆପଣମାନେ ମୋତେ ଦଳରେ ନେଉନାହାଁନ୍ତି, କିନ୍ତୁ ମୁଁ ଅଧିକ ପରିଶ୍ରମ କରିବି । ଅନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଚୟନ କରାଯାଉନାହିଁ । ମୁଁ ଘରୋଇ କ୍ରିକେଟ୍ ଖେଳିବି । ମୁଁ ଏଠି ନହେଲେ ସେଠି ଖେଳିବି । ଆପଣ କେଉଁଠି ବିରକ୍ତ ଅନୁଭବ କରୁଛନ୍ତି ସେ କଥା ନିଜେ ନିଷ୍ପତ୍ତି ନେବେ । ଏବେ ମୋ ପାଇଁ ଅବସର ସମୟ ଆସି ନାହିଁ ।

୨୦୨୩ ଦିନିକିଆ ବିଶ୍ୱ କପ୍ ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ଭାରତ ହାରିଥିଲା । ସେ କଥାକୁ ମନେ ପକାଇଛନ୍ତି ସାମି । ମୋର ଗୋଟିଏ ସ୍ୱପ୍ନ ବାକି ଅଛି, ତାହା ହେଲା ବିଶ୍ୱ କପ୍ ଜିତିବା । ମୁଁ ସେହି ଦଳର ଅଂଶ ବିଶେଷ ହେବାକୁ ଚାହୁଁଛି ଓ ନିଜର ପ୍ରଦର୍ଶନ ଜରିଆରେ ବିଶ୍ୱ କପ୍ ଜିତି ସ୍ୱଦେଶ ଆଣିବାକୁ ଅପେକ୍ଷା କରିଛି । ଆମେ ୨୦୨୩ରେ ଉପବିଜେତା ହୋଇଥିଲୁ । ଆଶା ଥିଲା ଆମେ ବିଶ୍ୱ ବିଜେତା ହେବୁ କିନ୍ତୁ ଆମେ ଲଗାତାର ଜିତୁଥିବାରୁ ଭୟ ମଧ୍ୟ ରହୁଥିଲା । କିନ୍ତୁ ପ୍ରଶଂସକଙ୍କ ଉତ୍ସାହ ଓ ବିଶ୍ୱାସ ଆମକୁ ପ୍ରେରଣା ଦେଉଥିଲା । ସେହି ସ୍ୱପ୍ନ ପୂରଣ ହୋଇପାରିଥାନ୍ତା । କିନ୍ତୁ ସମ୍ଭବତଃ ତାହା ମୋ ଭାଗ୍ୟରେ ନଥିଲା ।

ଦୀର୍ଘ ଦୁଇ ମାସ ହେବ ସାମି ନିଜ ପ୍ରଦର୍ଶନକୁ ଆହୁରି ମାର୍ଜିତ କରିବାକୁ ଜୋରଦାର ପରିଶ୍ରମ କରୁଛନ୍ତି । ଦେଖାଯାଉ କେଉଁ ଫଳ ମିଳୁଛି । ଲୟକୁ ଫେରିବା ଓ ଲମ୍ବା ସମୟ ଧରି ବୋଲିଂ କରିବା ଉପରେ ସାମିଙ୍କ ଫୋକସ ରହିଛି । ମୁଁ ବ୍ୟାଟିଂ ଓ ଫିଲ୍ଡିଂ ଉପରେ ମଧ୍ୟ ପରିଶ୍ରମ କରିଛି । ଜିମ୍‌ରେ ଦୀର୍ଘ ସମୟ ବିତାଇବାକୁ ପଡିଛି । ଏବେ ସବୁକିଛି ପୂର୍ବଭଳି ଅନୁଭବ ହେଉଛି । ଏଯାଏ ସାମି ଭାରତ ପାଇଁ ୬୪ ଟେଷ୍ଟ, ୧୦୮ ଦିନିକିଆ ଓ ୨୭ ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ୩ ଟି ଯାକ ଫର୍ମାଟରେ ସେ ଦେଶ ପାଇଁ ୪୬୨ ୱିକେଟ୍ ନେଇଛନ୍ତି ।

# କିଟ୍‌ର ୭ ଛାତ୍ରଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଗ୍ୟତା

ଭୁବନେଶ୍ୱର, ୨୮।୮ (ସବ୍ୟୁ) : ଜାପାନ ଟୋକିଓରେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବାକୁ ଯାଉଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ନିମନ୍ତେ କିଟ୍‌ର ୭ ଜଣ ଛାତ୍ର ଯୋଗ୍ୟତା ଅର୍ଜନ କରିଛନ୍ତି । ଏମାନେ ହେଲେ ପ୍ରିୟଙ୍କା ଗୋସ୍ୱାମୀ, ରନୁରାଣୀ, ପାରୁଲ ଚୌଧୁରୀ, ଅଙ୍କିତା, ଅନିମେଶ କୁଜୁର, ଆକାଶ ଦୀପ ସିଂ ଏବଂ ପ୍ରବୀଣ ଚିତ୍ରା ଭେଲ୍ । ପ୍ରିୟଙ୍କା ଗୋସ୍ୱାମୀ ୩୫ କିମି ରେସ




ୱାକରେ ଅଂଶଗ୍ରହଣ କରିବେ । ଅନୁରାଣୀ ଜାଭେଲିନ୍ ଥ୍ରୋ, ପାରୁଲ ଚୌଧୁରୀ ୩୦୦୦ ମିଟର ଷ୍ଟିପଲଚେଜ୍ , ଅଙ୍କିତା ୩୦୦୦ ମିଟର ଷ୍ଟିପଲ୍ ଚେଜ୍, ଭାରତର ଦ୍ରୁତତମ ଧାବକ ଅନିମେଶ କୁଜୁର ୨୦୦ ମିଟର ରେସ୍, ଆକାଶ ଦୀପ ସିଂ ୨୦ କିମି ରେସ୍ ୱାକ୍ ଏବଂ ପ୍ରବୀଣ ଚିତ୍ରାଭେଲ୍ ଟ୍ରିପଲ୍ ଜମ୍ପରେ ପ୍ରତିଦ୍ୱନ୍ଦିତା କରିବେ ।

ପ୍ରଥମ ଥର ପାଇଁ କିଟ୍ ବିଶ୍ୱ ବିଦ୍ୟାଳୟର ଏତେ ସଂଖ୍ୟକ ଛାତ୍ର ଛାତ୍ରୀ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଚେନ୍ନାଇରେ ଅଗଷ୍ଟ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । କିଟ୍ ପ୍ରତିଯୋଗୀ ୧୧ ଟି ପଦକ ଜିତିଥିଲେ । ଏଥିରେ ୯ ଟି ସ୍ୱର୍ଣ୍ଣ, ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି । କିଟ୍ ବିଶ୍ୱ ବିଦ୍ୟାଳୟରୁ ଏପର୍ଯ୍ୟନ୍ତ ୨୩ ଜଣ ଅଲିମ୍ପିଆନ୍ ଓ ୨ ଜଣ ପାରା ଲିମ୍ପିଆନ୍ ସୃଷ୍ଟି କରିଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ଏସିଆ କପ୍ ହକି ୨୦୨୫ ରାଜଗିରି ସଂସ୍କରଣର ଅବ୍ୟବହିତ ପୂର୍ବରୁ ଟ୍ରଫି ସହ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ

# ୱାଙ୍ଗ ଝିଙ୍ଗଙ୍କୁ ଧରାଶାୟୀ କଲେ ସିନ୍ଧୁ

ନୂଆଦିଲ୍ଲୀ, ୨୮।୮ (ଏଜେନ୍ସି) : ଅଲିମ୍ପିଆନ ପିଭି ସିନ୍ଧୁ ବିଶ୍ୱ ଚାମ୍ପିଅନସିପ ପ୍ରତିଯୋଗିତାର ପ୍ରିକ୍ୱାର୍ଟର ଫାଇନାଲରେ ଉଚ୍ଚ କୋଟିର ପ୍ରଦର୍ଶନ ଦେଖାଇଛନ୍ତି । ଏବେବି ତାଙ୍କ ଭିତରେ ଅନେକ ଖେଳ ବାକି ରହିଛି ବୋଲି ସେ ପ୍ରମାଣିତ କରିଛନ୍ତି । ବେଶ୍ କିଛି ସିଜନ୍‌ରେ ଆଶା ଅନୁସାରେ ପ୍ରଦର୍ଶନ କରିପାରୁନଥିବା ୩୦ ବର୍ଷୀୟ ସିନ୍ଧୁ ପ୍ୟାରିସ୍‌ରେ କମାଲ କରିଛନ୍ତି । ବିଶ୍ୱର ୨ ନଂ ସଟଲର ୱାଙ୍ଗ ଝି ୟିଙ୍କୁ ଜଲକା କରିଦେଇଛନ୍ତି ସିନ୍ଧୁ ।

ଚୀନ୍‌ର ତାରକା ସଟଲର ୱାଙ୍ଗ ସିଜନର ସବୁଠାରୁ ଭଲ ଖେଳାଳି ହୋଇଥିଲେ ହେଁ ସିନ୍ଧୁ ତାଙ୍କୁ ସିଧାସଳଖ ୨୧-୧୭, ୨୧-୧୫ଗେମ୍‌ରେ ପରାଜିତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ୨୦୨୧ ପରେ ପ୍ରଥମ ଥର ସିନ୍ଧୁ ବିଶ୍ୱ ଚାମ୍ପିଅନସିପର କ୍ୱାର୍ଟର ଫାଇନାଲ ଶୁକ୍ରବାର ଖେଳିବେ । ବିଶ୍ୱର ୧୫ ନଂ ସ୍ଥାନରେ ଥିବା ସିନ୍ଧୁଙ୍କ ମୁକାବିଲା ଇଣ୍ଡୋନେସିଆର ପୁଟ୍ରି କୁସୁମାଙ୍କ ସହ ହେବ । ସିନ୍ଧୁ ନିଜ ବ୍ୟାଡମିଣ୍ଟନ କ୍ୟାରିୟର ଷଷ୍ଠ ମେଡାଲ୍ ଜିତିବା ଠାରୁ ଗୋଟିଏ ପାଦ ଦୂରରେ ଅଛନ୍ତି । ସେମିରେ ପ୍ରବେଶ କରିବା



କ୍ଷଣି ସେ ଅତିକ୍ରମରେ ବ୍ରୋଞ୍ଜ ପଦକ ପକ୍କା କରିବେ । ରିଓରେ ରୌପ୍ୟ ପଦକ ଜିତିବା ଓ ୨୦୧୯ରେ ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ସିନ୍ଧୁଙ୍କ ପ୍ରଦର୍ଶନ କିଛି ବର୍ଷ ହେବ ଖରାପ ରହିଛି । ଏହି ମ୍ୟାଚରେ ମଧ୍ୟ ୱାଙ୍ଗ ଜିତିବେ ବୋଲି ସମସ୍ତେ ଆଶା କରିଥିଲେ । ହେଲେ ବଡ ଖେଳାଳି ଠିକ୍ ସମୟରେ ରଣହୁଙ୍କାର ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପ୍ୟାରିସ୍ କୋର୍ଟରେ ସିନ୍ଧୁ ନିଜ ଦଗଦବାକୁ ପୁଣି ଜାହିର କରିଛନ୍ତି । ଚଳିତ ସିଜନ୍‌ରେ ୱାଙ୍ଗ ସ୍ଥିର ପ୍ରଦର୍ଶନ କରିଛନ୍ତି । ସେ ଚାଇନା ଓପନ୍ ଜିତିବା ସହ ୬ ଟି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲେ । ସିନ୍ଧୁ ବିଶ୍ୱ ଚାମ୍ପିଅନସିପ୍ ପୂର୍ବରୁ ଭଲ ପ୍ରଦର୍ଶନ କରିନଥିବାରୁ ୱାଙ୍ଗ ବାଜି ମାରିବେ ବୋଲି କୁହାଯାଉଥିଲା । କିନ୍ତୁ ୪୮ ମିନିଟ୍ ଭିତରେ ୫ ଥର ପଦକ ବିଜେତା ସିନ୍ଧୁ ସମସ୍ତଙ୍କୁ ଜଲକା କରି ୱାଙ୍ଗଙ୍କୁ ହରାଇ ଦେଇଛନ୍ତି ।

# ଜାତୀୟ କରାଟେ କ୍ୟାମ୍ପ ଉଦ୍‌ଯାପିତ



ଭୁବନେଶ୍ୱର, ୨୮।୮ (ସବ୍ୟୁ) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଜାତୀୟ କରାଟେ କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି । କରାଟେ ଇଣ୍ଡିଆ ଅର୍ଗାନାଇଜେସନ ଦ୍ୱାରା ଆୟୋଜିତ ତଥା ଓଡିଶା କରାଟେ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଜାତୀୟ କ୍ୟାମ୍ପର ଉଦ୍‌ଯାପନ ଉତ୍ସବରେ ଜାତୀୟ ସଂଘର ସଭାପତି ଭରତ ଶର୍ମା , କୋଚ୍ ସାୱନ କୁମାର ଓ ସନ୍ଦିପ ଗାଡେ ଉପସ୍ଥିତ ରହି କରାଟେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଉତ୍ସବରେ ଓଡିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଂପାଦକ କାଳି ପ୍ରସାଦ ନନ୍ଦ, ପ୍ରଦୀପ କୁମାର ସରକାର, ପ୍ରଶାନ୍ତ ଧଳ, ସମ୍ପାଦକ ଗୌରୀ ମହାନ୍ତି, ଦୀପକ ସାମନ୍ତରା,ସନ୍ତୋଷ ମହାରଣା ପ୍ରମୁଖ ଉପସ୍ଥିତ ରହି କରାଟେ ଅଭୁତପୂର୍ବ ସଫଳତା ହାସଲକ କରିଥିବା ଅନ୍ତର୍ଜାତୀୟ ଖେଳାଳି ପ୍ରଣୟ ଶର୍ମା , ଆଲିସା ଓ ଆଲିସା ସୁବୁଦ୍ଧିଙ୍କୁ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବ କ୍ୟାମ୍ପରେ ଟ୍ରେନିଂ ଦେଇଥିବା ଦୁଇଥର କରାଟେ ବିଶ୍ୱ ଚାମ୍ପିଅନ ଅମୀର ମେହେଦିଜାଦେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଜ୍ୟ ସ୍କୁଲ ଓପନ୍ ଚେସ୍

# ମନିଶ ରଞ୍ଜନ ବିଜେତା

ଭୁବନେଶ୍ୱର, ୨୮।୮ (ସବ୍ୟୁ) : ଭୁବନେଶ୍ୱରର ଓଲ୍ଡ ଟାଉନ୍ ସ୍ଥିତ ଲିଙ୍ଗରାଜ କ୍ଲବ ପରିସରରେ ୧୧ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମନୀଷ ରଞ୍ଜନ ଦାସ ୫ ରାଉଣ୍ଡରୁ ୫ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛି ।



ଆୟଭ ନାଥ ମହାନ୍ତି ଦ୍ୱିତୀୟ, ସତ୍ୟନାରାୟଣ ସ୍ୱାଇଁ ତୃତୀୟ, ସ୍ଥିତପ୍ରଜ୍ଞ ଚତୁର୍ଥ ଏବଂ କବିର ଆନନ୍ଦ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ୭,୯,୧୧,୧୩,୧୫ ଓ ବାଳିକା ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିତାଙ୍କୁ ପୁରସ୍କାର କରାଯାଇଥିଲା । ୧୦ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, କର୍ପୋରେଟର ଶିବ ପ୍ରସାଦ ବେହେରା, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପ୍ରହରାଜ, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ୍ କାର୍ଯ୍ୟକାରୀ କମିଟି ସଦସ୍ୟ ଗଣେଶ ଚନ୍ଦ୍ର ପାଲ ଏବଂ ଦାସରଥୀ ଗରାବଡୁ ପ୍ରମୁଖ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସରୋଜ କୁମାର ମିଶ୍ର, ହେମନ୍ତ ମହାପାତ୍ର, ପ୍ରଦୀପ ମହାରଥ ଓ ମନୋଜ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ ।

## ଚତୁର୍ଥ ଆନ୍ତଃ ସ୍କୁଲ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା

# ପୁରୀ ଜିଲ୍ଲା ସ୍କୁଲ ଚାମ୍ପିଅନ୍



ଭୁବନେଶ୍ୱର, ୨୮।୮ (ସବ୍ୟୁ) : ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ଚତୁର୍ଥ ଆନ୍ତଃ ସ୍କୁଲ ଜିମ୍ନାଷ୍ଟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସ୍କୁଲ ଚାମ୍ପିଅନ ହୋଇଥିବା ବେଳେ କଟକର ଦିଲ୍ଲୀ ପବ୍ଲିକ୍ ସ୍କୁଲର ରନର୍ସ ଅପ୍ ହୋଇଛି ।

୪ଟି ବୟସ ବର୍ଗର ସ୍କୁଲ ପିଲା ପ୍ରତିଯୋଗିତାରେ ଭାଗ ନେଇଥିଲେ । ୩୦ ଟି ବିଦ୍ୟାଳୟର ୬ ରୁ ୧୨ ବର୍ଷର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ୬ ରୁ ୮ ବର୍ଷର ପିଲାମାନଙ୍କ ପାଇଁ କେବଳ ଫ୍ଲୋର ଅକ୍ସରସାଇଜ୍, ୧୦ ବର୍ଷର ପିଲାଙ୍କ ପାଇଁ ଦୁଇଟି ଇଭେଣ୍ଟ ଓ ୧୨ ବର୍ଷ ତଥା ଅଧିକ ବୟସ ବର୍ଗର ପିଲାଙ୍କ ପାଇଁ ୪ ଟି ଲେଖାଏଁ ଇଭେଣ୍ଟ ରଖାଯାଇଥିଲା । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ୍ ସଭାପତି ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର କର(ପୁରୀ ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ), ସିଦ୍ଧାର୍ଥ ଶଙ୍କର ରାଉତ (କେଟି ଗ୍ଲୋବାଲ୍ ସ୍କୁଲ ସିଇଓ), ନରେନ୍ଦ୍ର କୁମାର ସେଠୀ, ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସମ୍ପାଦକ ଯଶୋବନ୍ତ ଦାସ ଓ ଆଇନ୍ ପରାମର୍ଶ ଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏକାଡେମୀର ସମସ୍ତ ଅଭିଭାବକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ । ୬ ବର୍ଷରୁ କମ ବାଳକ ଫ୍ଲୋର ଏକ୍ସରସାଇଜ୍‌ରେ ହୃଦୟ ସିଙ୍ଘାନିଆ ପ୍ରଥମ, ବାଳିକାରେ ଜୟଶ୍ରୀ ପରମାଣିକ ପ୍ରଥମ, ୮ ବର୍ଷରୁ କମ ବାଳକ ଫ୍ଲୋର ଏକ୍ସରସାଇଜରେ ଭାସ୍କର ଭାବିକ୍ ବେଉରା ପ୍ରଥମ, ବାଳିକାରେ କିଭା ପ୍ରିଦର୍ଶିନୀ ବରାଳ, ୧୦ ବର୍ଷରୁ କମ ବାଳକ ଫ୍ଲୋର ଏକ୍ସରସାଇଜରେ ବିଷ୍ଣୁ ପ୍ରସାଦ ସାମନ୍ତରାୟ, ବାଳକ ଭଲଟିଙ୍ଗ ଟେବୁଲରେ ବିଷ୍ଣୁପ୍ରସାଦ ସାମନ୍ତ, ବାଳିକା ଫ୍ଲୋର ଏକ୍ସରସାଇଜରେ ଦିବ୍ୟାଞ୍ଜଳୀ ମହାନ୍ତୋ, ବାଳିକା ବାଲାନ୍ସିଂ ବିମରେ ଦିବ୍ୟାଞ୍ଜଳି ମହାନ୍ତୋ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆଡଭାନ୍ସ ବାଳକ ଭଲ୍ଟିଂ ଟେବୁଲ୍‌ରେ ଯଶରାଜ ମହାନ୍ତି ପ୍ରଥମ, ଫ୍ଲୋର ଏକ୍ସରସାଇଜରେ ଦିବ୍ୟାଂଶ ପାଣିଗ୍ରାହୀ, ପୋମେଲ୍ ହର୍ସରେ ଦିବ୍ୟାଂଶ ପାଣିଗ୍ରାହୀ, ପାରାଲାଲ୍ ବାରରେ ଦିବ୍ୟାଂଶ ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆଡଭାନ୍ସ ବାଳିକା ଫ୍ଲୋର ଏକ୍ସରସାଇଜରେ ଐଶ୍ୱର୍ଯ୍ୟା ଭଟ୍ଟାଚାର୍ଯ୍ୟ, ଭଲଟିଂ ଟେବୁଲରେ ଐଶ୍ୱର୍ଯ୍ୟା ଭଟ୍ଟାଚାର୍ଯ୍ୟ, ଅନ୍ ଇଭିନ୍ ବାରରେ ଐଶ୍ୱର୍ଯ୍ୟା ଭଟ୍ଟାଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବାଳିକା ବାଲାନ୍ସିଂ ଗେମ୍‌ରେ କେ ଖୁସି ରେଡ୍ଡୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି